

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୫ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 August 2024

Vol.No. 35 ■ No.228 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାମପନ୍ଥୀ ଉଗ୍ରବାଦ ବିରୋଧରେ ଚୂଡ଼ାନ୍ତ ଲଢେଇର ସମୟ ଆସିଛି : ଅମିତ ଶାହା



ନୂଆଦିଲ୍ଲୀ, ୨୪/୮ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଛତିଶଗଡ଼ର ରାୟପୁର ଗସ୍ତ କରିଛନ୍ତି। ଏହି ସମୟରେ ସେ ଏକ ସାମ୍ବାଦିକ ସମ୍ମିଳନୀକୁ ମଧ୍ୟ ସମ୍ବୋଧିତ କରିଥିଲେ। ନକ୍ସଲବାଦ ଉପରେ ଆକ୍ରମଣ କରି ସେ କହିଛନ୍ତି ଯେ ଏବେ ବାମପନ୍ଥୀ ସମସ୍ୟା ଉପରେ ଚୂଡ଼ାନ୍ତ ଆକ୍ରମଣ କରିବାର ସମୟ ଆସିଛି। ୨୦୨୬ ସୁଦ୍ଧା ନକ୍ସଲମୁକ୍ତ ହେବ ଦେଶ । ରାୟପୁରରେ ଅମିତ ଶାହା କହିଛନ୍ତି, ଭାରତ ସରକାର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଂଚଳରେ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ନକ୍ସଲ ପ୍ରଭାବିତ ରାଜ୍ୟଗୁଡ଼ିକର ପ୍ରଗତି ପଥରେ ଯେଉଁ ପ୍ରତିବନ୍ଧକ ରହିଛି ତାହାକୁ ଦୂର କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସମସ୍ତ ସିଏପିଏଫର ଡିଜି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଶାହା କହିଛନ୍ତି ବାମପନ୍ଥୀ ଉଗ୍ରବାଦ ହେଉଛି ଆଜିର ସବୁଠାରୁ ବଡ଼ ଆହ୍ୱାନ। ସମୁଦାୟ ୧୭,୦୦୦ ଲୋକ ଏହି ସମସ୍ୟାରେ ପ୍ରାଣ ହରାଇଛନ୍ତି। ଏବେ ବାମପନ୍ଥୀ ସମସ୍ୟା ଉପରେ ଚୂଡ଼ାନ୍ତ ଆକ୍ରମଣ କରିବାର ସମୟ ଆସିଛି। ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରଠାରୁ ଏହି ସମସ୍ୟାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରାଯାଇଛି। ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୋଦୀ ସରକାର ଏଥିପାଇଁ କାମ କରିଛନ୍ତି । ବହୁତ ଭଲ ବିକାଶ ହୋଇଛି । ବସ୍ତରରୁ ବିଜାପୁର ଓ ଧମତାରୀ ପର୍ଯ୍ୟନ୍ତ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ୨୦୧୪ରୁ ୨୦୨୪ ମଧ୍ୟରେ ସର୍ବନିମ୍ନ ସଂଖ୍ୟକ ନକ୍ସଲ ମୃତ୍ୟୁ ଘଟିଛି। ୨୦୦୪ରୁ ୨୦୧୪ ମଧ୍ୟରେ ଏବଂ ସେବେଠାରୁ ୫୩ ପ୍ରତିଶତ ଘଟଣା ହ୍ରାସ ପାଇଛି।

## ଭାରତରେ ଖୋଲିବ ୟୁକ୍ରେନ କମ୍ପାନୀ

ନୂଆଦିଲ୍ଲୀ, ୨୪/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ମୋଦୀ ଗତକାଲି ୟୁକ୍ରେନ ରାଷ୍ଟ୍ରପତି ଭୋଲେଡିମିର ଜେଲେନସ୍କିଙ୍କୁ ଭେଟି ରୁଷ ଓ ୟୁକ୍ରେନ ଯୁଦ୍ଧକୁ ସମାପ୍ତ କରିବା ପାଇଁ ବାର୍ତ୍ତା ଦେଇଥିଲେ।ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବା ପରେ ଜେଲେନସ୍କି କହିଛନ୍ତି ୟୁକ୍ରେନ ଭାରତରେ କମ୍ପାନୀ ଗଢିବା ନେଇ ଇଚ୍ଛୁକ ଅଛି।ଜେଲେନସ୍କି ଆହୁରି ମଧ୍ୟ କହିଛନ୍ତି ଆମେ ଆପଣଙ୍କ କମ୍ପାନୀ କିବରେ ଖୋଲିବା ପାଇଁ ପ୍ରସ୍ତୁତ।ମୋଦୀଙ୍କ ୟୁକ୍ରେନ ଗ୍ରସ୍ତକୁ ନେଇ ସାରା ବିଶ୍ୱର ନଜର ରହିଛି।ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି ୟୁକ୍ରେନ ଭାରତରେ ନିର୍ମିତ ଦ୍ରବ୍ୟ କ୍ରୟ କରିବ ଏବଂ କିବରେ ଭାରତୀୟ କମ୍ପାନୀ ଖୋଲିବାକୁ ଅନୁମତି ଦେଇ ସିଧାସଳଖ ଭାରତ ସହ ଜଡିତ ହେବାକୁ ପ୍ରସ୍ତୁତ।ଜେଲେନସ୍କି କହିଛନ୍ତି ଆମେ ଆପଣଙ୍କ କମ୍ପାନୀ କିବରେ ଖୋଲିବା ପାଇଁ ପ୍ରସ୍ତୁତ।ଆମେ ମଧ୍ୟ ଆମର କମ୍ପାନୀ ଭାରତରେ ଖୋଲିବାକୁ ପ୍ରସ୍ତୁତ।ତେଣୁ ଆମେ ଏହି ପ୍ରକାର ବାର୍ତ୍ତାଳାପ ଏବଂ ଏହି ପ୍ରକାର କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ।ଏହାରି ମଧ୍ୟରେ ବୈଦେଶିକ ବ୍ୟାପାରମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେମାନଙ୍କ ଆଲୋଚନା ସମୟରେ ୟୁକ୍ରେନ ରାଷ୍ଟ୍ରପତି ଭାଲୋଡିମିର ଜେଲେନସ୍କିଙ୍କୁ ଭାରତ ଗ୍ରସ୍ତ କରିବାକୁ ଆମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିମନ୍ତ୍ରଣ ବିଷୟରେ ପଚରା ଯାଇଥିବାବେଳେ ଜେଲେନସ୍କି କହିଛନ୍ତି ବର୍ତ୍ତମାନ ଭାରତ ଭଳି ଦେଶ ଦେଖିବାକୁ ମୋର ସମୟ ନାହିଁ।କାରଣ ଏହା ମୋ ପାଇଁ ଅତ୍ୟନ୍ତ ଦୁଃଖ ଦାୟକ।କାରଣ ଯୁଦ୍ଧ ସମୟରେ ମୋର ଦେଖିବା ଓ ବୁଝିବା ପାଇଁ ସମୟ ନାହିଁ।

## ବିଧାନସଭାରେ ସଂରକ୍ଷଣ ତାତି: ଗୃହରେ ଲିଫ୍ ଲେଟ୍ ଫିଙ୍ଗିଲା କଂଗ୍ରେସ



ଭୁବନେଶ୍ୱର, ୨୪/୮ (ନି.ପ୍ର): ବିଧାନସଭାରେ ସଂରକ୍ଷଣ ତାତି । ବିରୋଧୀଙ୍କ ପ୍ରବଳ ତମ୍ବିତୋଫାନ । ଅପରାହ୍ନ ୪ଟା ଯାଏଁ ଗୃହ ମୁଲତବି ହୋଇଛି । ଆଜି ଶୂନ୍ୟକାଳ ଆରମ୍ଭରେ ଓବିସି, ଏସସି/ଏସଟି ସଂରକ୍ଷଣ ପ୍ରସଙ୍ଗ ଉଠାଇ ଗୃହ ମଧ୍ୟଭାଗରେ ନାରାବାଜି କରିଥିଲେ କଂଗ୍ରେସ ଓ ବିଜେଡି ବିଧାୟକ । ବାଚସ୍ପତିଙ୍କ ପୋଡ଼ିୟମ ତଳେ ବିରୋଧୀ ସଦସ୍ୟ ହଙ୍ଗାମା କରିଥିଲେ। ଫଳରେ ବାଚସ୍ପତି ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବି ଘୋଷଣା କରିଛନ୍ତି । ଆଜି ଶୂନ୍ୟକାଳ ଆରମ୍ଭରେ କଂଗ୍ରେସ ସଦସ୍ୟ ସଂରକ୍ଷଣକୁ ନେଇ ପ୍ରବଳ ହଙ୍ଗାମା କରିଥିଲେ । ଗୃହ ଭିତରେ ଲିଫ୍ଲେଟ୍ ଫିଙ୍ଗି ପ୍ରତିବାଦ କରିଥିଲା କଂଗ୍ରେସ । ବିଜେଡି ବି ନାରାବାଜି କରିଥିଲା । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟରେ ଓବିସି ୫୪ ପ୍ରତିଶତ, ଏସସି/ଏସ୍ଟି ୪୦ ପ୍ରତିଶତ ଅଛନ୍ତି । କିନ୍ତୁ ଓବିସି ସଂରକ୍ଷଣ ୨୭ ପ୍ରତିଶତ ବଦଳରେ ଶୂନ୍ୟ କରାଯାଇଛି। ଅଧିକାର ନ ମିଳିଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି । ସେହିପରି ବିଜେଡି କହିଛି, ଓବିସି ବର୍ଗଙ୍କୁ ଚାକିରି ପରି ୧୧.୨୫ ପ୍ରତିଶତ ସଂରକ୍ଷଣ ଲାଗୁ କରନ୍ତୁ। ନହେଲେ ଆଗାମୀ ଦିନରେ ▶▶ପୃଷ୍ଠା ୭

## ପୁଣି ଜିଲ୍ଲା ଗସ୍ତରେ ଯିବେ ସବୁ ସଚିବ: ପାରଦର୍ଶିତା ପାଇଁ ଆସିବ ନୂଆ ଟେକ୍ନୋଲୋଜି




ଭୁବନେଶ୍ୱର, ୨୪/୮ (ନି.ପ୍ର): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଭାଗୀୟ ସଚିବମାନଙ୍କୁ ଜିଲ୍ଲା ଗସ୍ତରେ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଜେଡି ସରକାରରେ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ଯୋଗୁ ବିଭାଗୀୟ ସଚିବମାନଙ୍କ ଜିଲ୍ଲା ଗସ୍ତ ଉପରେ ଅଘୋଷିତ କଟକଣା ଲାଗିଥିଲା । ସେହିପରି ସରକାରୀ କାର୍ଯ୍ୟକ୍ରମର ପରିଚାଳନା ଓ ବ୍ୟବସ୍ଥାରେ ପାରଦର୍ଶିତା ଆଣିବା ପାଇଁ ନୂଆ ଟେକ୍ନୋଲୋଜି ଲାଗୁ କରିବାକୁ ସଚିବମାନଙ୍କୁ ପରାମର୍ଶ ଦିଆଯାଇଛି । ସୂଚନା ଅନୁସାରେ, ବିଭାଗୀୟ ସଚିବମାନଙ୍କୁ ସର୍ବନିମ୍ନ ୨ଦିନ ଜିଲ୍ଲା ଗସ୍ତରେ ଯିବା ପାଇଁ ମୁଖ୍ୟ ସଚିବ ▶▶ପୃଷ୍ଠା ୭

## ଦୁଷ୍କର୍ମ ଅଭିଯୁକ୍ତ ଡାକ୍ତର ଦିଲବାଗ ସିଂହ ଏଏସସିବିରୁ ବହିଷ୍କୃତ

ଭୁବନେଶ୍ୱର, ୨୪/୮ (ନି.ପ୍ର): କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଦୁଇ ମହିଳା ରୋଗୀଙ୍କୁ ଚିକିତ୍ସା ବାହାନାରେ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଡାକ୍ତର ଦିଲବାଗ ସିଂ ଠାକୁରଙ୍କୁ ଏସସିବିରୁ ବହିଷ୍କୃତ କରାଯାଇଛି। ଏସସିବି ମେଡିକାଲ କଲେଜ କାଉନ୍ସିଲର ଜରୁରୀ ବୈଠକ ବସିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମେଡିକାଲ କଲେଜ କାଉନ୍ସିଲର ଜରୁରୀ ବୈଠକ ବସିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏସସିବି ଅଧକ୍ଷ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

## ଉନ୍ମୋଚିତ ହେବ ସୈରିନ୍ଧ୍ରୀ ସାହୁଙ୍କ 'ଅନୁଚ୍ଚାରିତ' ଓ ଜ୍ୟୋତ୍ସ୍ନା ମିଶ୍ର ପାଣିଗ୍ରାହୀଙ୍କ 'ଶେଷ ବସନ୍ତର ଅଶ୍ରୁ'




ବାଲେଶ୍ୱର, ତା ୨୪/୦୮ (ନି.ପ୍ର) ଧ୍ୱନି ପ୍ରତିଧ୍ୱନିର ୩୫ତମ ବାର୍ଷିକ ଉତ୍ସବ ତଥା ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ମିଳିତ ସମ୍ମାନ ପ୍ରଦାନ ସମାରୋହରେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ପ୍ରକାଶିତ ଗାଳ୍ପିକା ଜ୍ୟୋତ୍ସ୍ନା ମିଶ୍ର ପାଣିଗ୍ରାହୀଙ୍କ ଗଳ୍ପ ସଂକଳନ 'ଶେଷ ବସନ୍ତର ଅଶ୍ରୁ' ଏବଂ କବି ସୈରିନ୍ଧ୍ରୀ ସାହୁଙ୍କ କବିତା ସଂକଳନ 'ଅନୁଚ୍ଚାରିତ'ର ଶୁଭ ଉନ୍ମୋଚନ ହେବ । ଦୀର୍ଘଦିନ ଧରି ସାଧନାରତ କବି ସୈରିନ୍ଧ୍ରୀଙ୍କର ଦୀର୍ଘ ସାତବର୍ଷର ବ୍ୟବଧାନରେ ଏହି କବିତା ପୁସ୍ତକଟି ପ୍ରକାଶିତ ହେଉଥିବାବେଳେ ଗାଳ୍ପିକା ଜ୍ୟୋତ୍ସ୍ନା ମିଶ୍ର ପାଣିଗ୍ରାହୀଙ୍କ ରଚିତ ଜୀବନବାଦୀ ସାମାଜିକ ଓ ପରିବାରିକ କଥାବସ୍ତୁକୁ ନେଇ ରଚିତ ଚାଳିଶ ଗୋଟି ଗଳ୍ପର ଏହି ସଂକଳନ ଉନ୍ମୋଚିତ ହେବ ବୋଲି ପ୍ରକାଶକ ଡ. କାଳୀପଦ ପଣ୍ଡା ପ୍ରକାଶ କରିଛନ୍ତି ।

## 'ଧ୍ୱନି ପ୍ରତିଧ୍ୱନି'ର ୩୫ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ ଆଜି

ବାଲେଶ୍ୱର, ୨୪/୦୮ (ନି.ପ୍ର): ବାଲେଶ୍ୱରରୁ ଦୀର୍ଘ ୩୫ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ ସାହିତ୍ୟ ପତ୍ରିକା 'ସାଗରିକା'ର ୩୫ତମ ବାର୍ଷିକ ଉତ୍ସବ ଓ ମିଳିତ ସମ୍ମାନ ପ୍ରଦାନ ସମାରୋହ ଆସନ୍ତାକାଲି ପୂର୍ବାହ୍ନ ୯.୩୦ ସମୟରେ ବାଲେଶ୍ୱର ସହରସ୍ଥ ଭେନିୟା ପାରାଡାଇଜ୍ ଠାରେ ଯଥାରୀତି ଅନୁଷ୍ଠିତ ହେବ। ଏହି ଅବସରରେ ସମ୍ମାନନୀୟ ଅତିଥିଭାବେ ବିଶିଷ୍ଟ ଲେଖିକା ଡ. ସଂଘମିତ୍ରା ମିଶ୍ର, କବି ରତ୍ନାକର ରାଉତ, କବି ପ୍ରଶାନ୍ତ କୁମାର ହୋତା, ବିଶିଷ୍ଟ ବି ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର ଡକ୍ଟର ଅଜୟ ସ୍ୱାଇଁ, କବି ପ୍ରଫେସର ଗିରିଜା ଶଙ୍କର ଶର୍ମା, ସଂଳାପ ଲେଖକ ତଥା ଗୀତିକାର ଡକ୍ଟର ରଜନୀ ରଂଜନ ଦାଶ, କବି ପ୍ରମିଳା ପଣ୍ଡା ଓ ସୁବର୍ଣ୍ଣଶ୍ରୀର ପ୍ରକାଶକ ଡ. କାଳୀପଦ ପଣ୍ଡା ପ୍ରମୁଖ ଯୋଗଦେବେ। ଏହି ଅବସରରେ ଦୁଇଟି ପର୍ଯ୍ୟାୟରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ଆୟୋଜନ କରାଯାଇଛି। ସମ୍ମାନ ପ୍ରଦାନ ସମାରୋହରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା' ପକ୍ଷରୁ ସମ୍ମାନ ପ୍ରଦାନ କରାଯିବ। ପ୍ରଫେସର ସଂଘମିତ୍ରା ମିଶ୍ର, ଦୟାନିଧି ଦାଶ, ବିଜୟ ଉପାଧ୍ୟାୟ, ଡ. ଅବନୀ ପ୍ରଧାନ, ଦେବପ୍ରସାଦ ଦାଶ, ଡ. ଶ୍ରୀଧର ସାମଲ, ଡ. ଶ୍ରୀହରି ପଣ୍ଡା, ଶରତ କୁମାର ଦାସ, ଶ୍ରୀନିବାସ ସେଠୀ, ବନମାଳୀ ସେନାପତି, ସୁବ୍ରତ କୁମାର କର, ସୁମନ୍ତ କୁମାର ସାହୁ, ଶ୍ରୀକାନ୍ତ କୁମାର ମିଶ୍ର, ସୁଧାଂଶୁ ଶେଖର ପୃଷ୍ଟି ଓ ଭବାନୀ ଶଙ୍କର ଆଚାର୍ଯ୍ୟ ପ୍ରମୁଖଙ୍କୁ ସମ୍ମାନ ପ୍ରଦାନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଧ୍ୱନି ପ୍ରତିଧ୍ୱନିର ଶୁଭେଚ୍ଛୁ, ଲେଖକ ଓ ପାଠକମାନେ ଯୋଗଦେବାକୁ 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡା ଅନୁରୋଧ କରିଛନ୍ତି।






## ଖୋଲିଲା ହୀରାକୁଦ ଜଳଭଣ୍ଡାରର ଆଉ ୮ଟି ଗେଟ୍

ସମ୍ବଲପୁର, ୨୪/୮ (ନି.ପ୍ର): ହୀରାକୁଦର ଖୋଲିଲା ଆଉ ୮ଟି ଗେଟ୍ । ଆଜି ହୀରାକୁଦ ଜଳଭଣ୍ଡାରର ଆଉ ୮ଟି ଗେଟ୍ ଖୋଲିଛି । ବର୍ତ୍ତମାନ ମୋଟ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ବାମ ପଟୁ ୯ଟି ଓ ଡାହାଣ ପଟୁ ୫ଟି ଗେଟ୍ ଖୋଲା ରହିଛି । ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ବଢ଼ୁଛି ଜଳସ୍ତର । ଜଳସ୍ତର ବଢୁଥିବାରୁ ଖୋଲାଯାଇଛି ଆଉ ୮ଟି ଗେଟ୍ । ଉପର ମୁଣ୍ଡରେ ବର୍ଷା ବଢ଼ିଥିବାରୁ ଜଳଭଣ୍ଡାରକୁ ଇନଫ୍ଲୋ ବଢ଼ିଛି । ଆଉଟ୍‌ଫ୍ଲୋ ସମାନ ରଖିବା ପାଇଁ ଆଉ ୮ଟି ଗେଟ୍ ଖୋଲିଥିବା ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଗୁରୁବାର ଦିନ ୬ଟି ଗେଟ୍ ଖୋଲାଯାଇଥିଲା ।

## ୨୭ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪/୮ (ନି.ପ୍ର): ଉତର ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ପରବର୍ତୀ ୪୮ ଘଂଟାରେ ଏହା ଘନିଭୂତ ହୋଇ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇପାରେ। ଏନେଇ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ଆସନ୍ତାକାଲି ପର୍ଯ୍ୟନ୍ତ ୮ ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢ଼େଙ୍କାନାଳ, କଟକ, ଜଗତସିଂହପୁର, ଯାଜପୁର ଓ କେନ୍ଦ୍ରାପଡ଼ା । ଏହିସବୁ ଜିଲ୍ଲାରେ ୭ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି। ଏହାସହ ୭ରୁ ୧୧ ସେମି ବର୍ଷା ସମ୍ଭାବନା ଥିବା ଅନ୍ୟ ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।


ସାଗରିକା

ଧ୍ୱନି ପ୍ରତିଧ୍ୱନି

୩୫ଶ

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୪

ଆଜି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୫ ଅଗଷ୍ଟ, ୨୦୨୪, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ନିଶାମଣି ଉଚ୍ଚ ବିଦ୍ୟାଳୟରେ ସୁମତି ସ୍ମୃତି ସଂସଦର ବାର୍ଷିକ ଉତ୍ସବ ପାଳିତ



ବାଲିଆପାଳ/ଲଙ୍ଗଳେଶ୍ୱର, ୨୪/୮ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରତାପପୁର ନିଶାମଣି ଉଚ୍ଚ ବିଦ୍ୟାଳୟରେ ଶନିବାର ସୁମତି ସ୍ମୃତି ସଂସଦର ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ହିବେହେରା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଜେନା ମୁଖ୍ୟଅତିଥି, ନିକଟସ୍ଥ କେ, ସି, ନାରାୟଣପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା ମୁଖ୍ୟବକ୍ତା, ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପଣ୍ଡା, ପରିଚାଳନା କମିଟି ସଭାପତି ସୁଜୟ କୁମାର ପାତ୍ର, ଶିକ୍ଷକ ହରେକୃଷ୍ଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସୁମତି ଦ୍ୱୋଙ୍କର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସୁମତୀ ଦେବୀଙ୍କର ସ୍ୱାମୀ ରବୀନ୍ଦ୍ର ନାଥ ହାଜିରାଙ୍କ ଆର୍ଥିକ ସହଯୋଗରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରିବା ସହିତ ସମସ୍ତଙ୍କ ପାଇଁ ଏକ ଭୋଜନର ବ୍ୟବସ୍ଥା ମଧ୍ୟ କରିଥିଲେ। ସର୍ବଶେଷରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କମଳ ଲୋଚନ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁମତି ସି, ମାମିନା ଦାସ,ପ୍ରତିମା ଦାସ, ମୌସୁମୀ ଦାସ,ସୁଚିସ୍ମିତା ପରିଡ଼ା, ସଂଯୁକ୍ତା ତ୍ରିପାଠୀ ଶିକ୍ଷକ ପୁଲକ୍ ସ, ହରେକୃଷ୍ଣ ମାଝୀ, ଅନୀଲ ଧଳ, ରାମଚନ୍ଦ୍ର ସେଠୀ ଏବଂ କର୍ମଚାରୀ ଜୟନ୍ତୀ ପଣ୍ଡା, ସଶିଧର ମଣ୍ଡଳ, ଚିନ୍ମୟ ପ୍ରାମାଣିକ ଏମାନଙ୍କ ସହିତ ପରିଚାଳନା କମିଟିର ସମସ୍ତ ସଦସ୍ୟା ପୂର୍ଣ୍ଣ ସହଯୋଗ କରିଥିଲେ।

# ଓଲଡିଂ ବେଳେ ଜଳିଗଲା ସ୍କୁଟି ଗାଡ଼ି



ନୀଳଗିରି,୨୫/୮(ନିପ୍ର) : ଏକ ପେଟ୍ରୋଲ ସ୍କୁଟି ଗାଡ଼ିର ମେନ ଷ୍ଟାଣ୍ଡ ଓଲଡିଂ ବେଳେ ଅଗ୍ନି ସଂସ୍ପର୍ଶରେ ଆସି ହୁତୁ ହୁତୁ ହୋଇ ଜଳିଗଲା । ଘଟଣାଟି ଘଟିଛି ନୀଳଗିରି ଗୁଡ଼ିଖାଣିଆ ବସ୍ତି ନିକଟରେ ଏକ ଓଲଡିଂ ଦୋକାନରେ । ଓଡି ୦୧ଜି୯୯୬୭ ବିଶିଷ୍ଟ ହୋଣ୍ଡା ଏକ୍ଟିଭା ପେଟ୍ରୋଲ ସ୍କୁଟି ଗାଡ଼ିର ମେନ ଷ୍ଟାଣ୍ଡକୁ ଆଜି ସନ୍ଧ୍ୟା ବେଳେ ଓଲଡିଂ କରୁଥିବା ବେଳେ ଗାଡିଟି ଜଳି ଯାଇଥିଲା । ନୀଳଗିରି ଏନଏସି ଅନ୍ତର୍ଗତ ବରିସାହି ଗ୍ରାମର ଆର୍ତ୍ତ ନାୟକ ନିଜ ଓଡି- ୦୧ଜି-୯୯୬୭ ହୋଣ୍ଡା ଏକ୍ଟିଭା ସ୍କୁଟି ଗାଡ଼ିର ମେନ ଷ୍ଟାଣ୍ଡକୁ ନୀଳଗିରି ଗୁଡ଼ିଖାଣିଆ ନିକଟସ୍ଥ ଏକ ୱେଲଡିଂ ଦୋକାନରେ ୱେଲ୍ଡିଂ କରୁଥିବା ସମୟରେ ହଠାତ୍ ପେଟ୍ରୋଲ ସଂସ୍ପର୍ଶରେ ଆସି ଜଳିବାକୁ ଲାଗିଥିଲା। ନୀଳଗିରି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ବେଳକୁ ସ୍କୁଟିଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଥଲା। ଏଥିରେ କାହାରି କୌଣସି କ୍ଷତି ହୋଇନଥିବା ଜଣାଯାଇଛି।

# ପ୍ରତିଶ୍ରୁତି'ର ନବ ପ୍ରତିଭା ସୃଜନୀ ପ୍ରୟାସ କାର୍ଯ୍ୟକ୍ରମ



ବଡ଼ସାହି,୨୫/୮(ନିପ୍ର) :ଦୀର୍ଘ ୪୨ବର୍ଷ ଧରି ମୟୁରଭଞ୍ଜରୁ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ମୂଳକ ତ୍ରୟ ମାସିକ ପତ୍ରିକା ପ୍ରତିଶ୍ରୁତି ଆନୁକୂଲ୍ୟରେ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ପାଟଲିପୁରା ଠାରେ ଛାତ୍ର ଛାତ୍ରୀ ମାନଙ୍କ ମଧରେ ନବ ପ୍ରତିଭା ସୃଜନୀ ପ୍ରୟାସ କାର୍ଯ୍ୟକ୍ରମ କବିତା ଲିଖନ ପ୍ରତିଯୋଗିତା ସାହିତ୍ୟ ସୃଜନୀର ପ୍ରଶିକ୍ଷିତ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି, ରିତାରାଣୀ ଦାଶ ଏବଂ କାଞ୍ଚନମାଳା ଜେନାଙ୍କର ମାର୍ଗ ଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ଉପଦେଷ୍ଟା ବାବାଜୀ ଦାସ, ମୁଖ୍ୟବକ୍ତା ଭାବରେ ପ୍ରତିଶ୍ରୁତି ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା, ସମ୍ମାନିତ ବକ୍ତା ଭାବରେ କଇଁଫୁଲ ପତ୍ରିକାର ସମ୍ପାଦକ ପର୍ଶୁରାମ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଲେଙ୍କା, ସମାଜସ୍ୱେୀ ଗୋବିନ୍ଦ ଚନ୍ଦ୍ର ଦୁର୍ଗା ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ କବିତା ଲିଖନର ଶୈଳୀ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । କବିତା ଲିଖନ ପ୍ରତିଯୋଗିତାରେ କୁମାରୀ ମୋନାଲିସା କର, ଜୟଶ୍ରୀ ମାହାର୍ଣ୍ଣା ଏବଂ ମନୀଷା ମହାଳିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ଡ଼କ୍ଟର ରମାକାନ୍ତ ମହାନ୍ତ । ଧନ୍ୟବାଦ ଅର୍ପଣ କରିଥିଲେ ଓଷ୍ଟାର ବେତନଟୀ ବ୍ଲକ ସଭାପତି ଶିଶିର କୁମାର ନାୟକ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ ।

# ବଜ୍ରପାତ, ଶିଶୁ ସୁରକ୍ଷା, ଓ ସମାଜ ମଙ୍ଗଳ ଜନିତ ସଚେତନତା ବାର୍ତ୍ତା ଦେବେ ଜିଲ୍ଲାର ଲୋକ କଳାକାର

## ଆପତକାଳୀନ ବିପତ୍ତିରୁ ରକ୍ଷା ପାଇବାପାଇଁ ପାଲା ଓ ଦାସକାଠିଆ ମାଧ୍ୟମରେ ଜନତାଙ୍କୁ କରାଯିବ ସଚେତନ




ବାରିପଦା,୨୫/୮(ନିପ୍ର) : ବଜ୍ରପାତ, ସାପ କାମୁଡ଼ା, ଶିଶୁ ଶ୍ରମିକ ଏବଂ ସୁରକ୍ଷା ଭଳି ସମାଜ ପାଇଁ ବିଭିନ୍ନ ଆବଶ୍ୟକୀୟ ସଚେତନ ଧର୍ମୀ ତଥ୍ୟକୁ ଜିଲ୍ଲାର ପ୍ରତି ଘରେ ଘରେ ଜନାଦୃତ କରିବା ପାଇଁ ମୟୂରଭଞ୍ଜ ପ୍ରଶାସନ ପକ୍ଷରୁ ଆରମ୍ଭ ହେବାକୁ ଯାଉଛି ଲୋକକଳା ଭିତ୍ତିକ କାର୍ଯ୍ୟକ୍ରମ। ଜିଲ୍ଲା ସଂସ୍କୃତି ବିଭାଗ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ଜରୁରୀକାଳୀନ ବିଭାଗ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମାନଙ୍କ ମିଳିତ ଆନୁକୂଲ୍ୟରେ ଲୋକକଳା ମାଧ୍ୟମରେ ସମଗ୍ର ଜିଲ୍ଲାରେ ହେବ ବିଭିନ୍ନ ଜରୁରୀକାଳୀନ ଏବଂ ସମାଜ ମଙ୍ଗଳ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ମାନ। ଏହି ପରିପ୍ରେକ୍ଷୀରେ, ଶୁକ୍ରବାର ଦିନ ବାରିପଦା ସ୍ଥିତ ସଂସ୍କୃତି ଭବନ ଠାରେ ଜିଲ୍ଲାର ସମସ୍ତ ବ୍ଲକ ର କଳାକାର ସଂଘର ଉପସଭାପତି ମାନଙ୍କୁ ନେଇ ଏକ ଦିବାସୀୟ କଳାକାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ନିର୍ବାହକ ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧା ସୁମନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମାତାମୟୀ ବିଶ୍ୱାଳ ଯୋଗ ଦେଇ କେଉଁ କେଉଁ ସଚେତନତା ଧର୍ମୀ ତଥ୍ୟ ଜନସାଧାରଣଙ୍କ ନିକଟରେ ପାଲା, ଦାସକାଠିଆ, ଦଣ୍ଡନାଚ, ଝୁମର ନୃତ୍ୟ, ପରକାଳୀ ନୃତ୍ୟ ଓ କୀର୍ତ୍ତନ ଭଳି ଲୋକକଳା ମାଧ୍ୟମରେ ପରିବେଷଣ କରିବେ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ସମସ୍ତ କଳାକାରଙ୍କୁ ଲୋକକଳା ପରିବେଷଣ କଲାବେଳେ ସ୍ଥାନୀୟ ଭାଷା ଓ ସେଠାକାର ଜନସାଧାରଣ ମାନଙ୍କ ଜୀବନ ଜୀବିକାକୁ ବ୍ୟବହାର କରି ଉପାଦେୟ ମାଧ୍ୟମରେ ସୂଚିତ କରିବେ ବୋଲି କହିଥିଲେ। ବିଶେଷକରି, ସମ୍ପ୍ରତି ବଜ୍ରପାତ ଜନିତ ମୃତ୍ୟୁ ଏବଂ ତତଜନିତ ସଚେତନତା ପାଇଁ କଣ କଣ ପଦକ୍ଷେପ ପ୍ରଶାସନ ନେଉଛି ସେ ବିଷୟରେ କିଭଳି ଲୋକ ମାନଙ୍କୁ ବୁଝା ଯିବା ଆବଶ୍ୟକ, ଏହାର ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ କିଭଳି ସମ୍ପନ୍ନ କରାଯିବ ସେଥିପାଇଁ ସମସ୍ତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ସଂସ୍କୃତି ବିଭାଗ ଦାୟିତ୍ୱବହନ କରିଛନ୍ତି।

# ଋଷି ମଠ'କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅଂଟା ଭିଡ଼ିଲେ ସ୍ୱେଚ୍ଛାସେବୀ



ଉଦଳା ତା.୨୫/୦୮(ନି.ପ୍ର)- କପ୍ତିପଦା ବ୍ଲକର ଦର୍ଶନୀୟସ୍ଥାନ 'ଶମୀବୃକ୍ଷ' ଠାରୁ ଅଳ୍ପ ଦୂରରେ ମାଛକାନ୍ଦଣା ନିକଟରେ ରହିଛି 'ଋଷି ମଠ' । ଶମୀବୃକ୍ଷକୁ ଆସୁଥିବା ପର୍ଯ୍ୟଟକ ମାନେ ଋଷି ମଠ ସମ୍ପର୍କରେ ଜାଣିନଥିବାରୁ ଏହାକୁ ଦେଖିବାକୁ ଆସିନଥାନ୍ତି । ତେବେ ଏହି ଋଷି ମଠକୁ ଅଧିକ ଆକର୍ଷଣୀୟ କରାଯିବା ସହିତ ପର୍ଯ୍ୟଟକ ମାନଙ୍କୁ କିପରି ଆକୃଷ୍ଟ କରାଯିବ ସେଥିପାଇଁ ନିକଟସ୍ଥ ଗ୍ରାମ ନଛିପୁର, ନୁଆସାହି, ମନଭଂଗା ଓ କୋଳିଅଳମର କିଛି ଯୁବକ ସାମାଜିକ କର୍ମୀ ମୋହନଦାସଙ୍କ ନେତୃତ୍ୱରେ ଆରମ୍ଭ କରିଛନ୍ତି ଉଦ୍ୟମ । ଏଥିପାଇଁ ଗତ ରକ୍ଷାବନ୍ଧନ ଉତ୍ସବ ଦିନ ପ୍ରଥମ ବୈଠକ ବସିବା ସହ ଏଣିକି ପ୍ରତିପୂର୍ଣ୍ଣମି ଦିନ ଉକ୍ତ ମଠରେ ଭଜନ କିର୍ତନ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯିବାର ନିଷ୍ପତି ନିଆଯାଇଛି । ମଠରେ ନିୟୋଜିତ ଥିବା ପୂଜକ ନିଶାକର ଦେହୁରି ଉକ୍ତ ମଠ ସମ୍ପର୍କରେ କୁହନ୍ତି, ଅତିତରେ ଏହି ମଠଟି ବହୁ ସାଧୁସନ୍ଥଙ୍କର ସାଧନାର ପୀଠ ଥିଲା। କାଳକ୍ରମେ ସାଧୁସନ୍ଥ ମାନଙ୍କରଦେହାନ୍ତ ପରେ ଆଉ କୌଣସି ଭକ୍ତ ଏଠାକୁ ଆସୁନଥିବାରୁ ଜଙ୍ଗଲ ମଧ୍ୟରେ ଏହା ଶ୍ରୀହୀନ ଅବସ୍ଥାରେ ପଡ଼ିରହିଥିଲା । ପ୍ରକୃତିବନ୍ଧୁ ନରୋତମ ଦାସ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ ନକରି ମଠର ପରିବେଶକୁ ସଜାଡ଼ିବା ପାଇଁ ସମସ୍ତଙ୍କୁ ଅନୁରୋଧ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଶାକର ମଢ଼େଇ, ସୁଶାନ୍ତ ବିଶ୍ୱାଳ, ବାବାଜି ନାୟକ , ମିନା ବିଶ୍ୱାଳ, କୃପାସିନ୍ଧୁ ପାତ୍ର, ଶ୍ୟାମସୁନ୍ଦର ସିଂ, ଭଗବାନ ବେହେରା, ଦିଲିପ ପରିଡ଼ା, ଗୋବିନ୍ଦ ବାରିକ ପ୍ରମୁଖ ଯୋଗ ଦେଇ ଋଷି ମଠ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳୁଥିବା ଲୋକକଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଆସନ୍ତା ପୂର୍ଣ୍ଣମା ଦିନ ପୁଣି ପରବର୍ତି ବୈଠକ ବସିବା ସହ ଆଗାମି କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତି ନିଆଯିବ ବୋଲି ମୋହନ ଦାସ ଘୋଷଣା କରିବା ପରେ ଆଜିର ବୈଠକର ଯବନିକା ପଡ଼ିଥିଲା ।

# ସେନା କର୍ମଚାରୀଙ୍କ ଅକାଳ ବିୟୋଗ ପାଇଁ ଶୋକର ଛାୟା



ବାଲିଆପାଳ,୨୫/୮( ନି ପ୍ର ) ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ କଣ୍ଟାଡିହା ଗ୍ରାମର ରମାକାନ୍ତ ପ୍ରଧାନଙ୍କ ବଡ ପୁଅ ସେନା କର୍ମଚାରୀ ଜଗନ୍ନାଥ ପ୍ରଧାନଙ୍କ ଶନିବାର ଅକାଳରେ ବିୟୋଗ ଘଟିଛି। ଜଗନ୍ନାଥ ମାମୁ ଘର ନିଖିରା ପଞ୍ଚାୟତ ତଳ ଧାନଦାରେ ରହି ଉଚ୍ଚ ଶିକ୍ଷା ପ୍ରାପ୍ତ କଲା ପରେ ୨୦୨୧ ମସିହାରେ ଆସାମ ରାଇଫଲରେ ଯୋଗ ଦେଇଥିଲେ। ସେ ଅରୁଣାଚଳ ପ୍ରଦେଶରେ ଥିଲେ। ଗତ ୭ ତାରିଖ ଦିନ ଜଗନ୍ନାଥ ହଠାତ ଅସୁସ୍ଥ ହୋଇ ପଡିବାରୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ମାନଙ୍କ ଶତ ଚେଷ୍ଟା ସତ୍ତ୍ୱେ ଗତ କାଲି ତାଙ୍କର ମୃତ୍ୟୁ ହୋଇ ଯାଇଛି। ତେବେ କେଉଁ କାରଣ ପାଇଁ ତାଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇ ନାହିଁ। ତାଙ୍କ ମୃତ ଦେହକୁ ଭୁବନେଶ୍ୱରରେ ତୋପ ସଲାମୀ ଦେବା ପରେ ଆଜି ମାମୁ ଘର ଗାଁ ତଳ ଧାନ ଦାରେ ପହଁଚିଛି। ସେଠୁ ଏକ ଶୋକାକୋଳ ପରିବେଶରେ ଗାଁ କଣ୍ଟାଡିହାରେ ଜଗନ୍ନାଥଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ଜଗନ୍ନାଥଙ୍କ ମୃତ୍ୟୁରେ ନିଖିରା ସରପଞ୍ଚ ଅଞ୍ଜନ ଗିରି, ବାଲିଆପାଳ ସାହିତ୍ୟ ସହର ଆବାହକ ଡ଼ଃ ସୁକାନ୍ତ ଗିରି, ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ବାଲିଆପାଳ ପୂର୍ବତନ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, ମନୋଜ କୁମାର ସି, ପୂର୍ବତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ଗୋପାଳ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ କୃପାସିନ୍ଧୁ ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଜିଲ୍ଲା ବିଜେପି ସଦସ୍ୟତା ଅଭିଯାନ କର୍ମଶାଳା




ବାଲେଶ୍ୱର,୨୫/୮(ନିପ୍ର) : ବାଲେଶ୍ୱର ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଜିଲ୍ଲାର ସଦସ୍ୟତା ଅଭିଯାନର କର୍ମଶାଳା ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି। ଭାରତ ମାତାଙ୍କ ବନ୍ଦନା ଓ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ଆନୁଷ୍ଠାନିକ କର୍ମଶାଳା ଆରମ୍ଭ ହୋଇଥିଲା। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ମହାପାତ୍ର ତାଙ୍କ ସ୍ୱାଗତ ଭାଷଣରେ କର୍ମଶାଳାର ଆଭିମୁଖ୍ୟ ବିଷୟରେ କହିଥିଲେ ଓ ଜିଲ୍ଲା ପାଇଁ କର୍ମଶାଳା ପାଇଁ ଦାଇତ୍ୱ ବଣ୍ଟନ କରିଥିଲେ। କର୍ମଶାଳା ପାଇଁ ଜିଲ୍ଲା ପ୍ରଭାରୀ ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ତଥା ବିଧାନସଭାରେ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମୀତା ଖୁଣ୍ଟିଆ ତାଙ୍କ ଅଭିଭାଷଣରେ ସଦସ୍ୟତା ଅଭିଯାନର ରୂପରେଖ, କର୍ମଶାଳାର ସ୍ୱରୂପ, ସାଂଗଠନିକ ଦାୟିତ୍ୱ ଓ ସଂରଚନା ବିଷୟରେ ବିଷଦ ଆଲୋଚନା କରିଥିଲେ। ଜିଲ୍ଲାରେ ସଦସ୍ୟତା ଅଭିଯାନର ସଂଯୋଜକ ଭାବେ କମଳଲୋଚନ ଦାସ ଓ ସହସଂଯୋଜକ ଭାବେ ପ୍ରଦୀପ ପଣ୍ଡା, ଆଶିଷ ଘୋଷ ଓ ରାଜେଶ ମହାକୁଡ଼ଙ୍କୁ ମନୋନୀତ କରାଗଲା। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ସମାରୋପ ଭାଷଣରେ କେମିତି ଜଣେ ପ୍ରାଥମିକ ସଦସ୍ୟ ହୋଇପାରିବେ, କେମିତି ସକ୍ରୀୟ ସଦସ୍ୟ ହୋଇପାରିବେ, ସକ୍ରୀୟ ସଦସ୍ୟ ହେଲେ ଆଗାମୀ ଦିନରେ ତାକୁ କ'ଣ ମିଳିପାରିବ ଇତ୍ୟାଦି ବିଷୟରେ ବୁଝାଇଥିଲେ। ସଦସ୍ୟ ହେବାପାଇଁ ୧୮ ବର୍ଷ ବା ଅଧିକ ହେବା ଏକମାତ୍ର ସର୍ତ୍ତ ବୋଲି କହିଥିଲେ। ଜନସମ୍ପର୍କ ରୁ ସଦସ୍ୟତା, ସଦସ୍ୟତା ରୁ କାର୍ଯ୍ୟକର୍ତ୍ତା ଏହା ହେଉଛି ଭାରତୀୟ ଜନତା ପାର୍ଟିର ସାଂଗଠନିକ ଶକ୍ତି ବୃଦ୍ଧିର କାର୍ଯ୍ୟ ପଦ୍ଧତି। ସେ ଆହ୍ୱାନ ଦେଇଥିଲେ ଯେ ଯେମିତି ବିଗତ ଦିନରେ ଦଳର ଶୃଙ୍ଖଳିତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ବିଶ୍ୱର ଏକ ନମ୍ବର ଦଳର ମାନ୍ୟତା ପାଇଥିଲା, ଏଥର ମଧ୍ୟ ସଦସ୍ୟତା ଅଭିଯାନର ଶେଷରେ ସେହି ସ୍ଥାନକୁ ବଜାୟ ରଖିବ। ସଦସ୍ୟତା ଅଭିଯାନ ସମୟରେ ସହାୟତା ପାଇଁ ୮୮୬୦୧୪୭୧୪୭ ମୋବାଇଲ ନମ୍ବର ଓ ସଦସ୍ୟ କରିବା ପାଇଁ ୮୮୦୦୦୦୨୦୨୪ ମୋବାଇଲ ନମ୍ବର ଜାରି କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିବାବେଳେ ଅନ୍ୟତମ ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅବିଭକ୍ତ କୋରାପୁଟ ଜିଲ୍ଲା ଗାଁସାଥୀଙ୍କ ବିଶାଳ ରାଲି ଓ ଗଣ ଆନ୍ଦୋଳନ

ଜୟପୁର, ୨୪/୮ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାର ଗାଁସାଥୀ ମାନଙ୍କ ବିଭିନ୍ନ ପ୍ରକାର ଦାବିକୁ ନେଇ ଚଳିତ ମାସ ୨୨ ଓ ୨୩ ଅଗଷ୍ଟ ଦୁଇ ଦିନ ଧରି ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ବୈଠକ ପରେ ବିଶାଳ ପଦଯାତ୍ରା ସହ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଗଣ ଆନ୍ଦୋଳନ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅଧିକାରୀ ଓ ପଦାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଆନ୍ଦୋଳନରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଦୁଇ ହଜାର ରୁ ଉର୍ଦ୍ଧ ଗାଁସାଥୀ ଯୋଗ ଦେଇଥିଲେ। ଗାଁସାଥୀ ମାନଙ୍କ ପ୍ରମୁଖ ଦାବି ଅନୁସାରେ ମାସିକ ପ୍ରୋତ୍ସାହନ ରାଶି ୧୦ ହଜାରରୁ ଉର୍ଦ୍ଧ୍ୱ ପ୍ରଦାନ ଓ କୋରାପୁଟ ଜିଲ୍ଲାରେ ୧୬୩ଟି ତଥା ରାଜ୍ୟରେ ଖାଲି ଥିବା ୫ ହଜାର ରୁ ଉର୍ଦ୍ଧ୍ୱ ଜିଆରଏସ୍ ପଦବୀରେ ମନରେଗା ରେ କାର୍ଯ୍ୟରତ ଥିବା ଗାଁସାଥୀ ମାନଙ୍କୁ ଅଗ୍ରାଧିକାର ତଥା ସଂରକ୍ଷଣ ଭିତ୍ତିରେ ନିଯୁକ୍ତି ଦାବିରେ ଆଜି କୋରାପୁଟ ଠାରେ ଗାଁସାଥି ମାନେ ଜୋରଦାର ଆନ୍ଦୋଳନ କରିଛନ୍ତି । ଏହି ଆନ୍ଦୋଳନରେ ଗାଁସାଥୀ ସଂଘ ମିଳିତ କାର୍ଯ୍ୟାନୁଷ୍ଠାନ କମିଟି, ଓଡିଶା ପ୍ରଦେଶ ଓ ଅବିଭକ୍ତ କୋରାପୁଟ ରେ ଥିବା ଉକ୍ତ ସଂଘର ଜୋନାଲ କମିଟି ସଂଘର ରାଜ୍ୟ ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଦୁଇ ଗୋଟି ଦାବିକୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚଳିତ ୧୬ ଅଗଷ୍ଟ ରେ କୋରାପୁଟ ଜିଲ୍ଲାପାଳ ଓଡିଶାର ପ୍ରଥମ ଜିଲ୍ଲାପାଳ ଭାବରେ ଜିଲ୍ଲାର ୧୬୩ ଜିଆରଏସ୍ ପଦବୀ ପାଇଁ ବିଜ୍ଞାପନ ବାହାର କରିଥିବାରୁ ଏହି ଚିଠିକୁ ସ୍ଥଗିତ ରଖିବା ପାଇଁ ଉକ୍ତ ସଙ୍ଘର ତିନି ଶହ ରୁ ଉର୍ଦ୍ଧ୍ୱ ସଂଗଠକ ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇ ତାଙ୍କ ସହିତ ଆଲୋଚନା କରିଥିଲେ। ପରବର୍ତ୍ତୀ ସ ୨୪ ଘଣ୍ଟା ପରେ ବିଶାଳ ରାଲୀ ଜରିଆରେ ସଂଘ ତାଙ୍କ ସକାରାତ୍ମକ ନିଷ୍ପତିକୁ ଶୁଣିବା ପାଇଁ ରାଲିର ଅୟୋଜନ କରାଯାଇଥିଲା ବୋଲି ଶ୍ରୀ ବିଶ୍ୱାଳ ଗଣମାଧ୍ୟମକୁ ଜଣାଇଛନ୍ତି। ଯଦି ଏହି ନିଷ୍ପତ୍ତି ଜିଲ୍ଲା ପ୍ରଶାସନ ନନିଅନ୍ତି ତେବେ ଉକ୍ତ କାର୍ଯ୍ୟଳୟ ଆଗରେ ଅନିର୍ଦ୍ଧିଷ୍ଟ ପାଇଁ ଗଣଧାରଣା ଓ ଆନ୍ଦୋଳନ ଚାଲିବା ସହିତ ବିଧାନ ସଭାରେ ପ୍ରଶ୍ନ ଉତ୍ଥାପନ ପାଇଁ ବିଧାୟକ ଓ ବିଧାୟିକା ମାନଙ୍କୁ ସଂଘ ଗଣ ମାଧ୍ୟମ ଜରୀଆରେ ଜଣାଇ ଆନ୍ଦୋଳନ ଜାରି ରଖିବ ବୋଲି ସଂଗଠକ ମାନେ କହିଛନ୍ତି।

## ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର ପାଇବେ ସଂଯୁକ୍ତା

ମାଲକାନଗିରି, ୨୪/୮ (ନି.ପ୍ର): ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଅଫିସର ଭାବେ କାର୍ଯ୍ୟରତ ସଂଯୁକ୍ତା ସେଠୀ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେପଟ୍ମେର ୧୧ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସେ ଏହି ପରସ୍କାର ଗ୍ରହଣ କରିବେ । ସଂଯୁକ୍ତା ଏନେଇ ଖୁସି ବ୍ୟକ୍ତ କରିଛନ୍ତି। ରୋଗୀ ସେବା କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପାଇଁ ବିବେଚିତ କରାଯାଇଛି। ସଂଯୁକ୍ତା ହେଉଛନ୍ତି ସାମାଜକ କର୍ମୀ ଉମାକାନ୍ତ ସାହୁଙ୍କ ସ୍ତ୍ରୀ୧ ସଂଯୁକ୍ତା ଦୀର୍ଘ ବର୍ଷ ଧରି ମାଲକାନଗିରି ଜିଲା ଚିକିତ୍ସାଳୟରେ ନର୍ସିଂ ଅଫିସର ଭାବେ କାର୍ଯ୍ୟ କରି ଲୋକପ୍ରିୟ ସହ ବେଶ ସୁନାମ ଅର୍ଜନ କରିଛନ୍ତି ।

# ପ୍ରଣୟ ପ୍ରଧାନ ଓ ଇନ୍ଦ୍ରିୟ ସମ୍ବେଦନଶୀଳ ଉପନ୍ୟାସର ରଚୟିତା ବିଭୂତି ପଟ୍ଟନାୟକ

ନୀଳଗିରି,୨୫/୮(ନିପ୍ର) :ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଆଭାସୀ ଆଲୋଚନାଚକ୍ରର ଏକାଦଶ ସନ୍ଧ୍ୟା ସଫଳତାର ସହିତ ସମ୍ପନ୍ନ ହୋଇଯାଇଛି । ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ କନ୍ଧମାଳ, ଫୁଲବାଣୀର ସହକାରୀ ପ୍ରଫେସର ଡ. ଚନ୍ଦ୍ରଶେଖର ଦାସଙ୍କ ପୌରୋହିତ୍ୟରେ ଆଲୋଚନା ଚକ୍ରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସ୍ନାତକୋତ୍ତର ପରିଷଦର ଅଧକ୍ଷ ଆଦର୍ଶ ଶିକ୍ଷାବିତ୍ ପ୍ରଫେସର ଶ୍ୟାମସୁନ୍ଦର ଆଚାର୍ଯ୍ୟ ଅତିଥି ଭାବରେ ଯୋଗଦାନକରି ଓଡ଼ିଆ ଭାଷା ଓଡ଼ିଆ ସ୍ୱାଭିମାନର ସ୍ୱାକ୍ଷର ବହନ କରେ ବୋଲି ପ୍ରକାଶ କରିଥିଲେ । ଆଲୋଚକ ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କଲେ ବିଭୂତିଙ୍କ ଉପନ୍ୟାସ ବିଷୟ ନିର୍ବାଚନ ପରିଧିରେ ପ୍ରେମ ଜଡ଼ିତ ଅଛି । ପ୍ରଫେସର ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କଲେ ନାଟକ ଦେଖିବା ଯାହା, ନାଟକ ଭଳି ଉପନ୍ୟାସକୁ ପଢ଼ିଲେ ପାଠକ ଗଣପ୍ରିୟ ଔପନ୍ୟାସିକ ବିଭୂତିଙ୍କୁ ବୁଝିପାରିବ । ଭାବାତ୍ମକ ସ୍ତରରେ ପହଞ୍ଚାଇବା ସହିତ ପାଠକୀୟ ଅନୁଭବକୁ ଉପଲବ୍ଧିରେ ରୂପାନ୍ତରିତ କରିବାର କଳା ପଟ୍ଟନାୟକଙ୍କ ଉପନ୍ୟାସର ଅନ୍ତଃସ୍ୱର । ପ୍ରାମାଣିକତଥ୍ୟକୁ ଆବେଗମୟକରି ଉପସ୍ଥାପନ କରିବାରେ ବିଭୂତି ପଟ୍ଟନାୟକ ଜଣେ ଅନନ୍ୟ କଥାକାର। ପ୍ରେମ ବିଭୂତିଙ୍କ ଉପନ୍ୟାସର ଦେଶୀ କଞ୍ଚାମାଲ । ଶେଷରେ ପ୍ରଫେସର ତ୍ରିପାଠୀ ପ୍ରକାଶକଲେ ପାଠକ ପଢ଼ିବା ପାଇଁ ପୁସ୍ତକ ନିର୍ବାଚନ କରିବା ନିଜ ପତ୍ନୀ ନିର୍ବାଚନ କରିବା ସହ ତୁଳନୀୟ । ଅନ୍ୟ ଆଲୋଚିକା ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ ପ୍ରକାଶ କଲେ ଜୀବନ ବଞ୍ଚିବାର ଆକାଂକ୍ଷା ବିଭୂତିଙ୍କ ଉପନ୍ୟାସରେ ଲକ୍ଷ୍ୟ କରାଯାଏ । ପ୍ରଫେସର ଦାଶ ପ୍ରକାଶ କଲେ ମାର୍କସ୍ୱାଦୀ ଚିନ୍ତାଧାରାର ସମର୍ଥବାଦୀ କଥାକାର ବିଭୂତି ପଟ୍ଟନାୟକ । ପ୍ରେମ, ପ୍ରଣୟ ଓ ଶୃଙ୍ଗାରୀକତାର ନାୟକ ବିଭୂତି ପଟ୍ଟନାୟକ । କଥାକାର ତାଙ୍କ ସୃଷ୍ଟିରେ ପ୍ରକାଶ କରିଛନ୍ତି ନାରୀ ଅତ୍ୟଧିକ ବସ୍ତୁବାଦୀ ହେଲେ ଅତୀତକୁ ପାସୋରି ଦିଏ । ଉପସ୍ଥିତ ଆଲୋଚକ ତଥା ସୁବର୍ଣ୍ଣଶ୍ରୀ ବାଲେଶ୍ୱରର ସମ୍ପାଦକ ଡ. କାଳୀପଦ ପଣ୍ଡା ଯୋଗଦେଇ ପ୍ରକାଶ କଲେ ସାମ୍ୟବାଦ ଓ ମାନବବାଦର ଉଦଘୋଷକ ଔପନ୍ୟାସିକ ବିଭୂତି ପଟ୍ଟନାୟକ । ଆଜିର ସମାଜରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପ୍ରେମରୂପକ ମହାମନ୍ତ୍ରର ଭଙ୍ଗା କିପରି ସୃଷ୍ଟି ହେଉଛି ତାହା କଥାକାର ପଟ୍ଟନାୟକ ତାଙ୍କ ସୃଷ୍ଟିରେ ଦର୍ଶାଇଛନ୍ତି । ଶେଷରେ ଉପସ୍ଥିତ ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ ଉପରେ ଗବେଷଣା କାର୍ଯ୍ୟ କରିଥିବା ବୁର୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲକ୍ଷ୍ମୀପୁର, କୋରାପୁଟର ଅଧ୍ୟାପକ ଡ ଅମରେଶ ସେନାପତି ଓ ଜଗନ୍ନାଥ ଡ଼ିଗ୍ରୀ ମହାବିଦ୍ୟାଳୟ , ଜଳେଶ୍ୱର, ବାଲେଶ୍ୱରର ଅଧ୍ୟାପିକା ଡ. ମୋନାଲିସା ଚାନ୍ଦ ନିଜନିଜ ସନ୍ଦର୍ଭ ଉପରେ ସବିଶେଷ ମନ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସିଦ୍ଧାର୍ଥ ଭକ୍ତି ଚେନାଲର କଣ୍ଠଶିଳ୍ପୀ ଶ୍ରୀମାନ ସତ୍ୟବ୍ରତ ଜେନା ଭଜନ ସମ୍ରାଟ ଭିକାରୀ ବଳଙ୍କ ଭଜନ ପରିବେଷଣ କରିଥିବାବେଳେ ପରିବାରର ସମ୍ପାଦକ ତଥା ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ବେଦପାଠ କରିବା ସହ ଶେଷରେ ଧନ୍ୟବାଦ ମଧ୍ୟ ପ୍ରଦାନ କରିଥିଲେ । ଏହି ଆଲୋଚନାଚକ୍ରରେ ଓଡ଼ିଶାର କୋଣଅନୁକୋଣରୁ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀଙ୍କ ସହ ଗବେଷକଗଣ ମଧ୍ୟ ଉପସ୍ଥିତ ରହି ଆଲୋଚନାଚକ୍ରକୁ ସଫଳ କରିଥିଲେ ।

# ସ୍ୱନକ୍ଷତ୍ର ବିଶେଷାଙ୍କ



## ପହିଲି ମେଘର ପତିଆରା ତୁମେ...

**ବନମାଳି ସେନାପତି**

ପହିଲି ମେଘର ପତିଆରା ତୁମେ
ମୁଁ ଘନ ଅନ୍ଧାର ରାତି
ତମ କାଞ୍ଚଲାରେ ବାସନାର ମୋହ
କାମନାର ଚନ୍ଦ୍ରାବତି।

ଆଷାଢ଼ର ତମେ ଦ୍ୱିତୀୟ ଈଶ୍ୱରୀ
ଭାଦ୍ରବର ଭାଦ୍ରପଦା

ଆଶ୍ୱିନୀ ମାସର ତୋଫା ଜହ୍ନ ତୁମେ
ସବୁ ରଖି ଦେଲ ଅଧା ।

ଏ ରାତି ଆଜି ମିଳନ ଲେଖୁନି
ଲେଖିଲା ବିରହ ତାତି
ପହିଲି ମେଘର ପତିଆରା ତମେ
ମୁଁ ଘନଅଂଧାର ରାତି ।

ଦୂର ପାହାଡ଼ର ସବୁଜିମା ଆଙ୍କେ
ସୁନ୍ଦର ଏ ଚିତ୍ରପଟ
ଖୋଲା ଆକାଶର ଭାସ ବାଦଲ ମୁଁ
ତୁମେ ପ୍ରଣୟର ବାଟ ।

ସୁଖର ହାଟରେ ବୁଲା ବେପାରିଟେ
ଠିକଣା ତ ଜଣାନାହିଁ
ହାଟସାରା ମୁହିଁ ସୁଖକୁ ଖୋଜିଲି
ଦୁଃଖ ଲେଖା ମୋ ପାଇଁ ।

ସୁଖ ଖୋଜୁ ଖୋଜୁ ବୟସ ବୁଡ଼ିଲା
ଭୁଲିଗଲ ପ୍ରତିଶ୍ରୁତି
ପହିଲି ମେଘର ପତିଆରା ତୁମେ
ମୁଁ ଘନ ଅନ୍ଧାର ରାତି।

+ ସମ୍ପାଦକ-ପରାଗ, କେନ୍ଦ୍ରାପଡ଼ା

## ବୈଶାଖ

**ସୁରେନ୍ଦ୍ର ପାଣିଗ୍ରାହୀ**



ତୁମେ କହିଲ କୁହ
ବୈଶାଖ ପ୍ରେମର ଋତୁ ନା ବିରହର !
ତୁମେ କହିଲ ବିରହର
ମୁଁ କହିଲି ନା, ମୋ ପାଇଁ
ପ୍ରେମର ଋତୁ ବୈଶାଖ।
ମୋ ଝର୍କା ସେପଟେ ଲାଜର ରଂଗନେଇ
ହସେ କୃଷ୍ଣଚୂଡ଼ା/ ମୋତେ
ଇସାରା କରେ, ଡାକେ
କହେ ଦେଖ, ଏ ଡହଡହ ତାତିରେ ବି
ମୁଁ ଅପେକ୍ଷା କରିଚି ତୁମକୁ।

ବରଂ ତୁମେ ବେଶ୍ ନିଷ୍ଠୁର ହୁଅ
ମୋ ପାଇଁ ବୈଶାଖରେ
ତୁମେ କୁହ ଆଷାଢ଼ ହିଁ ପ୍ରେମର ଋତୁ
ଦେହ ଭିଜିବା ପାଇଁ କେବଳ ଆଷାଢ଼
ହିଁ ତୁମ ପାଇଁ ଆଶାର ଅନୁରାଗ
ଆଉ ତନୁପାତେଲୀ ମେଘର କୃଷ୍ଣବେଣୀ
ସାଜି ତୁମେ ବର୍ଷାରେ ବି ସୃଷ୍ଟିକର
ବୈଶାଖର ଡହ ଡହ ଦେହର ଡହକ।

ମୁଁ ତାଳ ଓ ତମାଳ ଫୁଲର ମାଳା
ବେକରେ ପକେଇ ଯୁଦ୍ଧକ୍ଷେତ୍ରରୁ
ବିଜୟର ଟୀକା ପିନ୍ଧି
ଫେରିଥିବା ପ୍ରେମିକଟିଏ।

ତାଳଘୋଡ଼ାରେ ଚଢ଼ି ତୁମ ଘର
ସାମ୍ନାରେ ଛିଡ଼ାହେଇ
ମିଳନର ଅଭିସାରରେ
ଆତୁର ହେଇ
ତୁମକୁ ଇସାରା କରୁଥିବା
ଓଦା ଓଦା ଅନୁଭବଟିଏ ପ୍ରିୟେ !
ତୁମେ ତ ମୋ ପାଇଁ କେତେବେଳେ
ବର୍ଷା ତ କେତେବେଳେ ବୈଶାଖ !

ଜାଣେନା, ମୁଁ ତୁମକୁ ଦେଖେ
ବାସ୍ତବରେ କି ସ୍ୱପ୍ନରେ
ବୈଶାଖର ଗଭୀର ରାତିରେ
ତୁମେ ଆସ କଳାଶାଢ଼ୀଟିଏ ପିନ୍ଧି,
ମୁକ୍ତ କେଶ।
ବଣ ବିଲ ନଈପଠାରୁ ମଥାରେ ଟୋପାଏ
ସିନ୍ଦୂର ଲଗେଇ ରୁଣୁଝୁଣୁ ପାଦେ
କାଳିସୀର କିଳିକିଳା ରାବ ସାଥେ
ମୋତେ ନିସ୍ତାରିବାକୁ ଜରା, ମୃତ୍ୟୁ,
ଦୁଃଖର ଜାଲରୁ।

ଆଉ ଆଷାଢ଼ର ମେଘ
ମହ୍ଲାରରେ ମେଘସାଥେ
ଡିବିଡିବି ଶିବରଂଜନୀର ତାଳେ ତାଳେ
ମୋତେ ବାଂଧିନେବାକୁ ଅନିର୍ବାଣ ଓ
ଅବିଦ୍ୟାମାୟାର ଇନ୍ଦ୍ରଜାଲ ଭିତରକୁ
ଓଟାରିନେବାକୁ
ସାରା ସଂସାରର ମିଥ୍ୟା, ମାୟା,
ମୋହଗ୍ରସ୍ତତାକୁ
ମୋର ମୁକ୍ତି କାହିଁ/ ପ୍ରେମ ଓ ବିରହରେ
ଚିରକାଳ ବଂଧା ବେଦନାର
ବେତାଳଟିଏ ମୁଁ ।

+ରୋଡ଼ ନଂ- ୪, ଜଗନ୍ନାଥ ନଗର
ଡିଜିପି କଲୋନୀ, ଭୁବନେଶ୍ୱର

## ସଭିଁଏ ଅଟନ୍ତି ପର

**ରତ୍ନାକର ରାଉତ**



ଦୁଃଖ ଦରିଆରେ ସୁଖ ଖୋଜୁ ଖୋଜୁ
ସମୟ ତ ଗଲା ଚାଲି
ଏତେ ଦିନ ଧରି ଯିଏ ଥିଲେ ସାଥେ ସାଥେ
ଦରିଆ ମଝିରେ ଛାଡ଼ିଦେଇ ଏକା
ଜଣେ ଜଣେ ଗଲେ ଫେରି
ଦଦରା ନାଆରେ ଏକଲା ନାଉରି ମୁଁ
ସାହା କେହି ନାହିଁ କାତ ପାଏ ନାହିଁ
ହଜିଲା ଦିନକୁ ବିକଳେ ହେଉଛି ଝୁରି।

ଅଣ୍ଟିରେ ରଖିବି ସମୟକୁ ଧରି
କେତେ ଆଂଟ କରିଥିଲି
ଠକି ଦେଇ ମୋତେ
ବାହୁଡ଼ିଗଲା ସେ ତା ନିଜ ବାଟରେ
ଖୋଜିଲା ବେଳକୁ କହିଲା ସେ ଦୂରୁଥାଇ
ଯେତେବେଳେ ଥିଲି ମୁଁ ତୋ ପାରୁଶେ
ସାଇତିଲୁ ନାହିଁ ମୋତେ ହେଳା କରି
ଚାଲି ଆସିଲିଣି ଏତେ ଦୀର୍ଘ ପଥ
ବାହୁଡ଼ା ପଥରେ ଥରେ ପାଦଦେଲେ
ଆଉ କେବେ କଣ ଫେରି ଯାଇଥାଏ କେହି
ସଂସାରେ ଲଭି ତୁ ମଣିଷ ଜନମ
ଏତକ ଜାଣିଲୁ ନାହିଁ।

ବେଳ ଥାଉଁ ଥାଉଁ
ବୋଇତ ସଜାଡ଼ି ରଖେ ନାହିଁ ଯେଉଁ ଜନ

ସାଙ୍ଗ ସାଥୀ ମେଳେ ଅୟସ ଆରାମେ
ବିତଉଥାଏ ଯେ ବେଳ
ବାହୁଡ଼ା ପଥରେ କାଳ କବଳରେ
ବେସାହାରା ବେଳେ
କେହିନଥାନ୍ତି ସାହାରା ଦେବାକୁ ପାଶେ
କାହାଠୁ ମିଳେନି ବଳ
ସହିପାରେ ନାହିଁ, ବାହିପାରେ ନାହିଁ
ଅଶାନ୍ତ ଦରିଆ ଉବୁଟୁବୁ ନାଆ
ତା ଭିତରେ ଜୀବ ହେଉଥାଏ କଲବଲ
ବେହିସାବୀ ପଶୁ ଜୀବନଟା ନାରଖାର
ଜୀବନଟା ନାରଖାର ।

କି'ଲାଭ ଭାବିଲେ ଉଚ୍ଛୁର ବେଳରେ
ମିଛ ଦୁନିଆରେ ସତ ନୁହେଁ କିଛି
ସଂପର୍କ ବଂଧନ, ସଭିଁଏ ଅଟନ୍ତି ପର।

+ ପ୍ଲଟ ନଂ- ୭୬୭
ଜୟଦୁର୍ଗା ନଗର, ଭୁବନେଶ୍ୱର

## ସାଙ୍ଗ

**ଅଞ୍ଜଳି ପଣ୍ଡା**



ସ୍ମୃତିର ଝରକା ଯେବେ ଖୋଲିଯାଏ
ଦେଖାଯାଏ ସେହି ମାନଙ୍କର ମୁହଁ
ସାଉଁଳା ମୁହଁରେ ଦୁଷ୍ଟାମୀର ହସ
ନୀରିହ ଚାହାଣୀରେ
ଅନେକ କିଛି କଥା
ଗପର ପେଡ଼ିରେ ଅଜସ୍ର
କଥାର ସମ୍ଭାର
ଆଉ ଏକ ଅନାବିଳ ହୃଦୟ।

ଚାହୁଁ ଚାହୁଁ ବିତିଯାଏ ବର୍ଷ ଦିନ ମାସ
ବଢ଼ିଯାଏ ବୟସ
ସେମାନେ କିନ୍ତୁ ସେମିତି ଥାଆନ୍ତି
ସେହି ବୟସରେ ସେବେ ଭଳି।

ଗପି ଦେଲେ ମନଖୋଲା କଥା
ହସ ଖୁସିର ଝରଣା
ଝରିପଡ଼େ ଅନ୍ତର ତଳେ
ସେମାନେ ସାଙ୍ଗ ଆଦ୍ୟ ଯୌବନର
ପୁରାଦିନ ସତେଜତାରେ
ବିତିଯାଏ ଯେମିତି,

ଫେରିଆସେ ଆଉ ଥରେ
କୁମାରୀ ଜୀବନର ମହକ।

ମନେ ପଡ଼ନ୍ତି ଅନେକ
ଭଲ ସାଙ୍ଗ ଚଲାପଥର ସାଥୀ
ସାହସ, ସାନ୍ତ୍ୱନା, ଉପଦେଶ
ଅବା ପରାମର୍ଶ ନେଇପାର
ଦେଖିଦେଲେ ଆଲିଙ୍ଗନ କରି
ହାଲକା କରେ ମନ
ତା ବନ୍ଧନରେ ନଥାଏ
ଫିସାଦ ଅବା ଛନ୍ଦକପଟ
ଥାଏ କେବଳ ସ୍ନେହ,
ମନ ଝୁରେ ତାଙ୍କ ଲାଗି ସବୁଦିନ।

+ଚୌଧୁରୀ ସାହି, ବାଲେଶ୍ୱର

## ସ୍ୱାଧୀନତା

**ଦୀପ୍ତି ଦାସ**

ଚିରବନ୍ଦିତା ଚିରନନ୍ଦିତା
ଉଚ୍ଛଳ ଧାରା, ଚପଳଛନ୍ଦା, ଅଳକନନ୍ଦା
ତାପସୀ କନ୍ୟା, ପାବନୀ ଗଂଗା
ପ୍ରିୟତମା ମୋର ସ୍ୱାଧୀନତା ।

ସ୍ୱାଧୀନତା ମୋର ସ୍ୱାଧୀନତା
ତୁମେ ଯେ ମୋର ଯୁଗର ଯୁଗର
କେତେ ଆରାଧନା, କେତେ ବନ୍ଦନା
କେତେ ସାଧନାର ପୁଣ୍ୟତପ
ଶୋଷଣ, କଷଣ, ଅମାରାତି ପରେ
କେତେ ଚାହାଣିର ଇତିକଥା
ପୁଣି କେତେ କାହାଣୀର କଳ୍ପଲତା
ଦଗ୍ଧ ଗଗନେ ମୁଗ୍ଧ ନୟନେ
ଶୀତଳ ଛାୟାର ଚାରୁ ଚନ୍ଦ୍ରମା ଉଚ୍ଛ୍ୱସିତା ।

ସ୍ୱାଧୀନତା ମୋର ସ୍ୱାଧୀନତା
ତୁମେ ଯେ ମୋର
ମରୁ ଦହନର କୁହୁଳା କୋହର
ମଲ୍ଲାର ରାଗ ଭରା ଶ୍ରାବଣର ସଜଳ ବୀଣା
ଉଜୁଡ଼ା ବନର ମୋହିତ ସୁରଭି
ଫୁଟିଥିଲ ହୋଇ ରକ୍ତକରବୀ
କୁହୁଳା ବେଦନା, ଉଛୁଳା ଯାତନା

ବୁକୁପରେ ଢ଼ାଳି
ପାଦର ପରଶ ଦେଇଥିଲ ଥାପି
ହିମଚନ୍ଦନ ଶିଶିରକଣା।

ତୁମେ ତ ମୋର ଶୁଭ ସକାଳର
ବିମଳ ବେଦୀରେ ମନ୍ତ୍ରିତ ଶୁଭ ଅର୍ଚ୍ଚନା
ତୁମେ ଯେ ଅଧୀର ହୃଦୟ ବୀଣାର
ମନ୍ତ୍ରିତ ମଧୁ ମୂର୍ଚ୍ଛନା
ତୁମେ ଯେ ମୋର ଲୁହର, ଲହୁର
କେତେ ଆଶାବରୀ, କେତେ ବିଭାବରୀ
ଆଶାର ରକ୍ତଜବା
ହୃଦ ତପୋବନେ ମଗ୍ନ ମଉନେ
ପୂତ ପୟୋଧିର ଧୌତ ଚରଣେ
ତାପସୀ କନ୍ୟା ପୁର୍ନନବା ।

ମନେ ଅଛି ମୋର ମନେଅଛି
ଚିରସଂଚିତ ଚିରକଂପିତ ଚିରଅଙ୍କିତ
ସୌରଭଭରା ଗୌରବଭରା
ଅମିୟ ଲଗ୍ନା ହୃଦୟବୀଣା
ଅଧୀର ଛାତିରେ
ଉଡ଼ାଇଥିଲି ମୁଁ ଉର୍ମିଳ ମନ
ଶାନ୍ତି, ମୁକ୍ତି, ମୈତ୍ରୀର ତ୍ରିରଙ୍ଗା ବାନା...

ସପନ ସାଗରେ ବୁଡ଼ାଇଲି ତୂଳୀ
ଆଙ୍କିଥିଲି କେତେ
ପ୍ରଗତି ରଥର ଛବିଳ ଛବି
ତୁମେ ଯେ ମୋହର ଦରଦୀ କବିତା
ତମସା ବୁକୁରେ ଜାଳିଲ ସଳିତା
ଗାଇଥିଲା କେତେ ଅଧୀର ଆବେଗେ,
ତୁମ ଆଗମନୀ ମଉନ କବି।

ମୁଁ ତୁମ ପ୍ରିୟ ଭାରତବର୍ଷ
ପ୍ରିୟତମା ତୁମେ ସ୍ୱାଧୀନତା
ଗଣତନ୍ତ୍ରର ସମ୍ବିଧାନରେ
ଆଜି ଆମେ ପୁଣି ଯୁଗଳବନ୍ଦୀ
ଅନ୍ଧ ଶାସନେ ଶାସିତା, ଶୋଷିତା
ତୁମେ ମୋ ଛାତିରେ ନିର୍ବାସିତା ।

ଧୀନତା ମୋର ସ୍ୱାଧୀନତା,
ସାଂପ୍ରଦାୟିକତା ଦଂଗାରେ ଦେଶ
କଂପିତ ଆମ ରକ୍ତପ୍ରବାହୀ ଧମନୀ ଧାରା
ହିଂସା ଅନଳ, ଗ୍ରାସୁଛି ମେଦିନୀ
ସର୍ବଂସହା ସହନ ସୀମାରେ
ଆତଙ୍କବାଦୀର ପାପର ଭାରା।

ଅଂଧ କାରାଗାର ଜନ୍ମ ଦେବ କି,
ପାପତାପ ନାଶି, ଚିରଅବିନାଶୀ
କୁହ କୁହ ଆଗୋ
ପୁଣ୍ୟଗର୍ଭା ଦେବକୀ ସତୀ ।



କଥା ଦିଅ ଆଗୋ !
ଚିରଗୌରବା, ଚିରବୈଭବା ବିଧୂନିତା
ସ୍ୱାଧୀନତା ମୋର ସ୍ୱାଧୀନତା ।
ସବୁରି ହୃଦୟେ ଭରିଯିବ ଯେବେ
ଭଲ ପାଇବାର ମନ୍ତ୍ରିତ ମଧୁ ମୂର୍ଚ୍ଛନା
ଜାତିଧର୍ମର ଭେଦାଭେଦ ଭୁଲି
କରିବୁ ମାଟିର ଅର୍ଚ୍ଚନା
ସେଦିନ ଦେଖିବ ଦିଗରୁ ଦିଗନ୍ତ
ଝରିଯାଉଥିବ ଶାନ୍ତିର ମଧୁ ଗୀତିକା
ତୁମ ସଜଳ ନୟନେ ସାଗର ସ୍ୱପ୍ନେ
ଝରିପଡୁଥିବ ସୁଖର ମାଣିକମୁକ୍ତା
ସ୍ୱାଧୀନତା ମୋର ସ୍ୱାଧୀନତା।

+ ଅରଡବଜାର, ବାଲେଶ୍ୱର

## ଧନ୍ୟ ଧ୍ୱନି ପ୍ରତିଧ୍ୱନି

**ପଦ୍ମଲୋଚନ ଦତ୍ତ**



ନିରପେକ୍ଷ ଦୈନିକ ଧ୍ୱନ ପ୍ରତିଧ୍ୱନି
ଆମେ ତାକୁ କେବେ ଭୁଲି ପରିବାନି ।
ସକାଳ ହେଲେ ସେ କାଗଜ ଆସେ
ସବୁକାମ ଛାଡି ପଢି ମୁଁ ବସେ ।

ଦେଶ ବିଦେଶର ଖବର ଥାଏ
ନୂଆ ନୂଆ କଥା ଆନନ୍ଦ ଦିଏ ।
ଛୋଟ ବଡ କେତେ କବିତା ଥାଏ
କ୍ଷଣିକରେ ମନ ସେ ମୋହିନିଏ ।

ଦୈନିକ ରାଶିଫଳ ସେଥିରେ ଥାଏ
ଶୁଭାଶୁଭ କଥା ଜଣାଇଦିଏ ।
ବିବିଧ ବିଶ୍ୱ, ବିଚିତ୍ରା ଘଟଣା
ଦେଶ ବିଦେଶର ଜଣା ଅଜଣା ।

ମଝି ପୃଷ୍ଠାରେ ଗଳ୍ପ ରମ୍ୟ ରଚନା
ସୁଲେଖକଙ୍କ ଲେଖା ଉଡାଏ ବାନା ।
ମାସିକ ପତ୍ରିକା ସାଗରିକା ବାହାରେ
ତାର ସୁଖ୍ୟାତି ରଟଇ ସାରା ରାଜ୍ୟରେ ।

ପଇଁତ୍ରିଶ ତମ ସ୍ୱନକ୍ଷତ୍ର ଦିବସ ତାର
ତା' ଶୁଭ ପାଇଁ ଜଗନ୍ନାଥଙ୍କୁ ଜୁହାର ।

ଆଜିମାବାଦ, ବାଲେଶ୍ୱର
(ମୋ) ୯୪୩୭୧୪୮୮୧୫


# ବିକାଶ ପଥେ- ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ, ନୀଳଗିରି

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ।

୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୁତ କରନ୍ତୁ।

୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଓ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ।

୪. ରାସ୍ତା ପାଖ ଓ ନାଳ ଉପରେ କ୍ୟାବିନ୍ ଓ ଗୃହ ନିର୍ମାଣ ଉପକରଣ ଜମାକରି ରାସ୍ତା ଅବରୋଧ କରନ୍ତୁ ନାହିଁ।

୫. ଗୃହପାଳିତ ପଶୁ ଯଥା- ଗାଈ, ଗୋରୁ, ଛେଳି, ମେଣ୍ଢାମାନଙ୍କୁ ରାସ୍ତାରେ ବୁଲିବାକୁ ଛାଡ଼ନ୍ତୁ ନାହିଁ।

୬. ନିଜ ନିଜର ଅଳିଆ ଆର୍ବଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନ ପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ।

୭. ସର୍ବସାଧାରଣଙ୍କ ନିମନ୍ତେ ପାର୍କ ଓ ଶ୍ମଶାନ ନିର୍ମାଣ ବ୍ୟବସ୍ଥା ।

ଶ୍ରୀଯୁକ୍ତ ମହେନ୍ଦ୍ରନାଥ ବେହେରା
ଉପାଧ୍ୟକ୍ଷ ଓ ପାରିଷଦ ବୃନ୍ଦ

ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାଶ
ନିର୍ବାହୀ ଅଧିକାରୀ

ଶ୍ରୀମତୀ ଅମ୍ବିକା ଦାସ
ଅଧ୍ୟକ୍ଷା



With Best Compliments from:

KALINGA ELECTRICAL CORPORATION

KACHERY ROAD,
BALASORE -756001 (ORISSA)
PH : 265976, 262432(S),
FAX : (06782) 265927

# ସ୍ୱନକ୍ଷତ୍ର ବିଶେଷାଙ୍କ







ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ର ୩୫ ତମ ବାର୍ଷିକ ଉତ୍ସବ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।



## ଗୋପାମୁଦ୍ରା ମହାପାତ୍ର

ସମାଜସେବୀ, ବାଲେଶ୍ୱର



ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ର ୩୫ ତମ ବାର୍ଷିକ ଉତ୍ସବ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

## ପ୍ରମିଳା ପଣ୍ଡା

ନଗରପାଳ, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା

ଧ୍ୱନି ପ୍ରତିଧ୍ୱନିର ୩୫ ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଓ ସାଧାରଣ ଲୋକଙ୍କର ସୁଖ ଦୁଃଖର ସାଥୀ ହେଉ ଏତିକି ମୋର କାମନା ।



## ଶ୍ରୀକାନ୍ତ ଚରଣ ପାତ୍ର

ବରିଷ୍ଠ ସାହିତ୍ୟିକ, ଜଳେଶ୍ୱର



ଧ୍ୱନି ପ୍ରତିଧ୍ୱନିର ୩୫ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ସମ୍ବାଦପତ୍ର ସମାଜର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟକରୁ ଏତିକି ହିଁ କାମନା କରୁଛି ।

## ନଳିନୀକାନ୍ତ ଦାସ

ଧାମରା, ଭଦ୍ରକ

'ଧ୍ୱନି ପ୍ରତିଧ୍ୱନି' ର ୩୫ ତମ ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱର ବାସୀଙ୍କର ସାମଗ୍ରୀକ ବିକାଶ ପାଇଁ 'ଧ୍ୱନି ପ୍ରତିଧ୍ୱନି' ସଦା ବିକାଶର ସାଥି ହେଉ ଏତିକ କାମନା ।



## ପ୍ରତିମା ପଣ୍ଡା

ଶିକ୍ଷାବିତ୍, ସୁସାହିତ୍ୟିକା ତଥା ସମାଜସେବୀ, ବାଲେଶ୍ୱର



ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ୩୫ ତମ ବାର୍ଷିକ ଉତ୍ସବରେ ସମସ୍ତଙ୍କୁ ମୁଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଈଶ୍ୱର ସମସ୍ତଙ୍କର ମଙ୍ଗଳ କରନ୍ତୁ ।

## କବି ଲୋପାମୁଦ୍ରା ନାୟକ

ଥାନା ଅଧିକାରୀ , ବାସୁଦେବପୁର
ଭଦ୍ରକ

ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ୩୫ ତମ ବାର୍ଷିକ ଉତ୍ସବରେ ମୁଁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଭଗବାନ ସମସ୍ତଙ୍କର ମଙ୍ଗଳ କରନ୍ତୁ ।



## ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ

ବ୍ଲକ୍ ଅଧକ୍ଷ, ବାସୁଦେବପୁର, ଭଦ୍ରକ

ଧ୍ୱନି ପ୍ରତିଧ୍ୱନିର ୩୫ ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏତିକି ମୋର କାମନା ।



## ଶ୍ରୀମତୀ କୃଷ୍ଣା ପ୍ରଧାନ

କବୀ ଓ ସୁସାହିତ୍ୟିକା, ବାଲେଶ୍ୱର

# ସ୍ୱନକ୍ଷତ୍ର ବିଶେଷାଙ୍କ



## ଅଥଚ....
### ପ୍ରୀତିଲେଖା ଦାସ



ସମସ୍ତ ସରଳତାକୁ
ସଳିତା କରି
ଜାଳି ସାରିଲା ପରେ ମୁଁ,
ଫେରିଲା ସେ।

ସେ ଫେରିଲା ;
ଅଥଚ, କୃଷ୍ଣଚୂଡ଼ା ଗଛରେ
ଲଦି ହେଲାନି ଆଗଭଳି ଆଉ
ପେନ୍ଥାପେନ୍ଥା ଫୁଲ
ଡେଇଁ ବୁଲିଲାନି ପବନଟା ବି
ଏ ଡାଳରୁ ସେ ଡାଳ।

ଧାନର କଅଁଳ କ୍ଷୀରରେ
ଦିଶିଲାନି ସ୍ୱପ୍ନ ମାନଙ୍କର ମୁହଁ,

କଅଁଳା ବାଛୁରୀ ପରି
ଅଗଣାରେ ସମୟ
ଟେକିଲାନି ମୁଣ୍ଡ।

ଘୁଙ୍ଗୁର ପିନ୍ଧି
ନାଚିଲାନି ବର୍ଷା

ଢେଉ ଭାଙ୍ଗିଲାନି ସମୁଦ୍ର
ପୁଚି ବି ଖେଳିଲାନି ନଈ,
ଉଛୁଳିଲାନି ହସ ଆଉ
ଓଠର ଦି'କୂଳ ଛୁଇଁ।

ହାଡ ବଜେଇଲାନି ବଇଁଶୀ
ରକ୍ତ ଗାଇଲାନି ଗୀତ ,
ଉଠିଲାନି ଦ୍ୱାରବନ୍ଧ ତଳେ
ପୋତି ହୋଇ ଯାଇଥିବା
ଆମ ସମ୍ପର୍କର ଅସ୍ଥି କଳସ।

ସେ ଫେରିଲା ;
ଅଥଚ...
ମିଛ ମିଛ ଦିଶିଲା
ଦୁନିଆ ଯାକର ସବୁତକ ସତ।

+ ଭୋଇସାହି, ବାଲେଶ୍ୱର
(ମୋ) ୯୮୫୩୩୪୪୬୮୮

## ଦେଶ
### ସୁଜିତ କୁମାର ମିଶ୍ର



ମୋ ଦେଶ କେଉଁଠି
ମାନଚିତ୍ରରେ ନା
ମନ ଚିତ୍ରରେ ?

ପୁଳାପୁଳା ପରିସଂଖ୍ୟାନର
ଭିତ୍ତିଭୂମି ଉପରେ କଣ
ଖୋଜିହୁଏ ଦେଶକୁ
ବଶୀଭୂତ ଭାଷଣର ଉଚ୍ଚାଂଗ
ସ୍ୱରରେ ?
ଗୋଟିଏ ସାଜସଜ୍ଜା ବକ୍ତବ୍ୟରୁ କଣ
ମାପିହୁଏ ଦେଶକୁ ଆନନ୍ଦ
ଲହରୀରେ ?

ଦେଶ ରକ୍ତାକ୍ତ କଷଣରେ
ନଈ ପାଲଟୁଥିବା ବେଳେ
କାଲି ଭିଜିବ
ମହୋତ୍ସବର ଲୁହ ଜଳେ।

ମରଣ ଆହତର ହିଂସା ତାତିରେ
ଗଣତନ୍ତ୍ର ଏବେ ତ
ଗୋଟାଏ ଜଡ ଫୁଟବଲ,
ପ୍ରହାରରେ ଗଡିକରେ,

ନୀରବରେ ଲୁହ ଜଡେଇ ହୋଇ
ସ୍ଥାଣୁତାକୁ ଭବିତବ୍ୟ ଭାଗ୍ୟ ବୋଲି
ସରମେ ସ୍ୱୀକାରେ ।

ପରାଧୀନ ନା ସ୍ୱାଧୀନ
ଦ୍ୱନ୍ଦ୍ୱର ପ୍ରଶ୍ନରେ
ଦେଶ ପଛମୁହାଁ ପ୍ରତିକ୍ଷଣ,
କାହିଁ ପ୍ରେମ,
ରଙ୍ଗୀନ ଇସ୍ତାହାରର ଅଭିନୟ ମାଡରେ
ଦେଶର ଭାଗ୍ୟ ନିୟନ୍ତା
ଗୁମୁରି ଗୁମୁରି କାନ୍ଦି ଲୁହର ଶ୍ରାବଣ,
କିଏ ପୋଛିବ କାହା ଛାତିରେ ଅଛି
ଫୁଲଫୁଟା ମଧୁ ସ୍ପନ୍ଦନ ?

ମୋ ଦେଶ ମାୟା ପବନ ଭିତରେ
ବିଷାକ୍ତ ବିଭିଷିକାର ବିକିରଣ ।

ନାରାବାଜି ନିଆଁ ନା ଧୂଆଁ
ନା ସଂକଳ୍ପର ସଂକେତ ?
କାହିଁ ସେ ପଗଡି ପିନ୍ଧା ନେତା
ଦେଶକୁ ବେଶରେ ସଜାଇ
ନିଜେ ସାଜିଥିଲେ
ନିସ୍ୱପଣର ସ୍ରୋତ ?
ଏ ଦେଶର ଦୁଃଖ ଡାଳେ ଡାଳେ
ପତ୍ରେ ପତ୍ରେ ପ୍ରବାହିତ,
ତଥାପି ଖୋଜା ଚାଲିଛି
ମୋ ଦେଶର ପରିଚୟପତ୍ର ।

ଆଖିରୁ ଅନ୍ଧପୁଟୁଳି ଖୋଲି
ଖୋଜ ଏ ଦେଶ,
କେଉଁଠି ତାର ବନବାସ,
ଚାମୁଚେ ଚାମୁଚେ ଦରଦୀପଣ ହିଁ
ଦେଶପ୍ରେମର ପୁଣ୍ୟ ଉଭାସ ?

ଗର୍ଜନ ନା
ସର୍ଜନାର ସଂଜ୍ଞା ନାଁ ଦେଶ ?

+ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

## ଗାଆଁ
### କମଳ କୁମାର ମହାନ୍ତି



ଏବେ ଭାବିଛି ଗାଆଁରେ ବିତାଇବି
ସବୁତକ ଅବସର ବେଳ
ଧୂସର ଧୂଆଁର ଖରଶ୍ୱାସରୁ ମୁକୁଳି
ଗହଳ ପାରିଧିରୁ ପାଦ ହଟାଇ
କାଳେ ଖୋଜିନେବି ଏକାନ୍ତରେ
ଗୋଟିଏ ସଧବା ସକାଳ ।

ପହିଲି ସକାଳରୁ ମନଟା
ହରିତ୍ ରଙ୍ଗରେ ହେଉଥିଲା ଉଚ୍ଛନ୍ନ
ସବୁଜ ଛନଛନ ତୃଣର ଦେହରେ
ଏତେ ଗହୀରକୁ ସଞ୍ଚରିଲା କେମିତି
ଟିପେ କଅଁଳ କାକରର ପ୍ରେମ !

ବର୍ଷବର୍ଷର ଅଣଦେଖାରେ
ତା' ଗୁମ୍‌ସୁମ୍ ଗେହ୍ଲାପଣସବୁ
କେଉଁ ଗୋପନ କ୍ଷତରେ
ସତେ କେତେ ହୋଇ ନଥିବ ଆହତ
ଘରପଛ ବାଟିକାରେ ଅଝଟ ସ୍ନେହର
ଲାଳନରେ ସଜାଇଲାବେଳେ
ମୁଖର ଅଗଣା
କେତେ ହନ୍ତସନ୍ତ ହୋଇ ଲୋଡୁ
ନଥିବ
ମହମହ ଶବ୍ଦଙ୍କ କରୁଣା !

କିଏ ଖୋଜୁଥିବ କେଉଁ ସହରୀ
ବିସ୍ମୟରେ ମନଲାଖି ଶବ୍ଦ ଯୋଡ଼ି
ଗଢ଼ିବାକୁ
ଗୋଟେ ଅର୍ଦ୍ଧନୂଆ ଗୀତର ଘୋଷା
ମୋ' ଗାଆଁରେ କିନ୍ତୁ
କଅଁଳା ବାଛୁରି ପରି
ସାହିଗଳିରେ ଛନଛନ ଡେଉଁଥିବେ
ଅନାବିଳ ପ୍ରେମର କବିତା !

ଆଗରୁ ତ ଶବ୍ଦ ଓ ଭାବକୁ ସାଙ୍ଗକରି
କଳ୍ପନାରେ ଶାଣଦେଇ ତୋଳିଥିଲି
କେତେ ଅଲିଅଳ କବିତାର ଘର !
କାହା ମଖମଲି ମନସିଲଟରେ
ଆଙ୍କି ଦେଇଥିଲି କେତେ ଅବୁଝା ଚିତ୍ର
ତହିଁ କେତେ ବସାବାନ୍ଧିଥିଲା
ଚଇତାଳି ମଳୟର ମୋହ
ପୁଣି କେତେ ତୋଫାନ ପବନ !
ସେ ମନକୁ ବୁଝିବାବୁ ସେଦିନ
କେଉଁ ଅବା ଫୁରୁସତ ଥିଲା ମୋର !

ମନ୍ଦିର ପାଖ ଚଉତରାରେ ବସି
କିଏ ବଖାଣେ
କେତେ ଶବ୍ଦର ଚାତୁରୀ
କିଏ ଆଜି ସାଜେ ଟାଉଟର
ଏଣେ ହାରମୋନିୟମର ରିଟ୍‌ରେ
ହାତ ପକାଇଛି
ଗାଁ ଯାତ୍ରାପାର୍ଟିର ପୁରନ୍ଦର !
ତା' ଗୀତରେ ଅନାବରଣ
ସବୁରି ଖିଆଲ
ଅଛି ବାହାପିଆ ସରପଞ୍ଚର
ଭୋଟବେଳ ଭାଷଣର
ଚାଞ୍ଚଲ୍ୟ ଯେତେ,
ସେତେ ପୁଣି ମିଛମିଛ ଇସ୍ତାହାର
ଯେମିତି ମଦିରାମସ୍ତ ହୋଇ
ସତସବୁ ବାନ୍ତି କରୁଥାଏ ସେ ହାଲି
ଭୋଟ୍ ରାଜନୀତି ଖେଳରେ
ବାଜି ହାରିଯାଇଥିବା ରତ୍ନାକର !

ଦିନ ମାସ ବାର ବିତେ,
ଋତୁ ବି ବଦଳେ
ସବୁ ଅନାବିଳ ସମୟ ପାଦରୁ
ପାଉଁଜି ଛିଡ଼ି
ରକ୍ତାଭ ଦିଶେ ନିରିମାଖୀ ମାଟି
ଧିରେ ଧିରେ ସେ ଭାଙ୍ଗିପଡ଼େ
ସ୍ମୃତିକୁ ବାହୁନି ବାହୁନି କାନ୍ଦେ
ତା' ଲୋଚାକୋଚା ସ୍ୱପ୍ନ ଲୋଡ଼େ
ଟିକେ ଶାଗୁଆ ବିଶ୍ୱାସ
ଟିକେ ବେଶୀ ଆଶ୍ୱାସନା
ଆଉ ଅନେକ କରୁଣା ।

+ ଆରସା, ତିହିଡ଼ି
ଭଦ୍ରକ- ୭୫୬୧୩୯
(ମୋ)- ୯୪୩୯୦୪୭୨୮୩

## ତୁ କିଶୋର
### ଗଜାନନ ମିଶ୍ର



ଗଣେଶ ଓରଫ୍ କିଶୋର ପାତ୍ର,
କିଆଁ ଆସୁଛୁ ତୁ ଏତେ ମୋ ସାମ୍ନାକୁ
ମୋର ବୁଝିବା ବାହାରେ।
ଠିକ୍ ଅଛି, ମାନିଲି ତୁ ମୋର
ପିଲାଦିନର ସାଙ୍ଗ,
ଏକାସାଙ୍ଗେ ଆମେ ଫେଲ୍ ହେଲେ
ଏକାସାଙ୍ଗେ ପୁଣି ସପ୍ଲିମେଣ୍ଟାରୀରେ
ଉପର କ୍ଲାସକୁ ଗଲେ।
ଠିକ୍ ଅଛି, ବହୁତଥର ଖାଇଛି
ତୋ ଘରର ଉପମା ଇଟଲି
ବିରିବରା ଚଟଣି।
ସିନେମାହଲ୍‌ର ମାଡ୍ରାସୀ
ହୋଟଲରେ
ଚା ଜଳଖିଆ ଟଙ୍କା
ଅନେକଥର ଦେଇଛୁ ତୁ।
କିଏ କଦବା ମୋ ସହ ଲାଗିଲେ
ସାମ୍ନାରେ ଛିଡାହୋଇପଡୁ
ପାହାଡ ହୋଇ।

ଏଇସବୁର ଅର୍ଥ ଏୟା,
ମୁଁ ତୋର ଗୋଟାମୋଟା !
ବାୟାଟା କିରେ !
ବାହାଘରର ବରଯାତ୍ରୀରେ
ସାମିଲ୍ ହେଲୁ ଅଡକା ଅଚାନକ୍।
କହିଲୁ, ହେ ବେଃ,
ଏ ସହରରେ ମୁଁ ସିଭିଲ
ଇଂଜିନିୟର,
ଜାଣିପାରିଲି ତୋର ବାହା ଖବର୍,
ଦେଖି ଆସି ହାଜର ।

କେଉଁଆଡେ କେମିତି ପଳେଇବୁ
ମୋଠୁ !
ମୁଁ କଣ ସତକୁ ସତ ତୋଠୁ
ପଳାଉଥିଲି କି ? ଯଦି ହଁ,
ତେବେ କାହିଁକି ?

ଜଣା ନାଇଁ ମତେ
ଏବେ କୋଉଠି ତୁ।
ଅଛୁ କି ନାଇଁ ରାମଜୀ ଛକରେ,
ନା ଆଉ କୋଉଠି କୋଠା ତୋଳି
ଅଛୁ ଆରାମରେ !
ତୋ ସ୍ତ୍ରୀ ଛୁଆପିଲା,
କାହାରି ବିଷୟରେ କିଛି
ଜଣା ନାଇଁ ମତେ।
ତୁ ହେଲେ ଜାଣନ୍ତୁ ମୋ ବିଷୟରେ !
ଧେତ୍, ମୁଁ ଭାବିବା କଥା ଯେବେ
ଭାବୁ ନ ଥିଲି, କିଆଁ ଏବେ
ତୋ ଚିନ୍ତା ମତେ ଏତେ ଘାରୁଛି !
ଭଲରେ ଅଛୁ ତ, ଅଛୁ ଯୋଉଠି !
ତୋ ଭଲମନ୍ଦରେ
ମୋର ବା କଣ ଯାଉଛି ଆଉଛି !

+ ତପୋବନ
ଟିଟିଲାଗଡ -୭୬୭୦୩୩

## ଆଲୁଅ, ଅନ୍ଧାର ଓ ଛାଇ
### ଡ. ଦୀପକ କୁମାର ମିଶ୍ର



ଅନ୍ଧାର ହେଉଚି ଛାଇମାନଙ୍କର ଘର,
ଆଲୁଅରେ ଅଣନିଶ୍ୱାସୀ ଛାଇଟିଏ
ଅନ୍ଧାରରେ ନିରବ ନିର୍ବିଘ୍ନରେ
ଆତ୍ମଗୋପନ କରେ ।

ଅନ୍ଧାରରେ ତ ଛାଇ ସଶକ୍ତ ହୁଏ,
ଆୟୁଷ ଗୋଟାଏ
ଆଲୁଅ ତାକୁ ବ୍ୟତିବ୍ୟସ୍ତ କରେ
ଆଲୁଅର ତିର୍ଯ୍ୟକ୍ ଅବା ସଳଖ କିରଣର
ଗତି ଅନୁପାତରେ
ଛାଇ ପ୍ରଲମ୍ବିତ ଅବା ଖର୍ବକାୟ ହୁଏ ।

ଛାଇର ଚରିତ୍ର ଅତୀବ ନମନୀୟ
ସେ ନିଜକୁ ଭାଙ୍ଗି ଚଉଡେଇ
ଲୁଚେଇ ଦେଇପାରେ
ଅନ୍ଧାରୁଆ ପାହାଡ଼ ଖୋଲରେ
ସେ ଲୁଚି ବୋହିଯାଇଯାଇପାରେ
ତରଳ ଅନ୍ଧାର ମିଶ୍ରିତ ନଈର ସୁଅରେ
ଆଉ ଲାଜକୁଳି ଲତା ପରି
ମୁଦିହୋଇଯାଏ ଅନ୍ଧାର କୋଳରେ ।

ଛାଇ ମାଧ୍ୟମରେ
ଶରୀର ଛୁଇଁପାରେ ଆକାଶ, ପାତାଳ

ପ୍ରେମିକା ସହିତ ମଧ୍ୟ ରଚିହୁଏ
ଅଦୃଶ୍ୟ ଶୃଙ୍ଗାର
ଛାଇ ବେଗବାନ, ବଳ୍ବାନ
ମୃତ୍ୟୁ ପଶ୍ଚାତ
ଶରୀର ଯେବେ ଚାଲିଯାଏ
ଆତ୍ମା ହିଁ ତ ରହିଥାଏ ଛାଇ ହୋଇ
ଡାକରା ପାଇ ଜି ହଜୁର୍ କହି
ଉପସ୍ଥିତ ରହେ
ଶେଷ ଅନ୍ତ୍ୟେଷ୍ଟିକ୍ରିୟାରେ ।

ଛାଇ ମଧ୍ୟ ଆହତ ହୁଏ, କାନ୍ଦେ
କିନ୍ତୁ ଚିତ୍କାର କରିପାରେନି
ଅବଶ୍ୟ ଲୁହର ଛାଇ ଆଜିଯାଏଁ ଅଛି
ଗଣ୍ଡପୃଷ୍ଠର ପ୍ରଚ୍ଛଦପଟ୍ଟରେ ।

ଜାଣିଚ ନା,
ଛାଇର ମଧ୍ୟ ଛାଇଟିଏ ଅଛି
ଘର ତା'ର
ଆଲୁଅଘେରା ଅନ୍ଧାର ମଝିରେ ।

+ ଭୁବନେଶ୍ୱର
୮୨୮୦୨୧୧୦୦୦

## ଦୃଢ଼ ବିଶ୍ୱାସର ଶକ୍ତି
### ଇଂ.ସଚ୍ଚିଦାନନ୍ଦ ନନ୍ଦ



ଦିନକୁ ଦିନ ଏ ଦେହର ବୟସ ବଢ଼େ, ମଣିଷର ମନ ମଧ ଜଟିଳ ହୁଏ। ଏହାକୁ ସଂଯତ କରିବା ଅଧିକ କଷ୍ଟକର ହୋଇପଡ଼େ। ତଥାପି ମଣିଷ ଏଥିପାଇଁ ସାମାନ୍ୟତମ ଚେଷ୍ଟା ବି କରେନାହିଁ। ମଣିଷ ଯେଉଁ ସାଧନା ଆରମ୍ଭ କରେ ତା ସାଧନା ସେଇ ସାଧନାରେ ରହିଯାଏ। କେବଳ ଆବେଦନ ଦ୍ୱାରା ଜୀବନର ବେଦନାକୁ ଦୂର କରିହେବ। ବେଦନା ମୁକ୍ତ ହେବା ପାଇଁ ତୁମ ଅନ୍ତରରେ ଆକୁଳତା ଆସିବା ଦରକାର। ଦାରିଦ୍ର୍ୟ ରୂପକ ଲୁହା ଶିକୁଳି ହେଉ ବା ଧନର ସୁନା ଶିକୁଳି ହେଉ, ଉଭୟେ ମଣିଷକୁ ସଂସାର ସହ ବାନ୍ଧି ଦିଅନ୍ତି। ସଂସାର ବନ୍ଧନ ଛିଣ୍ଡାଇବା ପାଇଁ ତୁମ ହୃଦୟରେ ଦୃଢ଼ ସଂକଳ୍ପ ଆସିବା ଦରକାର। ପିଲାଟିଏ ତା ମାଆ ପାଇଁ ବିକଳ ହୋଇ କାନ୍ଦେ, ବାଛୁରୀ ତା ମାଆକୁ ନ ଦେଖିଲେ ନିରାଶ ହୋଇ ହମ୍ବା ହମ୍ବା କରେ, ଜଣେ ଭୋକିଲା ଭିକାରୀ ମୁଠେ ଭାତ ପାଇଁ ଆକୁଳ ହୁଏ। ଠିକ୍ ସେହିପରି ତୁମେ ଭଗବାନଙ୍କ ପାଇଁ ବ୍ୟାକୁଳ ହୋଇ କାନ୍ଦିବା ଦରକାର। ସଂସାର, ଆସକ୍ତି ଓ ବନ୍ଧନ ଆଉ ସହି ହେଉନାହିଁ, ଅସହାୟ ଲାଗୁଛି। ଏଭଳି ଗୋଟିଏ ଭାବ ସହ ହୃଦୟର ଗଭୀରତାରୁ ସେ ଆକୁଳତା, ସେ ବ୍ୟାକୁଳତା ଉଚ୍ଛୁଳି ଉଠିବା ଦରକାର। ଖାଲି ଗୁଡ଼ାଏ ଆଡ଼ମ୍ବର କରି ପାଟି ତୁଣ୍ଡ କଲେ ବା ଦେଖେଇ ହେଲେ ଭଗବାନ ଆଦୌ ଶୁଣିବେ ନାହିଁ। ସେ କେବଳ ଗଭୀର ଆତ୍ମୀୟତାରେ ବଶ ହୁଅନ୍ତି। ସେଇ ଆତ୍ମୀୟତା ହିଁ ଆତ୍ମାର ପରମାତ୍ମାଙ୍କ ପ୍ରତି ଆହ୍ୱାନ।

ପ୍ରଥମେ ବିଶ୍ୱାସ ସ୍ଥାପନ କର। ତାପରେ ଭଗବତ୍ ସମ୍ବନ୍ଧୀୟ ଅନୁଭୂତି ଆସିବ। ପ୍ରଥମେ ଡାକ୍ତର ଓ ଔଷଧକୁ ବିଶ୍ୱାସ କର। ତାପରେ ଔଷଧ ତୁମ ରୋଗ ଭଲ କରିବ। ରୋଗ ଭଲ ହୋଇ ସାରିବା ପରେ ଯାଇ ଡାକ୍ତର ଓ ଔଷଧକୁ ବିଶ୍ୱାସ କରିବ ବୋଲି ଅପେକ୍ଷା କରି ବସ ନାହିଁ। ପହଁରା ଶିଖିବ କେମିତି ? ପାଣିରେ ପଶି ଆଉ ହାତ ଗୋଡ଼ ଛାଟି ପହଁରିବାକୁ ଚେଷ୍ଟା କର, କିମ୍ବା ଗୋଟାଏ ଟାୟାରକୁ ଦେହରେ ବାନ୍ଧି ସାହାସର ସହ ପାଣିରେ ପଶ। ଅର୍ଥାତ୍ ସଂସାର ସାଗରରେ ତୁମକୁ ଭସାଇ ରଖିବାକୁ ଜଣେ ଗୁରୁ ବରଣ କର। ଦକ୍ଷିଣ ଭାରତର ଥଙ୍ଗାଲୁର ଗ୍ରାମରେ ଜଣେ ଲୋକ ରହୁଥିଲା। ତାର ନାମ ଆଦିଗଲ। ସେ ମହାତ୍ମା ଆପ୍‌ପାରଙ୍କ ମହିମା ଶୁଣି ତାଙ୍କ ପ୍ରତି ଅତ୍ୟନ୍ତ ଭକ୍ତିପରାୟଣ ହୋଇ ପଡ଼ିଲା। ତା ପରେ ସେ ଆପ୍‌ପାରଙ୍କ ନାଁରେ ବହୁ ଚଟିଘର ତିଆରି କଲା, ନିଜ ପିଲାମାନଙ୍କୁ ମଧ ସେହି ନାମରେ ନାମିତ କଲା। ସେ ଭାବିଥିଲା ତା ପିଲାଏ ବଡ଼ ହୋଇ ଆପ୍‌ପାରଙ୍କ ଭଳି ମହାପୁରୁଷ ହେବେ। ବହୁ ସ୍ଥାନରେ ଆପ୍‌ପାରଙ୍କ ନାମରେ ବହୁ ଜମି, ଟଙ୍କା ପଇସା ଦାନ କରି ଦାତବ୍ୟ ପାଣ୍ଠି ଖୋଲି ପକାଇଲା। ମାତ୍ର ସେ ପର୍ଯ୍ୟନ୍ତ ଆଦିଗଲ ତା ଗୁରୁଙ୍କୁ ଦେଖି ନଥାଏ। ଦେଖ, ଆଦିଗଲ ତା ଗୁରୁଙ୍କୁ ଆଦୌ କିଛି ନ ଜାଣି କିପରି ବିଶ୍ୱାସ ପରାୟଣ ହୋଇ ପଡ଼ିଲା। ମାତ୍ର ଅନ୍ୟମାନେ ଚାହାନ୍ତି, ଆଗ କିଛି ସ୍ପଷ୍ଟ ଅନୁଭୂତି ପାଇବା ପରେ ଯାଇ ସେମାନେ ବିଶ୍ୱାସ କରିବେ।

ଥରେ ସନ୍ଥ ଆପ୍‌ପାର ଆସି ଥଙ୍ଗାଲୁର ଗ୍ରାମରେ ପହଞ୍ଚିଲେ। ସେଠାରେ ପହଞ୍ଚି ସେ ଦେଖିଲେ ଚାରି ଆଡ଼େ ତାଙ୍କ ନାଁରେ ଚଟିଘର, ଦାତବ୍ୟ ପାଣ୍ଠି ପ୍ରଭୃତି ଖୋଲି ଯାଇଛି। ସେ ଆଶ୍ଚର୍ଯ୍ୟ ହେଲେ। ସେ ଆସିବା ଆଗରୁ ତାଙ୍କ ନାମ ଏଠାରେ କିପରି ବ୍ୟାପି ଯାଇଛି, କିଛି ବୁଝିପାରିଲେ ନାହିଁ। ଆପ୍‌ପାରଙ୍କ କଥା ଶୁଣି ଆଦିଗଲ ତାଙ୍କ ପାଖକୁ ଦୌଡ଼ିଗଲା ଓ ତାଙ୍କୁ ଘରକୁ ଆଣି ରାଜକୀୟ ଢ଼ଙ୍ଗର ଖାଦ୍ୟ ପଦାର୍ଥ ଯୋଗାଡ଼ କଲା। ଆଦିଗଲ ତାର ବଡ଼ପୁଅକୁ ଯେତେବେଳେ ବାଡ଼ିରୁ କଦଳୀପତ୍ର କାଟି ଆଣିବାକୁ ପଠାଇଲା, ସେ ସେଠାରେ ସର୍ପାଘାତରେ ପ୍ରାଣ ହରାଇଲା। ମାତ୍ର ଆଦିଗଲ ସେଥିରେ ଟିକେହେଲେ ବିଚଳିତ ନ ହୋଇ ଶବକୁ ଶୁଖିଲା ପତ୍ରରେ ଘୋଡ଼ାଇ ନିଜେ ପତ୍ର ଆଣି ଆସିଲା। ତାପରେ ସେ ଯେତେବେଳେ ଗୁରୁଙ୍କ ସେବାପୂଜା କରିବାକୁ ବାହାରିଲା, ସେତେବେଳେ ଆପଣାର ସବୁ ପୁଅ ଝିଅଙ୍କୁ ପାଖରେ ବସାଇବା ପାଇଁ ଗୁରୁ ଖୋଜିଲେ। ଆଦିଗଲ ଗୁରୁଙ୍କ ଆଦେଶରେ ତାର ପିଲାମାନଙ୍କୁ ଡାକିଲା। ମୃତ ବଡ଼ ପୁଅ ମଧ ତା'ଡାକରେ ଉଠି ଆସିଲା। ସେ ମଧ ଅନ୍ୟ ମାନଙ୍କ ସହିତ ଗୁରୁଙ୍କ ପାଖରେ ଆସି ବସିଲା। ଆପ୍‌ପାର ଏ ସବୁ ଘଟଣା ଶୁଣିବା ପରେ କହିଲେ, 'ଆଦିଗଲ ତୋ ବିଶ୍ୱାସ ମୋ ଶକ୍ତିଠାରୁ ଅଧିକ। ଗୋଟିଏ ଘର ବାସୋପଯୋଗୀ ହୋଇଛି ବୋଲି ପ୍ରମାଣ ପତ୍ର ଦେଲାବେଳେ ଇଂଞ୍ଜିନିୟର ଘରର ମୂଳଦୁଆ ଶକ୍ତିଶାଳୀ ଓ ଗଭୀର କି ନୁହେଁ ପରୀକ୍ଷା କରି ଦେଖନ୍ତି। ସେହିପରି ଭଗବାନ ମନୁଷ୍ୟର ବିଶ୍ୱାସର ଦୃଢ଼ତା ପରୀକ୍ଷା କରିଥାଆନ୍ତି।

+ ଅଲିଶା ବଜାର, କଟକ,
ମୋ : ୯୩୩୭୨୪୨୯୫୫

## ମୌସୁମୀ
### ଲିପିନ ରାଉତ



ଛଅ ଋତୁ ମଧ୍ୟରେ ଖୋଜେ
ତୁମକୁ,
ଶ୍ରାବଣ ର ମେଘ ସମ୍ଭାର ନେଇ
ତୁମେ ହୁଅ ଉଭା

କେତେ ଭିଯାଇଲା ପରେ
ଅସରାଏ ମେଘ ହୋଇ
ପୁନଃ ,
ମୋ ଉପରେ ଛିଞ୍ଚିଦିଅ
ବର୍ଷା ବିନ୍ଦୁ ମାନଙ୍କୁ,

ଆଜି କିନ୍ତୁ ଇଚ୍ଛା
ଛୁଇଁ ବାକୁ ତୁମ କୁ
ତୁମର ସେ ଶେଷ ସ୍ପର୍ଶ କୁ ।

ଦୂର ଦିଗବଳୟ ର
ମେଘାଚ୍ଛନ୍ନ
ବାଦଲରେ ତୁମେ ଅଛ ବୋଲି
ମୁଁ ଶୁଣେ,

ମୁଁ କିନ୍ତୁ
ଖୋଜୁଥାଏ ତୁମ କୁ
ସବୁଠାରେ,

ମୋ ଇପ୍ସିତ ଭାବନା ରେ
ମୋ କଳ୍ପିତ ପୃଥିବୀ ରେ

କିନ୍ତୁ ତୁମେ ଯେ
ଅନ୍ତର୍ଧାନ କେବେଠୁ
ଅଦିନିଆ ମେଘ ପରି ,
ଆଜି ମୋ ପାଇଁ

କିନ୍ତୁ , ଅବଶୋଷ ନାହିଁ ।

ଖାଲି ଏତିକି ଆଶା
ନିଶ୍ଚିତ ତୁମେ ଫେରିବ ଏ ଧରାକୁ
ମୌସୁମୀ ଟିଏ ହୋଇ ।

+ ମଦନପୁର, କେନ୍ଦୁଝର
୭୦୦୮୯୮୦୧୯୬


## ଉଦଳା ବିଜ୍ଞାପିତ ଅଂଚଳ ପରିଷଦ

ଆସନ୍ତା ତା- ୩୧.୦୮.୨୦୨୪ ରିଖରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ନିମନ୍ତେ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତଙ୍କୁ ଅଭିନନ୍ଦନ ।
ଏହି ଦିବସରେ ଉଦଳା ବିଜ୍ଞାପିତ ପରିଷଦ ଅଧିବାସୀଙ୍କ ସହଯୋଗ କାମନା କରି ସହରବାସୀଙ୍କୁ ପୌରସେବା ଯୋଗାଇଦେବା ପାଇଁ ଆମେ ସଂକଳ୍ପବଦ୍ଧ ।

୧. ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି, ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣମାନଙ୍କର ।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ନିଜ ଘରେ ବାହାରୁଥିବା ଅଳିଆ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ସଫେଇ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୩. ନିୟମିତ ଧାର୍ଯ୍ୟ ଟିକସ ଦେଇ ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହେଅନ୍ତୁ ।
୪. ପଲିଥିନ ବ୍ୟବହାର ନକରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହେଅନ୍ତୁ ।
୫. ବାହାରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ ।
୬. ଗୃହ ନିର୍ମାଣ ନକ୍ସା ପରିଷଦ କାର୍ଯ୍ୟାଳୟରେ ଅନୁମୋଦନ କରାଇ ନିଅନ୍ତୁ ।

ଜଗନ୍ନାଥ ବେହେରା
ଉପାଧ୍ୟକ୍ଷ ଓ ପାରିଷଦ ବୃନ୍ଦ

ଲିଲି ଭୋଳ
ନିର୍ବାହୀ ଅଧିକାରୀ

ପ୍ରମିଳା ପଣ୍ଡା
ଅଧ୍ୟକ୍ଷା

# ସ୍ୱନକ୍ଷତ୍ର ବିଶେଷାଙ୍କ


Great Place To Work. Certified 2023 USA

## ରାଉରକେଲା ଇସ୍ପାତ କାରଖାନା
### ଆମ ପ୍ରତିଶ୍ରୁତି, ଦେଶର ଉନ୍ନତି

सेल SAIL



## ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ



*With Best Wishes from*

**Krishna Medical Store**
**Rairangpur**

Mob: 7008789852, 9437293016




ବାଲେଶ୍ୱର ଜିଲ୍ଲାରୁ ପ୍ରକାଶ ପାଉଥିବା ସମ୍ବାଦପତ୍ର ଧ୍ୱନି ପ୍ରତିଧ୍ୱନିର ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲିଆପାଳ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିକାଶ ଦିଗରେ ସକରାତ୍ମକ ମନୋଭାବ ପୋଷଣ କରି ନିଜ ଅଞ୍ଚଳର ବିକାଶ କରିବାକୁ ନିବେଦନ କରୁଛି ।

ତହସିଲଦାର
ବାଲିଆପାଳ

**ଜନକ କୁମାର ନାୟକ**



ଧ୍ୱନି ପ୍ରତିଧ୍ୱନିର ୩୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଭାଇ ଭଉଣୀ ମାନଙ୍କର ସୁଖ ସମୃଦ୍ଧି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଓ ଏହି ସମ୍ବାଦପତ୍ର ନିରପେକ୍ଷ ଖବର ପରିବେଷଣ କରୁ ଏତିକି କାମନା କରୁଛି ।

**ଡ. ଶିଶିର କୁମାର କର**
ଶ୍ରୀକଣ୍ଠପୁର, ବାଲେଶ୍ୱର

ଶୁଭେଚ୍ଛା ସହ...



**ସଂଗ୍ରାମ କୁମାର ପଣ୍ଡାଇ**
ସାଇ ଲକ୍ଷ୍ମୀ ଇଲେକ୍ଟ୍ରିକାଲ ଆଣ୍ଡହାର୍ଡୱାର୍ଡ
ପାଳିଆହାଟ, ଭଦ୍ରକ


ISO 9001:2015 CERTIFIED
Visit us at www.hariplaast.com
Hari Plaast

# Hari Plaast

## STRONG & SAFE

PVC, CPVC, HDPE, PLB DUCT, MDPE(GAS) PIPES & FITTINGS



**HARI UDYOG PVT LTD.**
O.T. Road, Balasore-756001, Odisha
Phone: 06782-260963, 264555, +917894435283


## ରାଇରଙ୍ଗପୁର ଆଇଟିଆଇ

ରାଇରଙ୍ଗପୁର, ମୟୂରଭଞ୍ଜ

(ରାଷ୍ଟ୍ରୀୟ ବୈଷୟିକ ପ୍ରଶିକ୍ଷଣ ପରିଷଦ (NCVT) ଭାରତ ସରକାର ଏବଂ ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ୍, ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ)

ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ୩୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ରାଇରଙ୍ଗପୁର ଆଇଟିଆଇର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ସଦସ୍ୟ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

Mob-9437161240/9437615650/9777948962

# ସ୍ୱନକ୍ଷତ୍ର ବିଶେଷାଙ୍କ



## ମୃତ୍ୟୁ

### ଡଲିରାଣୀ ବ୍ରହ୍ମା



ଅମା-ଅନ୍ଧାର ଭଳି ମାଡ଼ିଆସେ ମୃତ୍ୟୁ
କାଳ-ଭୈରବୀ ସାଜି ରଚେ
ଧ୍ୱଂସଲୀଳା ।

ସେ ତ ପ୍ରଳୟଠୁ ତୀବ୍ର
ଭୟଙ୍କର ପରମାଣୁ ବୋମା,
ଯେ କି ନିୟତିକୁ ହଲ୍ ?ଚଲ୍
କରିଦିଏ
ଅନେକ ପରିବର୍ତ୍ତନ ଘଟାଏ ପ୍ରକୃତିର
ସୃଜିପାରେ କେତେ ଖାଲଖମା ।

ପ୍ରୟୋଗ ମାତ୍ରକେ ତାହା
କରିପାରେ ଭୂକମ୍ପନ ସୃଷ୍ଟି,
ଅକାଳ ଚଡ଼କ ସମ
ବୁଣି ଦେଇପାରେ ଆତଙ୍କ
କରିପାରେ ଲହଲହ ଅଗ୍ନି ବୃଷ୍ଟି ।

ଜୀବନର ଶେଷ ନିଦ୍ରା ମୃତ୍ୟୁ
ତା'ପରେ ନଥାଏ ଜାଗିବାର ତିଳେ
ଆଶା,
ମୃତ୍ୟୁ ନିର୍ଭିକ ନିଶ୍ଚଳ
ସେ ଆସିଗଲେ ରହେନା
କଣିଚାଏ ଆକାଂକ୍ଷା, ଅଭିପ୍ ?ସା ।
ଜନ୍ମ ସାଥେ ମୃତ୍ୟୁ ଅଙ୍ଗାଙ୍ଗି ଜଡ଼ିତ
ଗଗନ ବାରିସ୍ ଠାରୁ ଗମ୍ଭୀର ମୃତ୍ୟୁ
ମରୁତ ଠାରୁ ଅଧିକ ବଳବାନ୍
ଭାଗ୍ୟ ପରି ଅଜ୍ଞାତ ନିଶ୍ଚିତ ।

+ରାଉରକେଲା

## କୁଟନୀତିଜ୍ଞ

### ସୌଭାଗ୍ୟବନ୍ତ ମହାରଣା



ଦେଶ କାଳ ପାତ୍ରର ପରିପ୍ରେକ୍ଷୀରେ
ରାଜନୀତିର ଗୋପନ ରଂଗମଂଚରେ
କୂଟନୀତିଜ୍ଞ ହିଁ ନାୟକ ପାଲଟିଯାଏ
ନେପଥ୍ୟର କୋଳାହଳ ଭିତରେ
ନୀରବତାର ଶାନ୍ତିଦୂତ ପାଲଟିଯିବାକୁ ।

ଦେଶର ଭାଗ୍ୟ ଓ ଭବିଷ୍ୟତକୁ
ହାତମୁଠାରେ ରଖିବାକୁ
ରାଷ୍ଟ୍ରଦୂତର କୁଟିଳ କଟାକ୍ଷକୁ
ଅପେକ୍ଷା କରିଥାଏ ବିଦେଶୀ ମାଟିର
ସମୟ ଓ ସୁଯୋଗ ଉଣ୍ଡି ଗଣଶତ୍ରୁ ।

କୂଟନୀତିର କାଠଗଡ଼ାରେ
ଛିଡ଼ାହେବା ତା' ନିୟତି ।
ସେ କିଛି ପ୍ରତିକୂଳ ମନ୍ତବ୍ୟ
ଦେବାରୁ ନିବୃତ୍ତ ରହେ
ଦେଶର ସ୍ୱାର୍ଥ ସଂକୁଚିତ
ହେବା ଭୟରେ ।

ଏମିତି ଅପ୍ରିୟ ଅବସ୍ଥା
ଆସେ ଦ୍ରୋହକାଳରେ
ଭୋକ କଲେ ବି ସେ ଖାଇ ପାରେନି
ଶୋଷ କଲେ ବି ସେ ପିଇ ପାରେନି
ନିଦ ମାଡ଼ିଲେ ବି ସେ ଶୋଇ ପାରେନି
ନିଜ ଅସହାୟତାର ଶବ୍ଦଙ୍କୁ
ପାଛୋଟି ଆଣିବାକୁ ।

ତା'ର ପାଟି ବାନ୍ଧି ହୋଇଯାଏ
ଯୁଦ୍ଧ ଓ ଶାନ୍ତିର ସନ୍ଧିସ୍ଥଳରେ
ବିବାଦୀୟ ହେବାକୁ
ଦେଶର ପ୍ରବକ୍ତା ପାଲଟିଯିବା ପରେ ।

ତା'ର ମୁରୁକି ହସ ଭିତରେ ଲୁଚିଥାଏ
ଅଭେଦ୍ୟ ରହସ୍ୟର ଅଚିହ୍ନା ଦୁର୍ଗ
ଜାତି, ଧର୍ମ, ବର୍ଣ୍ଣର
ପରିଭାଷାରେ ଉଙ୍କିମାରେ
ତା' ଦେଶକୁ ସୁହାଇଲା ଭଳି
ବିଦେଶ ମାଟିରେ
କୂଟନୀତିର ପ୍ରମୁଖ ବକ୍ତବ୍ୟ
ରାଷ୍ଟ୍ରନୀତିର ନାଭି ମଣ୍ଡଳରେ ।

ଶ୍ରୀକୃଷ୍ଣଙ୍କ କୂଟନୀତିର
କଳା ଓ କୌଶଳ
ସତେ କେତେ ପ୍ରାସଙ୍ଗିକ ଏବେ ବି
ଧର୍ମ-ଅଧର୍ମ, ଯୁଦ୍ଧ-ଶାନ୍ତିର
ତର୍ଜମା କରିବାକୁ
ନଷ୍ଟ ଭୂମିରେ ନ୍ୟାୟର
ଭାବମୂର୍ତ୍ତି ଗଢ଼ିବାରେ ।

+ଭାରତୀ ଭବନ, ଶିବମ୍ କଲୋନୀ
ଆୟକର ଭବନ ପଛ
ସମ୍ବଲପୁର- ୭୬୮୦୦୪
ମୋ: ୯୪୩୭୪୫୭୭୩୬

## ନାଁ ତୋର ଧରି ଯାଏ ମୁଁ ତରି

### ଲକ୍ଷ୍ମୀଧର ସିଂ



ମାଗୁ ନାହିଁ ତତେ, ସୁନା କି ରୂପା
ମାଗୁଛି ତୋ କରୁଣା ଖାଲି
ଦୀନ ଦୁଃଖୀ ମୁଁ ଯେ ଅଭାବୀ ଲୋକ
ଦୁଃଖ ମୋର ଦବୁରେ ଫେଡି
ଶରଧାରେ ରଖିବୁ
ମୋର ଏହି ଗୁହାରି,
ହରି ହରି ହରି ହରି ହରି ହରି
ନାଁ ତୋର ଧରି ଯାଏ ମୁଁ ତରି ।

ଦୁନିଆ ମୋର ସମ୍ପଦେ ସଖା
ବିପଦ ବେଳେ ଏକା ତୁ ଦେଖା
ଭାବିବୁ ନାହିଁ ମୋତେ ତୁ ପର
କରିବୁ ନାହିଁ କେବେରେ ଏକା
ଶରଧାରେ ରଖିବୁ
ମୋର ଏହି ଗୁହାରୀ
ହରି ହରି ହରି ହରି ହରି ହରି
ନାଁ ତୋର ଧରି ଯାଏ ମୁଁ ତରି ।

ଏମିତି ଥାଉ ଆମରି ଭାବ
ମରିବା ଯାଏଁ ରହୁ ସ୍ୱଭାବ
ରଖୁରେ ବାନ୍ଧି ମତେ ତୋ ଡୋରି
ସରଗ ଦ୍ୱାରେ ଜଳୁ ମୋ ଶବ
ଶରଧାରେ ରଖିବୁ ମୋର ଏହି
ଗୁହାରୀ
ହରି ହରି ହରି ହରି ହରି ହରି
ନାଁ ତୋର ଧରି ଯାଏ ମୁଁ ତରି ।

+ ଅଁଳାପାଳ, ଗରଡିହି
ବାଲେଶ୍ୱର
ମୋ-୬୩୭୦୦୨୬୮୦୫

## ସାଜିଥିଲ କାଦମ୍ବିନୀ

### ବିଭୁ ନାୟକ



ଖରାରେ ଲୁଚିଛି ପ୍ରକୃତିରାଣୀର
ଯେତେ ସବୁ ରଙ୍ଗ ଛିଟା
ତମ ହୃଦୟର ସ୍ପନ୍ଦନ ସାଥୀରେ
ସବୁ କିଛି ମିଠା ମିଠା ।

ନାଲି ସିନା ଲାଗେ ପଳାଶ ସୁନ୍ଦରୀ
ସବୁଜିମା ଯାଏ ହଜି
ବାଦଲ ସାଥୀରେ ଆସୁଥିଲା ରଜ
ମଉସୁମୀ ଖୋଜି ଖୋଜି ।

ମାମୁଁ ଘର ତମେ ବୁଲିଗଲା ପରେ
ଚାରି ଆଡେ ନୀରବତା
ନୀରବ ଥିଲେବି କହୁଥିଲା ତମ
ଦୁଇ ଆଖି କେତେ କଥା ।

ଟିପି ଟିପି ବର୍ଷା ଅଳଙ୍କାର ନାଇ
ସାଜୁଥିଲ ଅପରୂପା
ଚିକ୍ ମିକ୍ କରି ଗୋଲାପି ଗାଲରେ
ଦେଉ ଥିଲା ନୀଳ ଟୋପା ।

ଭଲ ପାଇବାର ନିରୋଳା ରଙ୍ଗରେ
ଢାଳି ସ୍ନେହ ସଞ୍ଜିବନୀ
ସ୍ନେହବୋଳା ପ୍ରେମ ହୃଦୟରେ ବୁଣି
ସାଜିଥିଲ କାଦମ୍ବିନୀ ।

+କାର୍ଯ୍ୟକ୍ରମ ସମ୍ପାଦକ
ସମ୍ବାଦ ସାହିତ୍ୟ ଘର, ରାଉରକେଲା
ମୋ: ୯୯୩୭୮୧୧୩୯୯

## ହେ କୃଷ୍ଣ, ହେ କେଶବ

### ହରେରାମ ପଣ୍ଡା



ହେ କୃଷ୍ଣ, କେଶବ,
ହେ ଦୀନ ବାନ୍ଧବ !
ରଙ୍ଗାଧର ଆହେ ଗୋପୀନାଥ ,
ଆହେ ଲୀଳାମୟ, ମଙ୍ଗଳ ଆଳୟ,
ରଙ୍ଗା ଚରଣରେ ପ୍ରଣିପାତ ।

ଜନମିଲ ତୁମ୍ଭେ କଂସ ବନ୍ଦୀଶାଳେ
ଦେବ ଦୁର୍ଲ୍ଲଭ କାନ୍ତି ନେଇ,
ତୁମରି ଜନମ ଦିନକୁ ଜଗତ
ପାଳୁଅଛି ପୁଲକିତ ହୋଇ ।

ବରଷାର କାଳ ଭାଦ୍ରବ ମାସର
ଅଷ୍ଟମୀ ତିଥିର ଅର୍ଦ୍ଧ ରାତ୍ର,
ରୋହିଣୀ ବୃଷର ସଂଯୋଗ କାଳରେ
ଦେବକୀ ଗର୍ଭରୁ ହେଲ ଜାତ ।

ଦୁନ୍ଦୁଭି ନାଦରେ ଜଗତ କମ୍ପିଲା
ସ୍ୱର୍ଗରେ ଅପ୍ସରା ନୃତ୍ୟ ରତା ,
ପୁଷ୍ପ ବୃଷ୍ଟି କରୁଥାନ୍ତି ଦେବଗଣ
ମଳୟ ପରଶେ ମଧୁରତା ।

ନିର୍ମଳ ଦିଶିଲା ଗଗନ ମଣ୍ଡଳ
ନଦ ନଦୀମାନେ ଉଚ୍ଛୁଳିଲେ ,
ବନେ ଉପବନେ କୁସୁମର ଶୋଭା
ପକ୍ଷୀଙ୍କ କାକଳି ବୃକ୍ଷଡାଳେ ।

ଜନମିଲ ପ୍ରଭୁ ଦେବକୀ ଉଦରୁ
ସୁନୀଳ ଜିମୁତ ତୁମ୍ଭ କାନ୍ତି ,
ପୀତ ବସନ ଯେ
କଟିଦେଶେ ଶୋହେ
ବଳୟରେ ମଣି ଝଟକନ୍ତି ।

କୋଟି କାମ ମୋହେ
କି ଲାବଣ୍ୟ ରୂପ
କଟିରେ ମେଖଳା ସୁନା ସୂତା ,
କିରୀଟ କୁଣ୍ଡଳ କଙ୍କଣର ଶୋଭା
ହୃଦେ ଶୋହେ ପଦକ ପଇତା ।

ଶଙ୍ଖ, ଚକ୍ର,ଗଦା,କମଳର ଚିହ୍ନ
ବେନିପାଦେ ନୂପୁର ଶୋଭନ ,
ଅଧର ଓଷ୍ଠରେ ରଙ୍ଗର ପଶରା
ହୃଦେ ଶ୍ରୀବତ୍ସର ପଦଚିହ୍ନ ।

ଦୁଷ୍କୃତି ନାଶିଲ ଅସୁର ବଧିଲ
ସନ୍ଥଙ୍କୁ ପାଳିଲ ଚକ୍ରଧର ,
ଅଧର୍ମ, ଅନୀତି ଗ୍ରାସିଛି ଧରାକୁ
ନିଜ ସୃଷ୍ଟି ନିଜେ ରକ୍ଷାକର ।

ଆଜି ପ୍ରଭୁ ତୁମ୍ଭ ଜନ୍ମାଷ୍ଟମୀ ପାଇଁ
ଶୁଭେ ଶଙ୍ଖ ଘଣ୍ଟ ଭେରି ତୁରି ,
ଅବତରି ଆସ ହେ କୃଷ୍ଣ ମୁରାରି
ପାପ ହିଂସା ଯାଉ ଅପସରି ।

+କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫

## ପାରୁ ନାହୁଁ କରି କଳନା

### ଚିତ୍ତରଞ୍ଜନ ବ୍ରହ୍ମା



ଛଳନାରେ ସବୁ ବଞ୍ଚୁଛୁ ଏଠି,
ସବୁଥରେ ଖାଲି ଛଳନା-
ଉପରକୁ ଦିଶୁ ଭାରି ଖୁସିବାସି
ଦୁଃଖର ନାହିଁ ତୁଳନା ।

ସାଥୀଭାଇର ଉନ୍ନତି ଦେଖି
ଭାଙ୍ଗିପଡୁଛୁ ଦୁଃଖରେ,
ପର ମାରିନେଲେ ତାଙ୍କରି ପାଉଣା
ଖୁସି ଆମେ ପର-ସୁଖରେ ।

ବନ୍ଧୁକ ରଖି ଅନ୍ୟର କାନ୍ଧେ
କରୁ ଆମେ ଗୁଳିକ୍ଷଳନା-
ପ୍ରତିଯୋଗୀଙ୍କ ନିନ୍ଦାଗାଇ ଜିଣୁ,
ଦୁଷ୍ଟର ସାଜୁ ଖେଳନା ।

ସମ୍ମୁଖେ ମଧୁ ବଡ଼ନ କହୁ
ହାନୀକରୁ, ମାରୁ ଛଳରେ-
ସାଧୁତାକୁ ଛାଡ଼ି କପଟରେ ବଢୁ
ନିଶା, ନାରୀ, ଧନ ବଳରେ ।

ଛଳନାରେ ଆମେ ବଞ୍ଚୁଛୁ ଏଠି
ସବୁଥରେ ଖାଲି ଛଳନା-
ପରିଣତି ତାର କେତେ ବିଷମୟ
ପାରୁନାହିଁ କରି କଳନା ।

+ରାଉରକେଲା

## ବିଦ୍ୟୁତ୍ ବିଜ୍ଞାନର ଜନକ-ଫାରାଡ଼େ



### ଅକ୍ଷୟ କୁମାର ରାଉତ

ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟ ଫଳରେ ମନୁଷ୍ୟସମାଜରୁ ସେହି ସମସ୍ତ ଅଜ୍ଞତା, ଅନ୍ଧବିଶ୍ୱାସ, ଅନ୍ଧାଚାର, କୁସଂସ୍କାର ଓ ଅନ୍ଧକାର କାହିଁ ଅନ୍ତର୍ଦ୍ଧାନ ହୋଇଯାଇଅଛି । ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା ଏବଂ ପ୍ରକୃତି ଜଗତର ସମସ୍ତ ରହସ୍ୟର ବାସ୍ତବ ଉଦ୍‌ଘାଟନ ତଥା ସମସ୍ତ ଇନ୍ଦ୍ରିୟଲବ୍ଧ ଅଭିଜ୍ଞତା ଗୁଡ଼ିକ ମଧ୍ୟରେ ତିଷ୍ଠି ରହିଥିବା ସୁନିୟନ୍ତ୍ରିତ ସମ୍ବନ୍ଧସୂତ୍ରର ଆବିଷ୍କରଣ । ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜୀବ ଜଗତର ହିତ ନିମନ୍ତେ ଉପଲବ୍ଧ ହୋଇଥାଏ । ବିଦ୍ୟୁତ୍ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଯେଉଁ ମହାନ୍ ପୁରୁଷଙ୍କୁ ଆମେ ବିଦ୍ୟୁତ୍ ବିଜ୍ଞାନର ଜନକ କହୁଅଛେ, ସେ ହେଉଛନ୍ତି ମାଇକେଲ ଫାରେଡ଼େ ।

ମାଇକେଲ ଫାରେଡ଼େ ୧୭୯୧ ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ଲଣ୍ଡନର ଏକ ଗରିବ କମାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ହେଉଛି ଜେମ୍ସ ଫାରାଡ଼େ ଓ ମାତାଙ୍କ ନାମ ମାର୍ଗାରେଟ୍ ହାଷ୍ଟୱେଲ୍ ଚାରୋଟି ସନ୍ତାନ ମଧ୍ୟରେ ମାଇକେଲ ଫାରାଡ଼େ ହୋଇଛନ୍ତି ତୃତୀୟ ସନ୍ତାନ । ଏକ ସ୍ଥାନୀୟ ବିଦ୍ୟାଳୟରେ ମାଇକେଲେ ପ୍ରାଥମିକ ସ୍ତରରେ ଲେଖିବା, ପଢିବା ଓ କିଛି ପାଟୀଗଣିତ ଶିକ୍ଷା କରିଥିଲେ । ଦାରିଦ୍ରତା ତାଙ୍କୁ ୧୩ବର୍ଷ ବୟସରେ ପାଠ ପଢାରେ ଡ଼ୋରବାନ୍ଧୀ ଦେଇଥିଲା । ତେଣୁ ସେ ଜର୍ଜ ରିବିୟାନ୍‌ଙ୍କ ବହି ଦୋକାନରେ ଚାକିରି ଜୀବନ ଆରମ୍ଭ କଲେ । ଫାରାଡ଼େଙ୍କ କାମ ଥିଲା ସେ ଗୋଞ୍ଚାଟିଏ ଗ୍ରାହକ ପାଖରୁ ଖବର କାଗଜ ନେଇ ଅନ୍ୟ ଜଣେ ଗ୍ରାହକଙ୍କୁ ଦେବେ । ମାଲିକ ରିବିୟାନ୍ ବର୍ଷକ ପରେ ତାଙ୍କ କାମରେ ଖୁସି ହୋଇ ବହି ବନ୍ଧା କାମ ଶିକ୍ଷା ଦେଲେ । ଦାରିଦ୍ର ଯୋଗୁଁ ଫାରାଡ଼େ ଅଧିକ ଶିକ୍ଷା ଗ୍ରହଣ କରିପାରିନଥିଲେ, କିନ୍ତୁ ସେ ବହି ବନ୍ଧେଇ କରିବା ପୂର୍ବରୁ ସେ ସେହି ବହି ଗୁଡ଼ିକୁ ପଢୁଥିଲେ । ମାର୍ସେଟ୍‌ଙ୍କ ରଚିତ ରସାୟନ ବିଜ୍ଞାନ ପୁସ୍ତକ ଓ ଏନସାଇକ୍ଲୋ ପିଡ଼ିଆ ବ୍ରିଟାନିକା ଏହି ଦୁଇଟି ପୁସ୍ତକ ତାଙ୍କୁ ପ୍ରଭାବିତ କରିଥିଲା । ଫାରାଡ଼େଙ୍କୁ ମାଲିକ୍ ରିବିୟାନ ବହି ପଢିବା ପାଇଁ ଉତ୍ସାହିତ କରୁଥିଲେ । ବହି ପଢା ପ୍ରତି ଏତେ ନିଷ୍ଠା ଯୋଗୁ ସେ ଇଣ୍ଟ୍ରୋଡ଼କ୍ ?ସନଟୁ କେମେଷ୍ଟ୍ରି ର ୪ଟି ଯାକ ପୁସ୍ତକ କିଣିଲେ । ଏଥିରୁ ସେ ନିଜର ମତାମତ ଓ ବିବରଣୀକୁ ସଂଗଠିତ କରି ଦି ଫିଲୋସଫିକ୍ ମିସେଲାନୀ ନାମରେ ଏକ ପୁସ୍ତକ ଲେଖିଥିଲେ । ପିତାଙ୍କ ମୃତ୍ୟୁ ପରେ ଫାରାଡ଼େ ଭାଇ ରବଟଙ୍କ ଠାରୁ ପଇସା ନେଇ ସିଟି ଫିଲୋସୋଫିକାଲ ସୋସାଇଟି ଦ୍ୱାରା ଆୟୋଜନ ହେଉଥିବା ବିଜ୍ଞାନ ଆଲୋଚନାରେ ଏକ ଶିଲିଙ୍ଗ ଦେଇ ଟିକେଟ ନେଇ ଶୁଣିବାକୁ ଯାଉଥିଲେ । ତାଙ୍କର ବନ୍ଧୁ ବେଞ୍ଜାମିନ୍ ଆବଟ୍ ଓ ଏଡ଼ୱାର୍ଡ଼ ମାଗ୍ରାଥ୍‌ଙ୍କ ସାହାଯ୍ୟରେ ଆଲୋଚନାରେ ଭାଗ ନେବାକୁ ପ୍ରସ୍ତୁତ କରିପାରିଥିଲେ ।

ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ୧୭୯୯ ମସିହାରେ ରୟାଲ୍ ଇନଷ୍ଟିଚ୍ୟୁସନ୍ ଲଣ୍ଡନରେ ସ୍ଥାପିତ ହେଲା । ଲାଫିଙ୍ଗ ଗ୍ୟାସ୍ ପ୍ରସ୍ତୁତ କର୍ତା ସାର୍ ହମ୍ଫ୍ରିଡ଼ାଭେ ୧୮୦୨ ମସିହାରେ ମାତ୍ର ୨୪ବର୍ଷ ବୟସରେ ରୟାଲ୍ ଇନ୍‌ଷ୍ଟିଚ୍ୟୁରେ ପ୍ରଫେସର ପଦରେ ଯୋଗଦେଲେ । ମାଇକେଲ ଫାରାଡ଼େ ଏକ ଚିଠି ସହିତ ପ୍ରସ୍ତୁତ କରିଥିବା ଡାଭେଙ୍କ ଭାଷଣର ସାରାଂଶର ନକଲ ଡ଼ାଭେକ ନିକଟକୁ ପଠାଇଲେ । ଫାରାଡ଼େଙ୍କ ବିଜ୍ଞାନପ୍ରତି ଆଗ୍ରହ, ତୀକ୍ଷ୍ଣ ସ୍ମୃତି ଶକ୍ତିକୁ ଅତିଶୟ ପ୍ରଶଂସା କରିଥିଲେ ଡ଼ାଭେ । ୧୮୧୩ ମସିହାରେ ଫାରାଡ଼େ ରୟାଲ ଇନିଷ୍ଟିଚ୍ୟୁରେ ଗୋଟିଏ ପରୀକ୍ଷାଗାର ସହାୟକ ପଦରେ ନିଯୁକ୍ତି ହେଲେ । ଦରମା ଥିଲା ମାସକୁ ୨୫ ଶିଲିଙ୍ଗ୍, ଫାରାଡ଼େ ନିରନ୍ତର ଡ଼ାଭେଙ୍କ ପାଖରେ ରହି ସମସ୍ତ ପରୀକ୍ଷା ଦେଖୁଥିଲେ ଏବଂ ଏହାର ସିଦ୍ଧାନ୍ତକୁ ନିଜେ ବିଶ୍ଳେଷଣ କରୁଥିଲେ ।

ଡ଼ାଭେ ସସ୍ତ୍ରୀକ ୟୁରୋପ ଭ୍ରମଣରେ ବାହାରିଥିଲେ । ସେ ଫାରାଡ଼େଙ୍କୁ ସହାୟକ ଭାବେ ନେବାକୁ ସ୍ଥିର କଲେ । ଫାରାଡ଼େ ଚାକିରିରୁ ଇସ୍ତଫା ଦେବେ ଓ ଫେରିବାପରେ ଫାରାଡ଼େ ପୁନଶ୍ଚ ଚାକିରି ଦେବା ପାଇଁ ଡ଼ାଭେ ପ୍ରତିଶ୍ରୁତି ଦେଲେ । ଡ଼ାଭେଙ୍କ ସ୍ତ୍ରୀ ଜେନ୍ ଡ଼ାଭେଙ୍କ ପରିଚାରିକା ନଯିବାରୁ ଫାରାଡ଼େ ପରିଚାରିକା କାର୍ଯ୍ୟ ମଧ୍ୟ କରିବାକୁ ରାଜି ହେଲେ । ଏହି ଭ୍ରମଣ ସମୟରେ ଫାରାଡ଼େ ବିଦେଶୀ ବୈଜ୍ଞାନିକ ମାନଙ୍କୁ ଭେଟୁଥିଲେ ଓ ବୈଜ୍ଞାନିକ ପରୀକ୍ଷାରେ ଅଂଶ ଗ୍ରହଣ କରୁଥିଲେ ।

ଡ଼ାଭେ ଫାରାଡ଼େଙ୍କୁ ଜଣେ ସହଯୋଗୀ ଭାବେ ଉପସ୍ଥାପିତ କରୁଥିଲେ । ଫାରାଡ଼େ ଭ୍ରମଣ ସମୟରେ ଫରାସୀ ଭାଷା ଶିକ୍ଷା କରିଥିଲେ । ସେ ଡ଼ାଭେଙ୍କ ସହଯୋଗୀଭାବେ ପ୍ରକୃତି ବିଜ୍ଞାନ କାର୍ଯ୍ୟ କରିଥିଲେ, ଫଳରେ ନିଜକୁ ସେ ଜଣେ ବୈଜ୍ଞାନିକ ଭାବେ ଭବିଷ୍ୟତରେ ପ୍ରତିପାଦିତ କରିପାରିଥିଲେ । ଭ୍ରମଣରୁ ଫେରିବା ପରେ ଫାରାଡ଼େ ଉପକରଣ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ପାଇ ସପ୍ତାହକୁ ୩୦ ଶିଲିଙ୍ଗ୍ ଦରମା ପାଇଲେ ।

ରୟାଲ ଇନ୍‌ଷ୍ଟିଚ୍ୟୁସନ୍‌ରେ କାମ କରିବା ସମୟରେ ନିଜର ଚେଷ୍ଟା,କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ । ୧୮୧୬ ମସିହାରେ କଷ୍ଟିକ୍ ସୋଡ଼ା ଉପରେ ଏକ ନିବନ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶ କରିଥିଲେ । ୧୮୨୦ ମସିହା ସୁଦ୍ଧା ସେ ୩୭ଟି ମୌଳିକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ନିଜର ବୈଜ୍ଞାନିକ ଆତ୍ମବିଶ୍ୱାସ କୁ ପ୍ରମାଣିତ କରିଥିଲେ । ୧୮୧୬ମସିହା ଜାନୁଆରୀ ମାସ ୧୭ତାରିଖରେ ଫିଲୋସୋଫିକାଲ ସୋସାଇଟିରେ ପ୍ରଥମ ସାରଗର୍ଭକ ବକ୍ତୃତା ଦେଇ ଦେଶରେ ପ୍ରସିଦ୍ଧି ଲାଭ କଲେ । ୧୮୨୧ ମସିହା ଜୁନ ମାସ ୧୨ ତାରିଖ ଦିନ ଫାରାଡ଼େଙ୍କ ବିବାହ ସାରାହ ବର୍ଣ୍ଣଡ଼ ସହିତ ହୋଇଥିଲା । ସୁଖପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ତାଙ୍କର ସନ୍ତାନ ନଥିଲେ । ସେ ପୁତୁରା ଓ ଝିଆରୀମାନଙ୍କୁ ନିଜପିଲା ଭଳି ଦେଖୁଥିଲେ । ୧୮୨୫ ମସିହାରେ ବେଞ୍ଜିନକୁ ଆବିଷ୍କାର କରି ତାହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିଥିଲେ ।

୧୮୨୩ ମସିହା ମେ ମାସରେ ବୈଜ୍ଞାନିକମାନେ ରୟାଲ ସୋସାଇଟିର ସଭ୍ୟ ପାଇଁ ମାଇକେଲ ଫାରାଡ଼େଙ୍କ ନାମ ସୁପାରିସ କଲେ । ୧୮୨୩ ମସିହା ଡ଼ିସେମ୍ବରରେ ଫାରାଡ଼େ ଗୋଟିଏ ବିଦ୍ୟୁତ୍ ବାହୀ ତାରର ଗୁଣ ଚୁମ୍ବକର ଗୁଣ ସହ ସମାନ ରହୁଛି, ଏହାକୁ ଯଦି ମୁକ୍ତ ଭାବରେ ଝୁଲାଇ ରଖିବା, ଏହା ଉତର ଓ ଦକ୍ଷିଣ ଦିଗକୁ ମୁହଁ କରି ରହିବ, ତାଙ୍କର ସାଧନା ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ୩୩ ବର୍ଷ ବୟଷରେ ୧୮୨୫ ମସିହା ଫେବୃଆରୀ ୭ ତାରିଖରେ ରୟାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ନିର୍ଦ୍ଦେଶକ ପଦରେ ଯୋଗ ଦେଇଥିଲେ । ୧୮୨୫ ରୁ ୧୮୬୨ ମଧ୍ୟରେ ସେ ଏକଶହରୁ ଅଧିକ ବକ୍ତୃତା ଦେଇଥିଲେ । ଶିଳ୍ପ ଅନିଷ୍ଠାନକୁ ଦେଉଥିବା ପରାମର୍ଶ ଓ ସାହାଯ୍ୟ ଦ୍ୱାରା ରୟାଲ ଇନିଷ୍ଟିଚ୍ୟୁସନ୍‌ର ଆୟ ବୃଦ୍ଧି ଘଟିଥିଲା । ୧୮୩୧ ମସିହାରେ ଅଗଷ୍ଟ ମାସ ୨୯ ତାରିଖରେ ଫାରାଡ଼େ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣା ତତ୍ତ୍ୱ ଆବିଷ୍କାର ସହ ଏକ ସଙ୍ଗରେ ଟ୍ରାନ୍ସଫର୍ମର ଓ କିଛି ଦିନ ପରେ ଡ଼ାଇନାମୋର ଉଦ୍ଭାବନ କରିଥିଲେ ।

ବ୍ରିଟେନର ପ୍ରଧାନ ମନ୍ତ୍ରୀ ସାର ରବର୍ଟ ପିଲ୍ ଫାରାଡ଼େଙ୍କୁ ବିଜ୍ଞାନ ପ୍ରତି ଅବଦାନ ଯୋଗୁଁ ତାଙ୍କୁ ପେନ୍‌ସନ୍ ଦେବାକୁ ଘୋଷଣା କରିଥିଲେ । କିନ୍ତୁ ପେନ୍‌ସନ୍ ମିଳିବା ପୂର୍ବରୁ ପ୍ରଧାନ ମନ୍ତ୍ରୀ ଲଡ଼ ମେଲ୍‌ବୋର୍ଭ ପେନ୍‌ସନ୍ ଦେଲେ ନାହିଁ,ପରେ ପ୍ରଧାନ ମନ୍ତ୍ରୀ କ୍ଷମା ମାଗି ପେନ୍‌ସନ୍ ବ୍ୟବସ୍ଥା କରିଥିଲେ ।

ସେ ନିଜ ଚେଷ୍ଟା ଓ ପରିଶ୍ରମ ବଳରେ ବିଦ୍ୟାଳୟ ଶିକ୍ଷା ଶେଷ ନକରି ମଧ୍ୟ ପୃଥିବୀର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇ ପାରିଥିଲେ । ସେ ବିଦ୍ୟୁତ୍ ମୋଟର, ଜେନେରେଟର ଓ ଟ୍ରାନ୍ସଫର୍ମରର ସୂତ୍ର ଆବିଷ୍କାର କରିବା ପରେ ବ୍ୟାବସୟିକ ନିର୍ମାଣ ପ୍ରତି ଦୃଷ୍ଟି ଦେଇନଥିଲେ । ସେ ବଳରେଖା ସମ୍ବନ୍ଧରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ । ତାଙ୍କ ଦ୍ୱାରା ରଚିତ ଏକ୍ସପେରିମେଣ୍ଟାଲ ରିସର୍ଚ୍ଚ ଇନ୍ କେମେଷ୍ଟ୍ରି ଆଣ୍ଡ ଫିଜିକ୍ସ ଏବଂ ଦା କେମିକାଲ ହିଷ୍ଟ୍ରି ଅଫ ଏ କ୍ୟାଣ୍ଡଲ ପୁସ୍ତକ ଗୁଡ଼ିକ ବିଜ୍ଞାନ ସାହିତ୍ୟକୁ ଅମର ଅବଦାନ ।

ମାଇକେଲ ଫାରାଡ଼େଙ୍କର ମହାପ୍ରୟାଣ ୧୮୬୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ହୋଇଥିଲା, କିନ୍ତୁ ତାଙ୍କର ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସାରା ସଂସାର ବିଦ୍ୟୁତ୍ ବିଜ୍ଞାନର ଜନକ ଭାବରେ ମନେ ରଖିବ ।

+ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

## ନାରୀ ବିନା ସାରା ସଂସାର ଅସାର

### ପ୍ରଦୋଷ କୁମାର ଦାସ



ଏବେ ଭାରି ଡର ଲାଗେ
ଲାଜ ମଧ୍ୟ ଲାଗେ
ଏପରିକି ଭାବିବାକୁ
ନିଜେ ଜଣେ ସତରେ ପୁରୁଷ
ଏଇ ସଂସାରର !

ଦୋଛକିରେ ମୋର
ଅସହାୟ ପୁରୁଷ ପଣିଆ
ଆଉ ପୁରୁଷାର୍ଥ ନିରନ୍ତର ।

ଆପଣା ପରିବାର ସହ
ଆଖି ମିଶାଇ କଥା ହେବା
ଏବେ ଲାଗେ ଭାରି ଦୁଷ୍କର ।

କାହିଁକି ନା
କେମିତି ବୁଝାଇ କହିବି ମୁଁ
ସେମାନଙ୍କୁ,
ତୁମମାନଙ୍କ ପରି ଜଣେ ନାରୀଟିଏର
ଅଘଟଣ ଘଟାଇଥିଲା ସେହି
ଅମଣିଷଟି
ମୋ ଭଳି ଜଣେ ପୁରୁଷ ଜାତିର ।

ତ୍ରସ୍ତ ହୃଦୟ ମୋ ଭଳି ନାଚାର
ସେହି ସବୁ ପୁରୁଷଙ୍କର ।
ନିରାପଦ ଲାଗେ ନାହିଁ
ଘରବାହାର,
ଏପରିକି ଆମ ପରିବାର !

ଛାତିକୁ ଦେଖିଲେ
ଘରର ଗେହ୍ଲା ଝିଅ,
ଅଲିଅଳି ଭଉଣୀ ସମେତ
ଅନ୍ୟ ମହିଳାଙ୍କୁ ଭାବେ ଡର ।

କେଜାଣି କେତେବେଳେ
ସେହି ଛାଇ ରୂପ
ବଦଳାଇ ହେବ ପରା
ତାଙ୍କ ପାଇଁ ନିମିଷକେ
କରାଳ ଭୟଙ୍କର ।

ନାରୀ ଦୁଷ୍କର୍ମ, ଅସଦାଚରଣ,
ହତ୍ୟା ବିଭୀଷିକାର
ଲେଲିହାନ ଶିଖାରେ
ଜଳୁଛି ସମାଜ,ସାରା ସଂସାର,
ଆଉ ଜଳୁଛି ବି ଜୀବନ
କେତେ ନାରୀଙ୍କର ।

ଜାଣେନା କି ଦୋଷ ତାଙ୍କର ?
ବିଡ଼ମ୍ବନା ଆଜି ଆମ ସଭିଙ୍କର
ଆମ ଚେତନା ନୁହେଁ ସତତ ଜାଗ୍ରତ
ନାରୀ ଜାତି ଆଜି ନୁହେଁ ସୁରକ୍ଷିତ
ଆଉ ସ୍ଥାନ କାଳ ପାତ୍ରର ପ୍ରଭାବେ
ହୁଏ ହାହାକାର ।

କେବେ ବୁଝିବେ ସଭିଏଁ
'ନାରୀ ଅଟେ ଆମ ସୃଷ୍ଟିର ସମ୍ଭାର
ନାରୀ ବିନା ସାରା ସଂସାର ଅସାର' ।

ସ୍ତମ୍ଭକାର, ସା/ପୋ:- ନାଟୁଣୀ,
ଖୋର୍ଦ୍ଧା, ପିନ୍:-୭୫୨୦୩୪
ମୋ: ୬୩୭୦୪୯୫୯୪୪

# ସ୍ୱନକ୍ଷତ୍ର ବିଶେଷାଙ୍କ

## ଭୁଲିବାକୁ ଚାହୁଁଥିବା କବିତା

### ଜ୍ଞାନେନ୍ଦ୍ର କୁମାର ପଣ୍ଡା



ତୁମକୁ ବିଦାୟ ଦେଇ
ଫେରିବା ପଥରେ
ଅଦିନିଆ ଝିପି ଝିପି ବର୍ଷା
ଏବେ ମଧ ରାହା ଧରିଛି
ପାଖ ଷ୍ଟେସନ୍
ଅତିକ୍ରମ କରିସାରିଥିବ ତୁମ ଟ୍ରେନ୍
ଏଥର ତୁମେ ମୁକ୍ତ ସମସ୍ତ ଦାୟରୁ
ଆପାତତଃ ମୋତେ ମଧ ମୁକ୍ତି ଦରକାର ।

କେତେଥର ତୀବ୍ର ପବନର ଝାଙ୍କରେ
ହାତରେ ରହି ଥରି ଉଠିଲାଣି ଛତା
ଯାଃ...। ହାତରୁ ବାହାରି ବେଶ ଆରାମରେ
ଉଡ଼ିଗଲା ସେ,, ପଛକୁ ବି ଚାହିଁଲାନି !
ତେବେ କଣ ଏତେ ସହଜ, ଚାଲିଯିବାଟା ?

ଦେହ ପୁରା ଆର୍ଦ୍ର । ପ୍ରଥମ କରି ବର୍ଷାରେ
ଓଦା ହେବାର ଚମକ
ଖେଳୁନ'ଥିଲା ମୋ ଭିତରେ ।

ହାତରେ ଷ୍ଟେସନ ଛକ ଚା' ଦୋକାନୀର
ଗରମ ଚା' କପ୍
ଓଠରେ ଦ୍ୱିତୀୟ ଟାଣ୍ ବେଳକୁ
କପରେ ଯେମିତି ମୁଠିଏ ବରଫ
ଓଠ ଥଣ୍ଡା, ଚା' ଥଣ୍ଡା,
କେଜାଣି କୁଆଡ଼େ ଗଲା
ଉଷ୍ମତା ଟିକକ !

ମୁଣ୍ଡ ଏଯାଏଁ ଭାରି ।
ମୋତେ ପ୍ରଚଣ୍ଡ ମୁକ୍ତି ଆବଶ୍ୟକ
ସେଇ ଗୋଟିଏ ପ୍ରଶ୍ନ ମୋ ମନରେ,
କେମିତି ?

ସାମ୍ନାରେ ସକାଳ
କାଁ ଭାଁ ଭିଡ଼ ଲାଗିଛି ପୁଫ୍ ରାସ୍ତା
ସଡ଼କ ଧାରରେ ବିଛେଇ ପଡ଼ିଥିବା
ନୀଳକୁରିଞ୍ଜି
ହାତ ଠାରି ଡାକୁଥିଲା
ମାଟିରୁ ଗୋଟିଏ ଉଠେଇ ନେଇ
ଶୁଙ୍ଘିଲା ବେଳକୁ ଶୂନ୍ୟ,
ପର ପର ହୋଇ ଯାହାକୁ ବି
ଆଘ୍ରାଣ କରିବା ବେଳକୁ
କାହାରି ଦେହରେ ବାସ୍ନା ନାହିଁ ।

ସେମାନଙ୍କୁ ଛୁଇଁ
ପଥ ପ୍ରାନ୍ତରରେ ବହୁଥିବା
ବର୍ଷାର କ୍ଷୁଦ୍ର ଜଳଧାରାରେ
ପ୍ରବାହିତ ହେଉଛି ସୁଗନ୍ଧ ।

ହସୁଥିଲା ନୀଳକୁରିଞ୍ଜି
ଏ ଯେ ତା' ପାଇଁ ବିଦାୟର ଋତୁ,
ତଥାପି, ତା' ହସ କେଡ଼େ ଛଳ ଛଳ,
କେଡ଼େ ସହଜ ସରଳ !

ପୁନଶ୍ଚ ସେଇ ପ୍ରଶ୍ନ ମୋ ମନରେ,
କିନ୍ତୁ କେମିତି ?
ଫିସ୍ ଫିସ୍ କରି ନୀଳକୁରିଞ୍ଜି
ମୋ କାନରେ କହୁଥିଲା...
'ଆଗକୁ ଯାଇପାରୁନାହଁ ?
କାହାକୁ ନିଷ୍ଚୟ ଛୁଇଁଦେଇ ଆସିଛ,
ଯାଅ, ପଛକୁ ଯାଇ ଥରେ
ସେ ସ୍ୱର୍ଶ ଅନୁଭୂତିର ଦାଗ
ଲିଭେଇଦେଇ ଆସିବ।'

ଏଥର ପୂର୍ବାପେକ୍ଷା ହାଲୁକା ଲାଗୁଥିଲା,
ଆଗକୁ ଚାଲୁଥିଲି ।
ପଛରୁ ଠୋ ଠୋ ହସୁଥିଲା
ନୀଳକୁରିଞ୍ଜି ।

+ସୁନ୍ଦରୀ, ସୁନହଟ, ବାଲେଶ୍ୱର

## କାନ୍ଥର ଚିତ୍ରମାନେ

### ଅଂଜଳି ପଟ୍ଟନାୟକ



କାନ୍ଥର ଚିତ୍ରମାନେ କଥା କହନ୍ତି ଖୁବ୍,
ପ୍ରକୃତରେ ଚିତ୍ର ମାନେ ହିଁ
କଥା କୁହନ୍ତି,
ସେ କଲେକ୍ଟର ଅଫିସ
ପାଚେରୀ କାନ୍ଥ ହେଉ କି
ବୈଠକଘର କାନ୍ଥ,
ଚିତ୍ର ସବୁଠି କଥା କୁହେ
ହରଦମ୍ କହେ,
ଅକ୍ଳାନ୍ତ ହେଇ କହେ
କହି ଚାଲୁଥାଏ ଅନନ୍ତିମ କାଳଯାଏ...

ଇଏ ତ ଆମ ଶୁଣିବା ଲୋକର କାନ
ଯାହା ଧୋକା ଖାଏ
କାହାକୁ ଶୁଭେନି
ଶୁଣି ନଶୁଣିବା ଲୋକ ବି
କିଛି କମ ନୁହେଁ ଏଠି...

ଚିତ୍ର କହୁଥାଏ କଥାଟିଏ
ଚିତ୍ର କୁହେ କୁହୁଡି
ତୁମେ ବୁଝ କାରିଗରୀ
ମୁଁ ବୁଝେ ମାୟା
ସେ ବୁଝେ ଛାୟା...

ମତେ ଦିଶେ ସେ ଝିଅର
କାନ୍ଦୁରା ମୁହଁ
ତୁମେ ଦେଖ ଘୂମନ୍ତ ଆଖି
କେହି ଜଣେ ତା କେଶରୁ
ଖୋଜେ କଳା ଘୁମର ପାଣି
ଆଉ କେହି ଜଣେ ଦେଖେ
ତା ଓଠରେ ଆକାଶର ତୃଷ୍ଣା...

କୁରେଇଁ ଫୁଲ ନାଇଥିବା
ଗଭାରେ ଦିଶେ ଯୌବନର
ସପ୍ତରଂଗ ମତେ
ତୁମକୁ ଦିଶେ କନ୍ଦ ଆମ୍ବ ଟାକୁଆ ଖିଆ
ସୁଢଳଦେହରେ
ଗରୀବିର ଅହଂକାର,
କ୍ଷୁଧାର ତାଡନା ଆଉ
ଅନ୍ଧାରୀ ମୁଲକର ଗୋପନ ଅଭିସାର...

ଚିତ୍ରମାନେ ବି କାନ୍ଦନ୍ତି
ନିଜକୁ ବୁଝେଇ ନପାରିବାର
ଅସହାୟତାରେ,
ଭୁଲ୍ ତ ସେଇଠି.ତାଙ୍କ ଲୁହକୁ
ତୁମେ ବୁଝ ମୁକ୍ତା ଆଉ
ସେ ବୁଝେ ତୁଛା ଲୁଣ ପାଣି....

କଥା କହୁ କହୁ ନୀରବି ଯାଆନ୍ତି
ଚିତ୍ର ମାନେ
ପ୍ରମାଣ ଦେବାକୁ ନିଜକୁ
ଚିତ୍ର ବୋଲି,
ଦୁଇ ନିଃଶ୍ୱାସର ମଝି ସମୟ ତକ
ଟାଙ୍ଗି ଦିଅନ୍ତି ନିଜକୁ
ଚିତ୍ରପରି....।

+ମୋ: ୭୯୭୮୪୧୩୨୨୩

## ଗଣତନ୍ତ୍ର ରାଷ୍ଟ୍ରରେ ରାଜତନ୍ତ୍ରର ପଦଧ୍ୱନି

### ସୁବାସ କୁମାର ତାରଣିଆଁ

ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପ୍ରକ୍ରିୟା ହେଉଛି ଗୋଟିଏ ଗଣତନ୍ତ୍ର ରାଷ୍ଟ୍ରର ମୂଳଭିତ୍ତି। ଭାରତୀୟ ଗଣତନ୍ତ୍ରର ଏହି ପ୍ରକ୍ରିୟାକୁ ବଜାୟ ରଖି ଦେଶରେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପରିଚାଳନା କରିବା ପାଇଁ ସମସ୍ତ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ଆମ ଗଣତନ୍ତ୍ର ଚାଲିବା କଥା, କିନ୍ତୁ ଦୁଃଖର ବିଷୟ, ଏବେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ଯେପରି ଚାଲିଛି, ତାହା ଭାରତ ଭଳି ଗୋଟେ ସର୍ବଭୌମ ଓ ଧର୍ମନିରପେକ୍ଷ ରାଷ୍ଟ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଭାରତବର୍ଷରେ ଗଣତନ୍ତ୍ରର ବୟସ ଯେତିକି ବଢି ବଢି ଚାଲିଛି ନିର୍ବାଚନ ପଦ୍ଧତି ସେତିକି କଳୁଷିତ ହେବାରେ ଲାଗିଛି। ଦେଶର ପ୍ରତ୍ୟେକ ନାଗରିକ ସେମାନଙ୍କର ମୂଲ୍ୟବାନ ମତଦାନ କରିବା ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ମୌଳିକ ଅଧିକାର ରହିଥିଲେ ମଧ ଗଣତନ୍ତ୍ର ରାଷ୍ଟ୍ରରେ ରାଜତନ୍ତ୍ରର ପଦଧ୍ୱନି ବହନ କରୁଥିବାରୁ ଏଥିରେ ବ୍ୟତିକ୍ରମ ଘଟୁଛି। ରାଜତନ୍ତ୍ରରେ ଯେପରି ରାଜାଙ୍କ ଉତ୍ତରାଧିକାରୀଭାବେ ସେମାନଙ୍କ ପୁଅମାନେ ରାଜ୍ୟର ଶାସନଭାର ସମ୍ଭାଳୁଥିଲେ, ଏବେ ଗଣତନ୍ତ୍ରରେ ତାହାର ପ୍ରତିଫଳନ ଦେଖିବାକୁ ମିଳୁଛି। ମନ୍ତ୍ରୀ, ସାଂସଦ ଓ ବିଧାୟକ ଥିବା ପିତାମାନେ ଏବେ ପୁତ୍ରକନ୍ୟାମାନଙ୍କୁ ଉତ୍ତରାଧିକାରୀ ଭାବେ ରାଜନୀତିରେ ପ୍ରବେଶ କରିବାକୁ ସୁଯୋଗ ଦେଉଛନ୍ତି। ଫଳରେ ସେମାନଙ୍କର ପୁତ୍ରକନ୍ୟାମାନେ ଏବେ ବିଧାୟକ ମନ୍ତ୍ରୀ ହେଲେଣି ଓ ପିତାଙ୍କ ଲୋକସଭା, ବିଧାନସଭା ଆସନକୁ ଅକ୍ତିଆର କରି ଚାଲିଲେଣି ଯାହା ଗଣତନ୍ତ୍ର ରାଷ୍ଟ୍ର ପାଇଁ ଆଦୌ ଶୁଭ ଲକ୍ଷଣ ନୁହେଁ। ୨୦୨୪ ସାଧାରଣ ନିର୍ବାଚନରେ ପୁତ୍ର ମୋହରେ ପିତାମାନେ ନିର୍ବାଚନ ପ୍ରଚାରରେ ମଙ୍ଗୁଆଳ ସାଜିଛନ୍ତି। ଏହି ପରିବାରବାଦ ରାଜନୀତି କେବଳ ରାଜ୍ୟ ରାଜନୀତିରେ ନୁହେଁ, ଜାତୀୟ ରାଜନୀତିରେ ମଧ ସକ୍ରିୟ ଭୂମିକା ଗ୍ରହଣ କରିଛି।

ମୋତିଲାଲ ନେହେରୁ ରାଜନୀତିରେ ସକ୍ରିୟ ଥିଲେ। ମୋତିଲାଲଙ୍କ ପରେ ତାଙ୍କର ପୁତ୍ର ପଣ୍ଡିତ ଜବାହାରଲାଲ ନେହେରୁ ଓ ଝିଅ ବିଜୟଲକ୍ଷ୍ମୀ ପଣ୍ଡିତ ରାଜୀନତିରେ ପାଦ ଦେଇଥିଲେ। ପଣ୍ଡିତ ଜବାହାରଲାଲ ନେହେରୁ ୧୯୪୭ ମସିହାରୁ ୧୯୬୪ ମସିହା ପର୍ଯ୍ୟନ୍ତ ସ୍ୱାଧୀନ ଭାରତ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ। ନେହେରୁଙ୍କ ପରେ ତାଙ୍କ ଝିଅ ଇନ୍ଦିରା ଗାନ୍ଧୀ ରାଜନୀତିକୁ ଆସି କଂଗ୍ରେସ ଦଳ ତରଫରୁ ୧୯୬୬ରୁ ୧୯୭୭ ଏବଂ ୧୯୮୦ରୁ ୧୯୮୪ ମସିହା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ। ଇନ୍ଦିରା ଗାନ୍ଧୀଙ୍କ ପରେ ତାଙ୍କ ପୁତ୍ର ରାଜୀବ ଗାନ୍ଧୀ୧୯୮୪ରୁ ୧୯୮୯



ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ହୋଇଥିଲେ। ରାଜୀବ ଗାନ୍ଧୀଙ୍କ ପରେ ତାଙ୍କ ପତ୍ନୀ ସୋନିଆ ଗାନ୍ଧୀ କଂଗ୍ରେସର ଅଧକ୍ଷା ଏବଂ ସାଂସଦ ଥିଲେ, ପୁତ୍ର ରାହୁଲ ଗାନ୍ଧୀ ସାଂସଦ ଥିଲେ, ଝିଅ ପ୍ରିୟଙ୍କା ଗାନ୍ଧୀ ମଧ ରାଜନୀତିକୁ ଆସିଥିଲେ। ସେହିପରି ସଞ୍ଜୟ ଗାନ୍ଧୀ, ମେନକା ଗାନ୍ଧୀ, ବରୁଣ ଗାନ୍ଧୀ ରାଜନୀତିକୁ ଆସିଥିଲେ। ବିହାରରେ ଲାଲୁ ପ୍ରସାଦ ଯାଦବ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ ଥିଲେ, ତାଙ୍କ ପତ୍ନୀ ରାବ୍ରୀ ଦେବୀ ମଧ ମୁଖ୍ୟମନ୍ତ୍ରୀ ଥିଲେ ଏବଂ ପୁତ୍ର ତେଜସ୍ୱୀ ଯାଦବ, ତେଜ ପ୍ରତାପ ଯାଦବ ରାଜନୀତିକୁ ଆସିଥିଲେ। ଅଜିତ ଯୋଗୀ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଥିଲେ ଏବଂ ତାଙ୍କ ପତ୍ନୀ ରେଣୁ ଯୋଗୀ ଓ ପୁତ୍ର ଅମିତ ଯୋଗୀ ବିଧାୟକ ହୋଇଥିଲେ। ଝାଡ଼ଖଣ୍ଡରେ ଶିବୁ ସୋରେନ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପୁତ୍ର ହେମନ୍ତ ସୋରେନ ଏବଂ ବୋହୁ ଦୁର୍ଗା ସୋରେନ ରାଜନୀତିକୁ ଆସିଥିଲେ। ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟିର ମୁଲୟମ ସିଂ ଯାଦବ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପୁତ୍ର ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ଥିଲେ ଏବଂ ବୋହୁ ଡିମ୍ପଲ ଯାଦବ ସାଂସଦ ଥିଲେ।

ଯଦି ଓଡ଼ିଶା କଥା ବିଚାର କରିବା, ତେବେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୬୧ରୁ ୧୯୬୩ ଓ ପରେ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ରାଜନୀତିକୁ ଆସି ବିଜୁ ଜନତା ଦଳ ତରଫରୁ ଦୀର୍ଘ ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିଲେ ଏବଂ ବର୍ତ୍ତମାନ ବିଧାୟକ ଅଛନ୍ତି। ଦେବେନ୍ଦ୍ର ପ୍ରଧାନ ଦେବଗଡ଼ର କେନ୍ଦ୍ରମନ୍ତ୍ରୀ ଥିଲେ ଓ ତାଙ୍କ ପୁତ୍ର ଧର୍ମେନ୍ଦ୍ର ପ୍ରଧାନ ରାଜନୀତିରେ ପ୍ରବେଶ କରି କେନ୍ଦ୍ରମନ୍ତ୍ରୀ ହେଲେ। ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୦ରୁ ୧୯୮୯ ଓ ୧୯୯୫ରୁ ୧୯୯୯ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ଓ ତାଙ୍କ ପତ୍ନୀ ଜୟନ୍ତୀ ପଟ୍ଟନାୟକ କଂଗ୍ରେସରୁ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ଏବଂ ପୁତ୍ର ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମଧ ରାଜନୀତିରେ ସକ୍ରିୟ ଅଛନ୍ତି। ହରେକୃଷ୍ଣ ମହାତାବ ୧୯୪୬ରୁ ୧୯୫୦ ଏବଂ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପୁତ୍ର ଭର୍ତ୍ତୃହରି ମହତାବ ରାଜନୀତିକୁ ଆସି ବିଜୁ ଜନତା ଦଳରୁ ୫ଥର ସାଂସଦ ହୋଇଥିଲେ। ବସନ୍ତ ବିଶ୍ୱାଳ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ଦୁଇ ପୁତ୍ର ଚିରଞ୍ଜୀବ ବିଶ୍ୱାଳ ଏବଂ ରଞ୍ଜୀବ ବିଶ୍ୱାଳ ରାଜନୀତିକୁ ଆସି ବିଧାୟକ, ସାଂସଦ ହୋଇଥିଲେ ଏବଂ ମଧ ସକ୍ରିୟ ଅଛନ୍ତି। ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ବ୍ରହ୍ମଗିରୀ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ତରଫରୁ ୧୯୯୫ରୁ ୨୦୦୯ ପର୍ଯ୍ୟନ୍ତ ବିଧାୟକ ଥିଲେ। ତାଙ୍କ ମୃତ୍ୟୁପରେ ତାଙ୍କ ଭାଇ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ବିଜେପି ତରଫରୁ ବ୍ରହ୍ମଗିରୀ ବିଧାୟକ ହୋଇଥିଲେ ଓ ଚଳିତ ସାଧାରଣ ନିର୍ବାଚନରେ ତାଙ୍କ ଝିଅ ଉପାସନା ମହାପାତ୍ର ବ୍ରହ୍ମଗିରୀରୁ ଭାରତୀୟ ଜନତା ପାର୍ଟିର ବିଧାୟିକା ରୂପେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧୯୭୨ରୁ ୧୯୭୩ ଓ ୧୯୭୪ରୁ ୧୯୭୬ ନନ୍ଦିନୀ ଶତପଥି ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ପୁତ୍ର ତଥାଗତ ଶତପଥୀ ଚାରି ଚାରିଥର ସାଂସଦ ହୋଇଥିଲେ। ନୀଳମଣି ରାଉତରାୟ ୧୯୭୭ରୁ ୧୯୮୦ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପୁତ୍ର ବିଜୟଶ୍ରୀ ରାଉତରାୟ ବାସୁଦେବପୁରରୁ ଚାରି ଚାରିଥର ବିଜୁ ଜନତା ଦଳରୁ ବିଧାୟକ ହୋଇଥିଲେ ଓ ବିଜୟଶ୍ରୀଙ୍କ ତାଙ୍କ ପୁତ୍ର ବିଷ୍ଣୁବ୍ରତ ରାଉତରାୟ ବାସୁଦେବପୁରରୁ ବିଧାୟକ ହୋଇଥିଲେ। ହେମାନନ୍ଦ ବିଶ୍ୱାଳ କଂଗ୍ରେସ ତରଫରୁ ଲାଇକେରାରୁ ଜିତି ୧୯୮୯ରୁ ୧୯୯୦ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ଝିଅ ସୁନିତା ବିଶ୍ୱାଳ ରାଜନୀତିରେ ପ୍ରବେଶ କରିଥିଲେ। ସେହିପରି ଗିରିଧାରୀ ଗମାଙ୍ଗ ୧୯୯୯ ମସିହାରେ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପତ୍ନୀ ହେମା ଗମାଙ୍ଗ କୋରାପୁଟ ...(ପୃଷ୍ଠା ୭ରେ)

## ନିସଙ୍ଗ ନିବାସ

### ବାବାଜୀ ଚରଣ ଜେନା



ନୀରବ ସହରେ ନିସଙ୍ଗ ନିବାସ
ଭଲ ଲାଗେ ଆଜି କାହିଁ
କୋଳାହଳ ନାହିଁ କଳହ ବି ନାହିଁ
ରଙ୍ଗ ବୋଲାବୋଲି ନାହିଁ
ନୀରବ ସହରେ।

ସକାଳ ସୂରୁଜ ମୁରୁଜ ବୁଣିଲେ
ମାଟି ଅଗଣାଟି ହସେ
ମଧୁମାଳତୀର ମିଠା ମହକରେ
ବଣସାରା ଖାଲି ବାସେ
ବନ ଲତା ଘେରା ରାଇଜକୁ ଛାଡି
ଯିବା ପାଇଁ ଇଚ୍ଛା ନାହିଁ
ନୀରବ ସହରରେ।

ମନ ହରଷରେ ପକ୍ଷୀ ଉଡିବୁଲେ
ଡେଣା ଝାଡି ଆକାଶରେ
ସୁନ୍ଦର ଦିଶଇ ପାହାଡ଼ର ଛାଇ
ପଡି ଝରଣାର ଜଳେ
ସେଇ ଶୋଭା ଦେଖି ଲେଖୁଥାଏ ବସି
ଦୁନିଆକୁ ଭୁଲିଯାଇ
ନୀରବ ସହରେ।

+ ଅହଲ୍ୟା ନିବାସ, ପୋପରଡା ,
ନୂଆବଜାର କଟକ-୪
ମୋ-୯୪୩୭୮୩୪୭୧୯

## ଅବନୀ ଅମର

### ପଦ୍ମାଳୟା ସାମଲ



ସକାଳୁ ସକାଳୁ 'ତନ୍ଦ୍ରାଲୋକ' ସାହିତ୍ୟ ଗ୍ରୁପର ସଦସ୍ୟ କେଦାର ଭାଇ କଲ୍ କରି କହିଲେ,'ଅବନୀ ଭାଇ ଚାଲିଗଲେ।'

-ଏପଟୁ ମୁଁ ଉତ୍ତର ଦେଲି, 'ଏ ଆପଣ କଣ କହୁଛନ୍ତି ? ଆପଣଙ୍କ କଥା ମତେ ଅସ୍ପଷ୍ଟ ଶୁଭୁଛି । ହ୍ୟାଲୋ...ହ୍ୟାଲୋ...।'

ସେପଟୁ ଫୋନ କଟିଗଲା ।

କେଦାର ଭାଇଙ୍କ କଥାର ସତ୍ୟାସତ୍ୟ ଜାଣିବା ପାଇଁ ତାଙ୍କ ଘର ନିକଟରେ ରହୁଥିବା 'ନୈବେଦ୍ୟ' ପତ୍ରିକାର ସମ୍ପାଦିକା ସରୋଜିନୀ ଦିଦିଙ୍କୁ ଫୋନ ଲଗେଇଲି । ସେ କହିଲେ - ହଁ, ଗତ କାଲି ରାତି ନଅଟା ବେଳେ ରାୟଗଡାର ଏକ ସାନ୍ଧ୍ୟ କବିତା ଆସରରେ ଜଗନ୍ନାଥଙ୍କ ଭଜନ ଗାଉଥିବା ସମୟରେ ସେ ମଞ୍ଚ ଉପରେ ହିଁ ଟଳି ପଡିଲେ । ସେଠାରେ ଉପସ୍ଥିତ କବି ଭାଇମାନେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଗଲେ । ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କଲେ । କଥାଟା ଶୁଣିବା ପରେ ସୋଫା ଉପରେ ଲଥ୍ କରି ବସି ପଡିଲି । ମନେପଡ଼ିଗଲା ଗତ ଏପ୍ରିଲ ମାସରେ ବିଷୁବ ବନ୍ଧୁ ମିଳନ ଓ କବିତା ଆସରରେ ତାଙ୍କ ସହ ବିତିଥିବା କିଛି ସ୍ମରଣୀୟ ମୁହୂର୍ତ୍ତ।

ଅବନୀ ଭାଇଙ୍କ ସୌଜନ୍ୟରୁ ସେଦିନ ଆୟୋଜିତ ହୋଇଥାଏ ବିଷୁବ ବନ୍ଧୁ ମିଳନ ଓ କବିତା ଆସର । ସେଦିନ ଆକାଶରେ ପୂର୍ଣ୍ଣମୀର ଜହ୍ନପ୍ରାୟ ଆଭା । ଅବନୀ ଭାଇ ଘୋଷଣା କଲେ - ଆଜି ଆକାଶର ରଙ୍ଗ ହେଉ ପଲାଶ ବର୍ଣ୍ଣର । ତା ସହିତ ସଞ୍ଜର ମହତ୍ୱ ଘୋଷଣା କଲେ।

'ମହତ୍ୱ ଏୟା ଯେ - ଆଜି ଆମେ ପାଇଛୁ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଭଲ ଭଲ କବିବର୍ଗଙ୍କୁ । ତାଙ୍କ କଥା ଓ କବିତା ଶୁଣିବା । 'ଅବନୀ ଭାଇଙ୍କ ସ୍ନେହସିକ୍ତ କଣ୍ଠ ସ୍ୱର ସୁଶୋଭିତ କଲା ସଞ୍ଜର ସମ୍ମେଳନକୁ ।

ତା 'ପରେ ଆରମ୍ଭ ହେଲା କବିମାନଙ୍କର ପରିଚୟ ପର୍ବ । ଜଣେ ପରେ ଜଣେ ସେମାନଙ୍କର ପରିଚୟ ପ୍ରଦାନ କଲେ । କେହି କେବଳ କବି, କେହି କବି ଓ ସମ୍ପାଦକ, କେହି ଯୁବ କବି ଏବଂ ଆଉ କେହି ଚାକିରି ଜୀବନରୁ ଅବସର ଗ୍ରହଣ କରିଥିବା ବରିଷ୍ଠ ସରକାରୀ ପଦାଧିକାରୀ ଓ ବିଦଗ୍ଧ କବି । ଏହି ପରିଚୟ ପର୍ବ ସୂତ୍ରରେ ଅବନୀ ଦାସଙ୍କ ସହ ସାକ୍ଷାତ ସେଇ ସଞ୍ଜରେ । କଥା ପ୍ରସଙ୍ଗରେ ଜାଣିଲି ତାଙ୍କର ବୟସ ପଞ୍ଚାବନ ଓ ସେ ରାୟଗଡାର ଏବେ ଅତିରିକ୍ତ ଜିଲ୍ଲାପାଳ । ତେବେ ତରୁଣ ତାଙ୍କର ରୁଚି ଓ କଣ୍ଠସ୍ୱର କ୍ଷସେଦିନ ତନ୍ଦ୍ରାଚ୍ଛନ୍ନ ଲାଗୁଥିଲା ପରିବେଶ । କବିମାନେ ସୁନ୍ଦର ସୁନ୍ଦର ସ୍ମୃତି, ନିଜସ୍ୱ କବିତାର ଆବୃତ୍ତିରେ ଥିଲେ ପ୍ରାଞ୍ଜଳ । ମଝିରେ ଚା ପାନୀୟର ବ୍ୟବସ୍ଥା । ତା ସହିତ ପ୍ରଶଂସା ଓ ପ୍ରସିଦ୍ଧିର ଚର୍ଚ୍ଚା ବି ଚାଲିଥିଲା ସାବଲୀଳ ଗତିରେ ।

ଚା ପାନ ପରେ ପାଳି ପଡିଲା ଅବନୀ ଭାଇଙ୍କ କବିତା ଆବୃତ୍ତିର । ମାଇକଟି ଆମ ଭିତରୁ ତାଙ୍କୁ କେହି ବଢ଼େଇ ଦେଲେ ଓ ସେ ତାଙ୍କର କବିତା ଗାନ କରିବା ପୂର୍ବରୁ ପଚାରିଲେ,'ଗୀତଗୋବିନ୍ଦ 'ରୁ ଆରମ୍ଭ କରିବି ?

ଜୟଦେବଙ୍କ ଗୀତଗୋବିନ୍ଦ ତ ? ଆମ ଭିତରୁ ଜଣେ କବି ନିଶ୍ଚିତ ହେବାକୁ ଚାହିଁଲେ । ତା ପରେ ଅବନୀ ଦାସଙ୍କ କଣ୍ଠରୁ



'ଗୀତଗୋବିନ୍ଦ' ଶୁଣିବା କଥା । ଦାସ ଭାଇଙ୍କର କି ସୁଲଳିତ କଣ୍ଠସ୍ୱର, ସଂସ୍କୃତ ଶବ୍ଦ - ଲାଳିତ୍ୟର କି ଅପୂର୍ବ ତାଳ ! ସମଗ୍ର 'ଗୀତଗୋବିନ୍ଦ'ତାଙ୍କର କଣ୍ଠସ୍ଥ । ଆଜି ଏଠି ଜୟଦେବ ଉପସ୍ଥିତ ଥିଲେ ତାଙ୍କୁ କୁଣ୍ଢେଇ ଧରିଥାନ୍ତେ । ଏକେତ ଏଠି ରାତ୍ରିକାଳ । ସେପଟେ କବିଙ୍କ ଭିତରେ ରସସିକ୍ତ ଲାଗୁଥିଲା ଚଉଦିଗ । ପ୍ରତ୍ୟେକ କବି ଫିକା ପଡିଯାଉଥିଲେ ଅବନୀ ଭାଇଙ୍କ କବିତା ଆବୃତ୍ତି ଆଗରେ । ଅବନୀ ଭାଇ ସେମିତି ଲାଗୁଥିଲେ । ସେ ସବୁକୁ ଭିଡିଓଗ୍ରାଫି କରୁଥିଲେ ଜଣେ ଯୁବ କବି । କିନ୍ତୁ ଅବନୀ ଭାଇଙ୍କ କଣ୍ଠରୁ ସରୁ ନଥିଲା 'ଗୀତଗୋବିନ୍ଦ'ର ଆବୃତ୍ତି । ସତରେ ଆନନ୍ଦ ଇ ଆନନ୍ଦ । ରାତି ବଢ଼ି ବଢ଼ି ଯାଉଥିଲା । ମତେ ଲାଗୁଥିଲା ଆମ ପୃଥିବୀଟା ତେବେ ଏଇପରି । ଆନନ୍ଦରୁ ଆରମ୍ଭ ଓ ଆନନ୍ଦରେ ଶେଷ । ସେଥିପାଇଁ ପ୍ରକୃତିରେ ଏତେ ଛଟା । ଏକଥା କବିମାନେ ତାଙ୍କ କବିତା ଓ କଥାରେ କହିଥିବା ସ୍ୱାଭାବିକ।

ତେବେ ସେଦିନ ସଞ୍ଜରେ ଅବନୀ ଭାଇଙ୍କ ସହିତ ଆଉ ଟିକେ ଘନିଷ୍ଠ ହେବାକୁ ସୁଯୋଗ ମିଳିଲା ସମ୍ମିଳିତ ରାତ୍ର ଭୋଜନ ବେଳେ । ଖାଦ୍ୟ ପ୍ଲେଟ ଧରି ଟିକେ ପାଖକୁ ଆସି ପଚାରିଲି - ଆପଣ ତ ସୁନ୍ଦର କବିତାର ପ୍ରେମିକ ।

-ନା କେବଳ ସେତିକି ନୁହେଁ । ବହୁ ପ୍ରାଚୀନ ଓ ଆଧୁନିକ କବିତା ମୋର କଣ୍ଠସ୍ଥ । ଏତିକି କହି ଅବନୀ ଭାଇ ପୁଣି ଆରମ୍ଭ କଲେ କେଉଁ ପୁରୁଣା କବିଙ୍କ ରସସିକ୍ତ କବିତାର ଗାନ । ମନେ ହେଉଥାଏ ସେ ନିଜେ ହିଁ ଆନନ୍ଦ । ଜଣେ ଅତିରିକ୍ତ ଜିଲ୍ଲାପାଳ ହୋଇ ମଧ ସାମାନ୍ୟ ଅହଂକାର ତାଙ୍କୁ ଛୁଇଁ ନାହିଁ । ଅତି ସରଳ ଓ ଶିଶୁ ସୁଲଭ ତାଙ୍କର ଅମାୟିକ ବ୍ୟବହାର । ତାଙ୍କୁ ଦେଖି ସେଦିନ କାହିଁକି ପ୍ରଥମ ଥର ମନେ ହେଲା ପୃଥିବୀରେ ଜୀବନ ଜିଇଁ ଜାଣିଲେ ମିଳେ ଗୋଟେ ପରିଚୟ । ସେ ପରିଚୟ ଜୀବିକାର ପରିଚୟଠାରୁ ଢେର ଅଧିକ ।

ହାତରେ ଚା କପଟେ ଧରେଇଦେଇ ହଲେଇ ଦେଲେ ଅରୁଣ । ସେତେବେଳକୁ ଟି. ଭି. ପରଦାରେ ମୁଖ୍ୟ ଖବର ଥିଲା ବିଶିଷ୍ଟ କବି ଓ ଅତିରିକ୍ତ ଜିଲ୍ଲାପାଳ, ଅବନୀ ଦାସଙ୍କ ହୃଦଘାତରେ ପରଲୋକ । ସ୍ପଷ୍ଟ ଦେଖିପାରିଲି ପୁଷ୍ପଆଚ୍ଛାଦିତ ଅବନୀ ଭାଇଙ୍କ ମର ଶରୀର । ତାଙ୍କ ନିକଟରେ ଉପସ୍ଥିତଥାଆନ୍ତି ପରିବାରବର୍ଗ,ଓଡ଼ିଶାର ମାନ୍ୟଗଣ୍ୟ କବି ଲେଖକ ବନ୍ଧୁ ଓ ବହୁ ବରିଷ୍ଠ ପଦାଧିକାରୀ । ହାତ ଯୋଡି ଈଶ୍ୱରଙ୍କୁ ପ୍ରାର୍ଥନା କଲି ତାଙ୍କର ଅମର ଆତ୍ମାର ସଦ୍ଗତି ନିମନ୍ତେ । ହେଲେ ମତେ ଜଣାପଡୁଥିଲା ସେ ମରିନାହାନ୍ତି, ବଞ୍ଚିଛନ୍ତି । ମୁଁ ତାଙ୍କ କଣ୍ଠସ୍ୱର ସ୍ପଷ୍ଟ ଶୁଣିପାରୁଛି। ସେ ମତେ କହୁଛନ୍ତି, 'ଭଉଣୀ , ଜୀବନରେ ସୁଆଦ ଅଛି, ଦୁଃଖ ନାହିଁ - ମରଣ ନାହିଁ ।'

+ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨

ଧ୍ୱନି ପ୍ରତିଧ୍ୱନି

୨୫ ଅଗଷ୍ଟ ୨୦୨୪
ବାଲେଶ୍ୱର
ରବିବାର
୧୧

# ସ୍ୱନକ୍ଷତ୍ର ବିଶେଷାଙ୍କ

## ଚରିତ୍ର

### ସୁଧୀର ମେହେର



ସବୁ ବୁଝି ହୁଏ
ଅକ୍ଳେ, ବହୁତେ
ବୁଝି ହୁଏନା ଯାହା
ମଣିଷର ଚରିତ୍ର ।

ଛାଇ ପରି
ଗୋଡେଇ ଚାଲିଥିବା ଚରିତ୍ରଟି
ଖୋଜା ପଡିଲା ବେଳକକୁ
ଗାୟବ୍ ହୋଇଯାଏ ଅଧବାଟରେ ।

କାଠଗଡାରେ
ନିଜ ସପକ୍ଷରେ କିଛି କହିବ ବୋଲି
ଠିଆ କରେଇ ଥିବା ଲୋକଟି,
ଓଲଟି ପଡି
ପୁଟି ପୁଟି ଡାହାମିଛ ବଖାଣି ବସେ
ଜଜ୍ ଆଗରେ ।

ବୁଢା ବେଳକୁ ସାହାରା ହେବ ବୋଲି
ଅନାଥ ଶିଶୁଟିକୁ କୋଳେଇ ନେଇ
ପାଳି ପୋଷି ଉପଯୁକ୍ତ ମଣିଷଟିଏ
କଲାପରେ ବି
ଠିକ୍ ବେଳକୁ ସେ ବି
ହାତ ଧରି ବାଟ ଦେଖେଇ ଦିଏ
ବୃଦ୍ଧାଶ୍ରମକୁ ।

କୁଳଦୀପକୁ ସାକ୍ଷୀରଖି
ହାତଧରି ଥିବା ସ୍ତ୍ରୀ ବି
ଦୁଇ ଦୁଇଟା ଛୁଆକୁ ଧରେଇ ଦେଇ
ଅଧରାତିରେ ଫେରାର୍ ହେଇଯାଏ
ପରକୀୟା ପ୍ରୀତିରେ ।

ସୁଯୋଗ ଦେଖି
ଏଣ୍ଡୁଅ ପରି ରଙ୍ଗ ବଦଳେଇ
ନେଇ ପାରେ ଏ ମଣିଷ,
ବାଘ ଠାରୁ ଆହୁରି ହିଂସ୍ର
ସାପ ଠାରୁ ବି ବିଷଧର
ସତରେ ....
ବୁଝି ହେଲାନି କେବେ ଏ ମଣିଷର
ଚରିତ୍ର !!

+ ଚିଟୈଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪
(ମୋ) ୯୫୮୩୫୮୮୮୮୭

## ରାକ୍ଷସ

### ଯୋଗେଶ ଦାସ



ସୁକୁମାରୀ ମହୁଲଫୁଲର ମହକରେ
ତାକୁ ଭୋକ ଲାଗେ

ଲହଲହ ଜିଭ
ନଖ ପଞ୍ଝା ପଜେଇ ????
ଅନିଷା କରେ ଶିକାରକୁ

ରାକ୍ଷସର ଆଖିରେ ଥାଏ ଭୋକ
ନାସିକାରେ ଥାଏ ଭୋକ
ଜିଭରେ, ନଖରେ ଥାଏ ଭୋକ
ଭୋକର ବାରୁଦରେ ଫଟେଇଦିଏ
ନାଭିର ନିଗଡ
ମାଟିପରେ ନିର୍ମମ ଭାବେ
ଢାଳିଦିଏ କୁତ୍ସିତ ନିଆଁର ଗରଳ

ସେଇ ଗରଳର
ଭଉଁରି ରେ ଥଳକୂଳ ପାଇଲାନି
ଆକ୍ତାମାକ୍ତା ବୁଡ଼ି ଗଲା
ଫୁଲପରି କଅଁଳ
ସ୍ୱପ୍ନ ପରି ସୁନ୍ଦର
ଲଜ୍ଜାପରି ସବୁଜ ମୌମିତା

ରାକ୍ଷସ :
ଭିନ୍ନ ମଣିଷର ଏକ ପ୍ରଜାତି
ତାକୁ ଜୀବନ୍ୟାସ ଦିଏ

ତାକୁ ସ୍ତନ୍ୟପାନ କରାଏ
ପାଳି ପୋଷି ତା ମାଂସପେଶୀକୁ
ଟାଣ କରାଏ ରାଜନୀତି ।

ଗୋଟାଏ ନାରୀର
ଧର୍ଷଣ ପଛରେ,
ହତ୍ୟାର ପୃଷ୍ଠପଟରେ
କାହାର ଛାଇ ଲୁଚିଥାଏ ?
ଆଉ ଏକ ନାରୀର କୁଟିଳ ସ୍ମିତହାସ୍ୟ,
ନୁହେଁ କି ?

ଗୋଟିଏ କଅଁଳ ଜୀବନର ଦୀପଟିକୁ
ଫୁଙ୍କିଦେଇ
ଲକ୍ଷେ ମହମବତୀ ଜାଳି
ମିଛିଲ୍ କରିବା
ଏକ ପ୍ରହସନ ନୁହେଁ କି ମହୀୟସୀ ?

ଚାଲ, ରାକ୍ଷସମାନଙ୍କୁ ଆୟୁଷ୍ମାନ କରିବା
ଘେନିଆଣ
ଗୋଟେ ବିରୋଧୀ ଦଳର ମଥା
ବୋଳିଦିଅ
ମୌମିତା ଧର୍ଷଣର ରକ୍ତ

ଧର୍ଷଣ ଓ ହତ୍ୟାର
କର୍ମଶାଳା :
ମାଆ-ମାଟି-ମଣିଷର ବଙ୍ଗଳା

କୁଆଡେ ଗଲ କମ୍ରେଡ୍ ମାନେ
ମୌନ କିଆଁ ଲାଲ୍ ସଲାମ୍ ?
ପତାକାର ନାଲିମା
ଏତେ ରଙ୍ଗ ହୀନ ଫିକା କାହିଁକି ?

ନିଅ ରଙ୍ଗେଇନିଅ ମୌମିତାର
ରକ୍ତରେ

ଏଇଠି ଶୋଇଛି ସେ
ତା ମୁହଁରେ ଦେଖ ତ ଥରେ
ତୁମ ଝିଅର ମୁହଁ,
ତା କ୍ଷତବିକ୍ଷତ ଦେହରେ
ଦେଖ ତ ଥରେ ତୁମ ଭଉଣୀର ଦେହ

ନା ପାରିବନି
ତୁମେ ଆଦୌ ପାରିବନି ।
ଆଖି ଖୋଲାକରି ବି
ଝାମ୍ପି ପଡିପାର ଏଇ ମୁହୂର୍ତ୍ତରେ !

କାରଣ
ତୁମେ ରାକ୍ଷସ !

ଶୂନ୍ୟନୀଡ଼, ସୋର, ବାଲେଶ୍ୱର
ମୋ: ୮୨୬୦୬୯୭୮୭୮

## ଅସମାହିତ ସମୀକରଣ

### ବିବୁଲ ମହାକୁର



ଅନ୍ତର୍ଦ୍ୱନ୍ଦ ଜୀବନ ବୀଜଗଣିତରେ
ମୁଁ ଗୋଟେ ନିଷ୍ଚଳ ଧ୍ରୁବରାଶି
ତୁ ସିନା ଚଳରାଶି ଟିଏ
ଆଙ୍କିଦେଉ ପ୍ରତିବାର
ଭିନ୍ନଭିନ୍ନ ଅସମାହିତ ସମୀକରଣ ।

ପ୍ରତିବାର ହଜେଇ ଦେଇଯାଉ
ପ୍ରତିଟି ଯୁକ୍ତ ବିଯୁକ୍ତ ଚିହ୍ନରେ
ଭିନ୍ନ ଏକ ମୂଲ୍ୟରେ
ଜଣାପଡେନି ଫରକ୍
ଶୂନ ଓ ନଅ ମଧରେ ।

ପ୍ରତି ସକାଳରେ ଆଙ୍କିଯାଉ
ନୂତନ ଇନ୍ଦ୍ରଧନୁ ଟିଏ
ଏ ପରିତ୍ୟକ୍ତ ନର୍ଦ୍ଦମାର
ପ୍ରତିଟି ଜଳବିନ୍ଦୁରେ
ସପ୍ତରଙ୍ଗ ଠୁ ଭିନ୍ନ ଏକ ରଙ୍ଗରେ ।

ଭାରି ଅଜିବ ଏ ସମୀକରଣ !
ବୁଝିହୁଏନି ଏ ଅଙ୍କକଷା
ଅକ୍ଷର ଓ ଅଙ୍କର ସମ୍ପର୍କ
ତଥାପି ପ୍ରତତି ପରି ଲମ୍ୱିଯାଏ
ବାମପାର୍ଶ୍ୱରୁ ଦକ୍ଷିଣପାର୍ଶ୍ୱ ଯାଏ ।

କେବେ ଖୋଜିନି ସମାଧାନ
କାରଣ ନୁହଁ ଯେ
ଜାଣିନି ବୀଜଗଣିତ,
ଭୟ ଖାଲି ତୋ ପ୍ରସ୍ତୁତ ଉତ୍ତର ଠୁ
ମୋ ଉତ୍ତର ଭିନ୍ନ ହେବାର !

ସମୟ ଆସିବ
ବଦଳିଯିବ ଲକ୍ଷ୍ୟ-ମାର୍ଗ-ଉତ୍ପତ୍ତି
ବଦଳିଯିବ ଦୁନିଆର ଦିଗମାନ,
ମାତ୍ର ଛାଡ଼ିଦେଇଯିବ ପଦଚିହ୍ନ ଟିଏ
ଏ ଅସମାହିତ ସମୀକରଣ
ପ୍ରଶ୍ନବାଚୀ ଟିଏ ହୋଇ !

ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା, ଜିଲ୍ଲା -
ବଲାଙ୍ଗୀର
(ମୋ) ୮୨୪୯୭୦୨୨୫୨

## ମୋ ଭାଇ

### ପ୍ରଦେଶ ପ୍ରତ୍ୟୁଷ



ମୋତେ ବୁଝିଛୁ ବୋଲି ତୁ -
ତୋ ପାଖରେ ମୋର
ହଜାରେ ଅଳି
ଅସରା ତର୍କ ... ଅନେକ କଳି ।

ତୋ ପାଖରୁ ପାଇଛି –
ମାଆର ସ୍ନେହ
ବାପାଙ୍କ ଆକଟ ।

ମୋ ଭାଇ ...
ଶ୍ରଦ୍ଧାର ରାକ୍ଷୀ ବାନ୍ଧିଛି ତୋ ହାତେ
ବିଭୂ ପାଦେ ତୋ ପାଇଁ
ଶତ ଶତ ଶୁଭ ମନାସୀ ... ।

ତୋ ଉପସ୍ଥିତି ମୋ ପାଇଁ
କୋଟିଏ ସମ୍ପତ୍ତି
ତୋ ଖୁସି ମୋ ହୃଦୟର
ଆନନ୍ଦ ଗୀତି ... ।

ଆମର ସେ ପିଲାଦିନ -
ରାଗରୁଷା ଅଭିମାନ
ସ୍ମୃତି ଫରୁଆରେ ହୀରା ନୀଳା
ମୋତି
ବିସ୍ତୃତ ଆକାଶ ଅଗଭୀର ନଈଟିଏ
ତୁ ମୋ ପାଇଁ
ମୁଁ ତୋ ପାଇଁ .... ।

କୁରୁମଟାଙ୍ଗର, ଢେଙ୍କାନାଳ
(ମୋ) ୭୦୦୮୪୩୧୨

## ଭୂଲୁଣ୍ଠିତା

### ଅରୁଣ କୁମାର ଦାସ

ଆଖି ଖୋଲି ଦେଖ ସର୍ବ ଜନେ
ଚିର ନିଦ୍ରାରେ ବୀର ପ୍ରସବିନୀ ମା
ବାଡ ଖାଇଗଲା ଫସଲ
ପାଲଟିଲା ଶିକାର ନର
ରାକ୍ଷସଗଣେ ।

ନ ଥିଲା ଦମ୍ଭ ମା'ର ଜରାୟୁରେ
ଦେଖିଲା ଆଲୋକ ତା ଦୟାରେ
ଚାଲିଲା ଠୁକୁ ଠୁକୁ ଘର ଅଗଣାରେ
ପୂରି ଉଠିଲା ସଂସାର ହସ ଖୁସିରେ ।

ବଢି ଦିନକୁ ଦିନ ଶଶୀ କଳା ପରି
ଘନେଇ ଆସିଲା ବିପଦ ତା ଉପରି
ଦେଖିଲା ଲେଭିଲା ଆଖି ଦିଗ ଚାରି
ତଥାପି ନ ଥିଲା ପଛ ଘୁଂଚା ତାହାରି ।

ପାଇଲା ସବୁଠୁ ବଡ ଉପାଧି
ମିଳିଲା କର୍ମ ସଂସ୍ଥାନ ଥାଇ ବି ବିଧି
ଥିଲା ଉଚ୍ଚ ଆଶା ପାଇ କୋଟିନିଧି
ଏଇ ତ ଦୁନିଆଁରେ ବଡ ସଂପ୍ରାଧି ।

ଝୁଣି ରକ୍ତାକ୍ତ କରି ଦିଅନ୍ତି ନରଭକ୍ଷୀ
ବିଭତ୍ସ ରୂପକୁ କିଏ ହୋଇଲା ସାକ୍ଷୀ
ଲହୁ ଲୁହରେ ହୋଇଲା ଶରୀର ଲେପି
ହେଲା ଭୂଲୁଣ୍ଠିତା ମା ହୋଇଛି ଅଧମ
ଦୁଃଖୀ ।

ଠାକୁରା, ପୁରୁଣା ବଉଳମାଳ
ଧର୍ମଶାଳା, ଯାଜପୁର
(ମୋ) ୯୯୩୮୭୩୩୦୭୫

## ଅମାନୁଷିକ ବର୍ବରତାର ବିଚାର କାହିଁ ?

### ଡ. ଲକ୍ଷ୍ମଣ ସାହୁ



ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ଇ ଚନ୍ଦ୍ରଚୁଡ୍‌ଙ୍କ ଅଧ୍ୟକ୍ଷତାରେ ତିନିଜଣ ଅଧକ୍ଷତା କରିଥିଲେ । କୋଲକାତା ବଳାତ୍କାର-ହତ୍ୟା ମାମଲାର ବିଚାରପତିଙ୍କ ଏକ ବେଞ୍ଚ ଶୁଣାଣି କରୁଛି । ଏହି ଦୁର୍ନୀତିର ସୁପ୍ରିମକୋର୍ଟ ନିଜେ ଜାଣିଛନ୍ତି । ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାର ଓ ପୋଲିସକୁ ସମାଲୋଚନା କରିଛନ୍ତି । ଏପରିକି ସେମାନଙ୍କ ଭୂମିକାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି । ଅବଶ୍ୟ କୋଲକାତା ଡାକ୍ତରଖାନାରେ ଜଣେ ଯୁବତୀ ତାଲିମପ୍ରାପ୍ତ ଡାକ୍ତରଙ୍କ ନିର୍ଦ୍ଦୟ ବଳାତ୍କାର ଓ ପରବର୍ତ୍ତୀ ହତ୍ୟା ବିଷୟରେ ରେଫରେନ୍ସ ରହିଛି, କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟର ଚିନ୍ତା ଜାତୀୟ ଅଟେ । ବିଶେଷକରି ଡାକ୍ତରଖାନାରେ ମହିଳା ଡାକ୍ତର ଓ ନର୍ସଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା । କେବଳ ସେତିକି ନୁହେଁ ଡାକ୍ତରଖାନାର ସୁରକ୍ଷାକୁ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଏସ୍ଏଫ୍) କୁ ଦାୟିତ୍ୱ ଦେବା ପାଇଁ ଏକ ଟାସ୍କଫୋର୍ସ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟ ଦେଶବାସୀଙ୍କ ଆତ୍ମାରେ ପ୍ରତିଫଳିତ ହେବାରେ ଲାଗିଛି ।

ଦେଶ ଅନ୍ୟ ଅତ୍ୟାଚାର ଓ ହତ୍ୟାକୁ ଅପେକ୍ଷା କରିପାରିବ ନାହିଁ । ଟାସ୍କଫୋର୍ସକୁ ତିନି ସପ୍ତାହ ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଓ ଦୁଇ ମାସ ମଧ୍ୟରେ ଅନ୍ତିମ ରିପୋର୍ଟ ଦାଖଲ କରିବାକୁ ପଡିବ । ମହିଳା ସୁରକ୍ଷା ପାଇଁ ଏହି ଫୋର୍ସ ପଦକ୍ଷେପ ଗ୍ରହଣ କରିବ । ଉଲ୍ଲେଖନୀୟ କଥା ହେଉଛି, 'ନିର୍ବାଣ ମାମଲା'ର ଏକ ବର୍ଷ ପରେ ପୂର୍ବତନ ପ୍ରଧାନ ବିଚାରପତି ଜେଏସ୍ ଭର୍ମାଙ୍କ ଅଧ୍ୟକ୍ଷତାରେ କଠୋର 'ପୋକସୋ ଆକ୍ଟ' ପ୍ରଣୟନ କରାଯାଇଥିଲା । ଏହା ପରେ 'POSH' (କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ରୋକିବା) ଆଇନ ପ୍ରଣୟନ କରାଯାଇଥିଲା । ମୃତ୍ୟୁଦଣ୍ଡର ବ୍ୟବସ୍ଥା ରଖାଯାଇଥିଲା । ଏହି ନିୟମଗୁଡ଼ିକ ଅପରାଧୀଙ୍କୁ ଭୟଭୀତ କରିଥିଲା କି ?

ଆମ ସିଷ୍ଟମରେ - ଅନେକ ଅସନ୍ତୁଷ୍ଟ ଅଛି । ଫାଷ୍ଟ ଟ୍ରାକ୍ କୋର୍ଟରେ ପ୍ରାୟ ୨.୪୩ ଲକ୍ଷ ମାମଲା ବିଚାରାଧୀନ ଅଛି । ସେଥିମଧ୍ୟରୁ ପୋସ୍କୋ (POCSO) କେସ୍ ଅଛି ।

ପାଶବିକ ବଳାତ୍କାର ମାମଲା ପ୍ରତିଦିନ ଆସୁଛି ଓ ସରକାର ଫାଷ୍ଟ ଟ୍ରାକ୍ କୋର୍ଟର ପ୍ରତିଶୃତି ଜାରି ରଖିଛନ୍ତି । ପୀଡିତାଙ୍କ ପାଇଁ ନ୍ୟାୟ ବହୁତ ଦୂର ଅଟେ ଅର୍ଥାତ୍ ନ୍ୟାୟ ମିଳିବାରେ ବହୁତ ବିଳମ୍ବ ହେଉଛି । ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି । କିନ୍ତୁ ମନୁଷ୍ୟର 'ନିଷ୍ଠୁର ଇଚ୍ଛା' ବର୍ତ୍ତମାନ କ୍ରୁରତାର ସୀମା ଅତିକ୍ରମ କରିଛି । ଆମେ ଅପରାଧୀ, ହତ୍ୟାକାରୀଙ୍କୁ ମଣିଷ ଭାବରେ ବିବେଚନା କରିପାରିବୁ ନାହିଁ, ସେମାନେ 'ପଶୁ' ଅପେକ୍ଷା ଅଧିକ ଭୟାନକ ଅଟନ୍ତି । ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ଅବଶ୍ୟ ଝିଅକୁ ୩-୪ ବର୍ଷ ବୟସ ହୋଇଛି ଏବଂ ସେ ବର୍ତ୍ତମାନ ସ୍କୁଲ ଯିବା ଆରମ୍ଭ କରିଛନ୍ତି । ଝିଅ ବଡ ହୋଇ କଲେଜରେ ଅଧ୍ୟୟନ କରେ କିମ୍ବା ଉଚ୍ଚତର ଅଧ୍ୟୟନ ପରେ ଡାକ୍ତର ହୋଇ ସରକାରୀ ଡାକ୍ତରଖାନାରେ କାମ କରେ ।

କୌଣସି ସ୍ଥାନକୁ ଯିବା ପାଇଁ ଝିଅ ରାଜ୍ୟ ପରିବହନ ବସ୍‌ରେ ବସିଛି କିମ୍ବା ବଜାରରେ କିଛି କାମ କରିବାକୁ ଯାଇଛି । ବୟସ ୬୦ ଅତିକ୍ରମ କରିଛି ଏବଂ ବିଧବା ଜଣେ ମହିଳା ! ବର୍ତ୍ତମାନ ଏହିପରି ଝିଅ, ନାବାଳକ କିମ୍ବା ଝିଅ କିମ୍ବା ବୃଦ୍ଧ ବିଧବା କୌଣସି ସ୍ଥାନରେ ସୁରକ୍ଷିତ ନୁହଁନ୍ତି । ସେମାନେ ଗ୍ୟାଙ୍ଗ ବଳାତ୍କାରର ଶିକାର ହୋଇଛନ୍ତି । ସର୍ବଶେଷରେ, ଏହି ଦେଶ କିପରି ହୋଇଗଲା ? ଏହି ଘୃଣ୍ୟ, ବର୍ବର ଅପରାଧରୁ କୌଣସି ରାଜ୍ୟ ପ୍ରତିରୋଧକ ନୁହଁନ୍ତି । କେବଳ ତଥ୍ୟ , ଯାହା ପୋଲିସ ଦ୍ୱାରା ରେକର୍ଡ ହୋଇଛି, ତାହା ସୁପ୍ରିମକୋର୍ଟରେ ଆସିବ । ଭୟ କିମ୍ବା ପୋଲିସ୍ ବିଳମ୍ବ କରି ପୋଲିସ ଏହି ଅପରାଧକୁ ପଞ୍ଜୀକୃତ କରି ନ ଥିବା ଅପରାଧ ବିଷୟରେ କିଏ ଜାଣିବ ?

୨୦୨୪ ଅଗଷ୍ଟ ୯ ରେ ବଙ୍ଗଳାର ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲା ସାମ୍ନାକୁ ଆସିଥିଲା ଓ ଏହା ପରେ ସୋସିଆଲ ମିଡିଆରେ ତାଙ୍କ ପାଇଁ ନ୍ୟାୟ ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି ଘଟଣା ମାନବିକତାକୁ ଚକିତ କରିଦେଇଥିଲା ଯେ ୨୦୧୨ ରେ ନିର୍ଭୟାରେ ଘଟିଥିବା ଭୟାବହତାକୁ ସମସ୍ତେ ମନେ ରଖିଥିଲେ । ତୁଳନାତ୍ମକ ଭାବେ କୁହାଯାଇଥିଲା ଯେ ଏତେ ବର୍ଷ ବିତିଗଲାଣି ।

ଛୋଟ ଝିଅ ଠାରୁ ବୟସ୍କା ବିଧବା ମହିଳା ପର୍ଯ୍ୟନ୍ତ ଏବେ କେହି ସୁରକ୍ଷିତ ନୁହଁନ୍ତି । ନା ଛୋଟ ଝିଅକୁ ବଞ୍ଚାଅ ନା ବୃଦ୍ଧ ମହିଳା । ସୁଯୋଗ ପାଇବା ମାତ୍ରେ ଝିଅମାନଙ୍କୁ ଧରାଯାଉଛି ଓ ତା'ପରେ ସମସ୍ତ ବର୍ବରତାର ସୀମା ଅତିକ୍ରମ କରାଯାଉଛି । ଅଧିକ ଦୂରକୁ ଯାଆନ୍ତୁ ନାହିଁ ଏବଂ ଭାବନ୍ତୁ ଯେ ଅଗଷ୍ଟ ୯ ଘଟଣା ପରେ ଯେଉଁ ପ୍ରକାରର ବିରୋଧ ଘଟୁଛି ଏହି ଘଟଣା ହ୍ରାସ ପାଇବ, କିନ୍ତୁ ଆଦୌ ତାହା ନୁହେଁ । ପ୍ରତିଦିନ କ୍ରୁରତାର ନୂତନ ସୀମା ସ୍ଥିର ହୋଇଛି । ଆଜି ବଦଲାପୁରରୁ ଏକ ଲଜ୍ଜାଜନକ ମାମଲା ସାମ୍ନାକୁ ଆସିଛି । ଦୁଇ ଚାରି ବର୍ଷର ବାଳିକା ନିଜ ସ୍କୁଲ କ୍ଲିନର୍ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିଲେ । ଝିଅମାନେ ସେହି ସୁଇପରକୁ 'ଦାଦା' ବୋଲି କହୁଥିଲେ, ତାଙ୍କୁ ତାଙ୍କର ପରିଚିତ ବୋଲି ଭାବିଥିଲେ, କିନ୍ତୁ ସେହି ପରିଚୟ ସେମାନଙ୍କ ପାଇଁ କ'ଣ କଲା, ବରଂ କାଳ ହେଲା । ସେ ସୁଯୋଗ ପାଇବା ମାତ୍ରେ ସେ ନିଜର ପୋଷାକ କୌଣସି ସେମାନଙ୍କର ବ୍ୟକ୍ତିଗତ ସମ୍ବେଦନଶୀଳ ଅଂଶକୁ ଛୁଇଁଲେ ଏବଂ ଶୋଷଣ କଲେ । ଏହି ଘଟଣାର କିଛି ଦିନ ପୂର୍ବରୁ, ୨୦୨୪ ଅଗଷ୍ଟ ୨୬ ରେ, ରାଜସ୍ଥାନର ସିରୋହି ଜିଲ୍ଲାର ଆବୁ ରୋଡ୍ର ପୋଲିସ୍ ଷ୍ଟେସନ ଅଞ୍ଚଳରେ ଜଣେ ୬୩ ବର୍ଷୀୟା ମହିଳାଙ୍କୁ ବଳାତ୍କାର କରାଯାଇଥିଲା । ରିପୋର୍ଟରେ ଦର୍ଶାଯାଇଛି ଯେ ଅଭିଯୁକ୍ତ ଲୁଟ୍ କରିବା ପାଇଁ ଘରେ ପ୍ରବେଶ କରିଥିଲା, କିନ୍ତୁ ମହିଳାଙ୍କୁ ଦେଖି ସେମାନେ ତାଙ୍କୁ ବଳାତ୍କାର କରିଥିଲେ । ଏହା ଏକ ଲଜ୍ଜାଜନକ ବିଷୟ ଯେ ଆମେ ସେହି ସମାଜର ମଣିଷ ଅଟୁ ।

ଏପରି କିଛି ସ୍ଥାନ ଅଛି ଯେଉଁଠାରେ ଛୋଟ ଝିଅଟି ସୁରକ୍ଷିତ ନୁହେଁ କି ନାହିଁ କହିହେବ ନାହିଁ । ସ୍କୁଲ-କଲେଜ ଝିଅ ଘରେ ମଧ୍ୟ ସୁରକ୍ଷିତ ନୁହେଁ । ବୃଦ୍ଧମାନେ ଏକାକୀ ରୁହନ୍ତି ... ମହିଳା ସେକ୍ସ ରାକେଟ ବଢ଼େ । ପୂର୍ବରୁ ମଧ୍ୟ ଦୁଷ୍କର୍ମ ମାମଲା ବଢିବାରେ ଲାଗିଥିଲା । ଆଗକୁ ଯେତେ ଯେତେ ଯିବା ସେତେ ଏସବୁ ଅଘଟଣ ଦୃଷ୍ଟି କୁ ଆସିବ । ଏପରି ମାମଲା ହେତୁ ସେସବକୁ ନିୟନ୍ତ୍ରଣ, ଆଭିମୁଖ୍ୟ ଓ ଅଧିକ କରିବା ଆବଶ୍ୟକ ରହିଛି । ଏହା ଏକ ଘୃଣ୍ୟ ମାନସିକତା । ନୂଆଦିଲ୍ଲୀର ୨୦୧୨ 'ଅମାନବୀୟ' ନିର୍ଭୟା ମାମଲା ପରେ ମଧ୍ୟ, ୩.୩୩ ମାମଲା ବଢ଼ିଛି । ୧୯୭୧-୨୦୨୨ ରେ ଲକ୍ଷ ଲକ୍ଷ ବଳାତ୍କାର କରାଯାଇଛି । କହିବାକୁ ଗଲେ ଏହି ଦୀର୍ଘ ସମୟ ଧରି ୮.୨୩ ଲକ୍ଷ ବଳାତ୍କାର ମାମଲା ରେକର୍ଡ କରାଯାଇଥିଲା । କେଉଁ ବେଗରେ ବଳାତ୍କାର ? ଆନୁପାତିକ ଭାବରେ ବୃଦ୍ଧି, ଜଣେ ଆଶ୍ଚର୍ଯ୍ୟ ହୁଏ । ଆମ ଦେଶ ତୁଳନାରେ ଆଉ କେଉଁ ଦେଶର ଝିଅ, ଭଉଣୀ ଓ ମହିଳାମାନେ କେବଳ 'ବଳାତ୍କାର'ର ଶିକାର ହେଉଛନ୍ତି ।

ସତରେ ସେମାନେ ଯେମିତି ବଜାରର ପଣ୍ୟ 'ବସ୍ତୁ' ହୋଇସାରିଛି କି ? ଯାହାକୁ ଦିନେ ଏ ମାଟି ଦେବୀ ଭାବେ ପୂଜା କରୁଥିଲା ଏବେ ସେ ଆଉ ଜଣେ 'ଦେବୀ' ନୁହଁନ୍ତି କି ? ପାଶବିକ ବଳାତ୍କାରର ଏହି ଘଟଣା ଦେଶ ସାମ୍ନାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ ତଥାକଥିତ ସଭ୍ୟ ସମାଜରେ ଏସବୁ କାହିଁକି ଘଟୁଛି ? ଅପରାଧୀଙ୍କ ଆତ୍ମା ଆଡା କାହିଁକି ଏତେ ଅଧିକ ? କାହିଁକି ଆଉ କେହି ପୋଲିସ ଏବଂ ଆଇନକୁ ଭୟ କରୁନାହାଁନ୍ତି ? ଏଭଳି ଘୃଣ୍ୟ ଘଟଣା ପରେ ଦେଶର ନିରନ୍ତର ଖରାପ ଭାବମୂର୍ତ୍ତି ପାଇଁ କିଏ ଦାୟୀ ରହିବ ? କେତେ ଦିନ ପର୍ଯ୍ୟନ୍ତ ସରକାର ସେମାନଙ୍କ ଦାୟିତ୍ୱକୁ ତୁଚ୍ଛ କରିବେ ? ସରକାରଙ୍କ କାର୍ଯ୍ୟ କେବଳ ଆଇନ ତିଆରିରେ ସୀମିତ କି ? ଏଭଳି ପରିସ୍ଥିତି, ପରିବେଶ, ଅପରାଧକୁ ନେଇ ସୁପ୍ରିମକୋର୍ଟର ବିଚାରପତି ମାନେ ଉଦବେଗ ପ୍ରକାଶ କରିଛନ୍ତି । ତାଙ୍କ ସହିତ କ'ଣ ହେବ ? କେବଳ ଗତକାଲି, ୩୨ ଦୀର୍ଘ ବର୍ଷ ପରେ, ମହିଳାମାନେ ନ୍ୟାୟ ପାଇଲେ - ଅଧା, ଯାହା ଅସମ୍ପୂର୍ଣ୍ଣ, ପୁଣି ବିଚାର ଅପେକ୍ଷାରେ ଅଛି । ୧୯୯୨ ରେ ୧୦୦ ଜଣ ବାଳିକା ଗଣଦୁଷ୍କର୍ମ କରିଥିଲେ । ସ୍ୱତନ୍ତ୍ର କୋର୍ଟ କେବଳ ୬ ଅପରାଧୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସାମ୍ପ୍ରତିକ ପ୍ରସଙ୍ଗରେ ନ୍ୟାୟ କ'ଣ କରାଯିବ ତାହା ଦେଖିବା । ଏହି ପ୍ରସଙ୍ଗରେ ଘୃଣ୍ୟ ରାଜନୀତି ମଧ୍ୟ ବନ୍ଦ ହେବା ଉଚିତ୍ । ଏହି ସମସ୍ୟା ଭଉଣୀ ଓ ଝିଅମାନଙ୍କର ପରିଚୟ ସହିତ ଜଡିତ । ଏହି ମନ୍ଦ ଆଚାରଣ ବିରୁଦ୍ଧରେ ସମଗ୍ର ସମାଜକୁ ଏକାଠି ଠିଆ ହେବାକୁ ପଡିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଡାକ୍ତରୀ ଶ୍ରେଣୀର ସୁରକ୍ଷା ଓ ନିରାପତ୍ତା ପାଇଁ ଚାହିଦା ଯୁକ୍ତିଯୁକ୍ତ ଓ ଏହାକୁ ଅଣଦେଖା କରାଯିବା ଉଚିତ୍ ନୁହେଁ । ଡାକ୍ତରମାନେ କଠିନ ପରିସ୍ଥିତିରେ ଦିନରାତି ନିଜ କର୍ତ୍ତବ୍ୟ ପାଳନ କରୁଥିବା ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ ସମସ୍ତେ ସଚେତନ ରହିବା ଆବଶ୍ୟକ । ଯେଉଁମାନେ ଦ୍ୱିତୀୟ ଈଶ୍ୱରଙ୍କ ଭଳି ମୃତ୍ୟୁ ମୁଖରୁ ରୋଗୀଙ୍କ ସେବା କରି ଜୀବନ ବଞ୍ଚାନ୍ତି ସେମାନଙ୍କ ପ୍ରତି ଏଭଳି ଅଶୋଭନୀୟ ବର୍ବରତା ଦୁଃଖଦାୟକ । ସେମାନଙ୍କୁ ନିରାପଦା ଯୋଗାଇ ଦିଆ ନଗଲେ ରୋଗୀଙ୍କ ସେବା ସମୟ ଆସିଲେ ଠପ୍ ହୋଇଯିବ । ଏଥିପ୍ରତି ସରକାର ସଚେତନ ହେବା ଆବଶ୍ୟକ ଯଥେଷ୍ଟ ରହିଛି...!!!

+ ତାରା ନିଳୟ , ପ୍ଲଟ:
୮୫୪/ଏ, ଚାଟେରା ଶବରସାହି,
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫
(ମୋ) ୯୦୪୦ ୧୫୧୪୭୫

## ଗଣତନ୍ତ୍ରର ସ୍ୱପ୍ନ

### ବୈଷ୍ଣବ ମେହେର

ଭାରତ ଭଳି ଏକ ଗଣତାଂତ୍ରିକ ଦେଶର ଅଧିବାସୀ ଏଥି ପାଇଁ ଭାଗ୍ୟଶାଳୀ ଯେ, ଜଣେ ସାଧାରଣ ଚା ବିକାଳି ଏଠି ପ୍ରଧାନମଂତ୍ରୀ ଓ ଅତିକମ୍ ଦରମା (ଦକ୍ଷିଣା)ରେ ଗୁରୁଜୀ ଜୀବନ ଆରମ୍ଭ କରିଥିବା ବ୍ୟକ୍ତି ଜଣକ ମୁଖ୍ୟମଂତ୍ରୀ ହୋଇପାରେ । କିନ୍ତୁ ଭାରତ ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ପରେ କେବଳ ଏତିକି ଉପଲବ୍‌ଧିକୁ ପାଥେୟ କରି ଉଲ୍ଲସିତ ହେବାର ପ୍ରୟାସ କଲା ବେଳକୁ ଆମ ସାଧାରଣ ଜୀବନରେ ଯେଉଁ ପାହାଡ଼େ ସମସ୍ୟା ଜଳଜଳ ହୋଇ ଦେଖାଯାଏ ତାକୁ ଅଣଦେଖା କରିବାରେ ଆମେ ସଂପୂର୍ଣ୍ଣ ଅସମର୍ଥ ଲାଗୁଛୁ । ଭାରତୀୟ ସମାଜରେ ସିଂହ ଭାଗ ଲୋକ ମଧ୍ୟବିତ୍ତ କିମ୍ବା ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ହୋଇଥିବା ବେଳେ ଏହିସବୁ ସମସ୍ୟା ସୃଷ୍ଟି କରିବାରେ ଏହି ସାଧାରଣ ଲୋକଙ୍କ ଭୂମିକା କ'ଣ ରହେ, ସେଦିଗରେ ତିଳେ ମାତ୍ର କେବେ ଚିନ୍ତା କରିଛେ କି ? ସତ କହିଲେ ଆମର ବଡ଼ ଭୁଲ ହେଲା ଆମେ ଆମର ବୁଦ୍ଧି, ବିବେକ ଓ ବିଚାରକୁ ସ୍ୱଳ୍ପ ପଇସାରେ ବିକ୍ରି କରି ଗଣତଂତ୍ରକୁ ଅଯୋଗ୍ୟ ହାତରେ ସମର୍ପି ଦେବା । ଯାହା ଦ୍ୱାରା ଗଣତଂତ୍ରରେ କେବଳ ଅଯୋଗ୍ୟ ବ୍ୟକ୍ତିଙ୍କ ସମାହାର ହେଉ ନାହିଁ ବରଂ ଏହା ଧୀରେଧୀରେ ଅରାଜକତାର ପେଣ୍ଠସ୍ଥଳୀ ପାଲଟି ଯାଉଛି । ଦ୍ୱିତୀୟତଃ ଗଣତଂତ୍ରର ଭାଗ୍ୟ ନିର୍ଣ୍ଣାୟକ ଭାବରେ ଆମର ଯେଉଁ ମୂଲ୍ୟ ରହିବା କଥା ତାହା ବି କ୍ଷୁର୍ଣ୍ଣ ହେଉଛି । ଅପରପକ୍ଷେ ଆମ ଅପରିଣାମଦର୍ଶୀତା ଯୋଗୁଁ ନିର୍ବାଚିତ ହୋଇ ରାଜନେତା ସାଜୁଥିବା ସେହି ଧୃତ ରାଜନେତାଙ୍କ ରାତାରାତି ଧନ କୁବେର ହେବାର ହୀନ ପ୍ରତିଯୋଗିତା ଦେଶକୁ ବହୁ ଦିଗରୁ ପଛକୁ ନେଇ ଯାଉଛି ।

ଯେଉଁ ସ୍ୱପ୍ନ ଓ ଅଙ୍ଗୀକାର ନେଇ ଆଜିକୁ ୭୭ ବର୍ଷ ପୂର୍ବେ ଆମର ମହାମନୀଷୀମାନେ ଭାରତକୁ ବିଦେଶୀ କବଳରୁ ମୁକ୍ତ କରିଥିଲେ ସେହି ବୀରପୁରୁଷଙ୍କ କେଉଁ ସ୍ୱପ୍ନକୁ ଆମେ ଏଯାଏଁ ପୂରଣ କରି ପାରିଛେ ତା'ର ତର୍ଜମାର ଅବସରଟିଏ କେବେ କେଉଁଦିନ ସୃଷ୍ଟି କରିପାରିଲେ କି ? ଏବେକାର ବରିଷ୍ଠମାନେ ନିଶ୍ଚିତ ଚିନ୍ତା କରୁଥିବେ ଯେ ସେମାନଙ୍କ ଜୀବନର ପ୍ରଥମ ପର୍ଯ୍ୟାୟରେ ସ୍ୱାଧୀନତା ଦିବସ ପାଳନ ନେଇ ଯେଉଁ ଆନନ୍ଦ ଓ ଉଲ୍ଲାସର ଅନୁଭବ କରାଯାଉଥିଲା କ୍ରମେ ତା'ହା କେମିତି କ୍ଷୀଣ ହୋଇ ଆସୁଛି । ଯୁବକମାନେ ହେଉଛନ୍ତି ଗୋଟିଏ ଦେଶର ଶକ୍ତି ଓ ସାମର୍ଥ୍ୟ ଭରା ମେରୁଦଣ୍ଡ । ସେମାନେ ଚାହିଁଲେ ଅତିକମ୍ ସମୟରେ ଦେଶର ଭାଗ୍ୟକୁ ବଦଳାଇ ଦେଇ ପାରନ୍ତି । ଆମର ସୌଭାଗ୍ୟ କିମ୍ବା ଦୁର୍ଭାଗ୍ୟ ଯେ ବିଶ୍ୱର ସବୁଠାରୁ ଅଧିକ ଯୁବଶକ୍ତି ଏବେ ଆମରି ନିକଟରେ । କିନ୍ତୁ ପ୍ରାୟ ୭୦ କୋଟିର ଏହି ଯୁବ ମହାଶକ୍ତିଙ୍କ ମଧ୍ୟରେ ଏକ ସୁସ୍ଥ ମାନସିକତା ଭରି ସମୁଚିତ ଦିଗରେ ପରିଚାଳନା କରିବାରେ ଆମର ଅସମର୍ଥତା ହିଁ ବର୍ତ୍ତମାନର ବଡ଼ ବିଡ଼ମ୍ବନା ବୋଲି କୁହାଯାଇ ପାରେ । ଫଳରେ ଧୀରେଧୀରେ ହାତଛଡ଼ା ହୋଇ ଯାଉଥିବା ଯୁବଶକ୍ତିଙ୍କ ଭିତରେ ତନ-ମନ-ଧନ ଦେଇ ଦେଶକୁ ବିକାଶର ପଥରେ ଆଗେଇ ନେବାର ମାନସିକତା ଉଭେଇ ଯାଉଛି । ପିଲା ଦିନରୁ ଶୁଣି ଆସୁଥିବା ଆମେ ଭାରତୀୟ ଭାଇଭାଇର ଭାବନା ଆଉ ଦେଖିବାକୁ ମିଳୁ ନାହିଁ । ବହୁ ଉଦୀୟମାନ ଯୁବକଙ୍କ ଭାଗ୍ୟ ଆଜି ଆତଙ୍କି ସଂଗଠନ ଗୁଡ଼ିକ ହାତରେ ତ ବଡ଼ଭାଗ ଯୁବକ କଳେ-ବଳେ-କୌଶଳେ ପଦ ମର୍ଯ୍ୟଦା ହାତେଇବାର ଦୁର୍ବାର ଲାଳସା ରଖୁଥିବା ଖଳ ରାଜନୈତିକ ବ୍ୟକ୍ତିଙ୍କ କ୍ରୀଡ଼ନକ ସାଜୁଛନ୍ତି । ପରିଣାମ ଦେଶରେ ଦିନକୁଦିନ ହତ୍ୟା, ଧର୍ଷଣ, ଲୁଣ୍ଠନ, ବେକାରୀ, ମହଙ୍ଗା, ଦୁର୍ନୀତି, ଭ୍ରଷ୍ଟାଚାର ଆଦି ବଢ଼ିବଢ଼ି ଚାଲିଛି ।

ଆମର ସାମାଜିକ ଜୀବନଶୈଳୀ ପଥଚ୍ୟୁତ ହେବା ଦେଖି ବେଶୀ ଦୁଃଖ ଲାଗେ । ଯେଉଁ ସଂସ୍କାର, ଶୃଙ୍ଖଳା, ସଂଯମତା ପାଇଁ ଯେଉଁ ଦେଶ ଦିନେ ବିଶ୍ୱବିଦିତ ଥିଲା ସଂପ୍ରତି ସେଠାକାର ବିଶୃଙ୍ଖଳିତ ଜୀବନ ପ୍ରକ୍ରିୟାର ତର୍ଜମା ନକରି ଏଥି ନିମନ୍ତେ ପରସ୍ପର ପରସ୍ପରକୁ ଦାୟୀ କରିବାରେ ସମୟ ନଷ୍ଟ କରିବା ଦେଶ ପାଇଁ କେତେ ଅର୍ଥପୂର୍ଣ୍ଣ ତାହା ବିଚାରଯୋଗ୍ୟ । ପୁନଶ୍ଚ ସଂକୀର୍ଣ୍ଣ ଚିନ୍ତାଧାରା ହିଁ ଆମ ଦେଶୀୟ ମାନକୁ ନିମ୍ନଗାମୀ କରିଦେଉଛି । ଯାହାଦ୍ୱାରା ଆମେ ଆମର ଛୋଟରୁଛୋଟ କର୍ତ୍ତବ୍ୟକୁ ବି ଅଣଦେଖା କରି କେବଳ ଅଧିକାର ସାବ୍ୟସ୍ତ କରିବାରେ ମଜି ଯାଇଛେ । ଫଳରେ ଏଦେଶ ଆମକୁ କ'ଣ ଦେଇଛି ସେ ଚିନ୍ତା ନକରି ଦେଶ ପାଇଁ ଆମେ କ'ଣ କରିଛେ ସେ ଚେନତାର ଆତ୍ମପ୍ରକାଶ ଆମ ଭିତରେ ଘଟୁନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ଭିତରେ ସମନ୍ୱୟର ଅଭାବ । ବର୍ତ୍ତମାନର ଆବଶ୍ୟକତା ଦୃଷ୍ଟିରୁ ବରିଷ୍ଠ ଓ ଅଭିଜ୍ଞମାନେ ସାମାଜିକ ବିକାଶର ମୁଖ୍ୟ ସ୍ରୋତରୁ ନିଜକୁ ଦୂରେଇ ନ ନେଇ କନିଷ୍ଠଙ୍କ ସହ ହାତରେ ହାତ ମିଶାଇ ଆଗକୁ ବଢ଼ିବା ପାଇଁ ସଂକଳ୍ପ ନେଇ ପାରିଲେ ଏ ଦେଶର ଈପ୍‌ସିତ ସ୍ୱପ୍ନ ନିଶ୍ଚିତ ପୂରଣ ହେବ ।

+ ସନାପାଲି, ନୂଆପଡ଼ା, (ମୋ) ୯୭୭୭୭୫୩୯୩୫

# ସ୍ୱନକ୍ଷତ୍ର ବିଶେଷାଙ୍କ





## ସାଙ୍ଗ
### ଦେବେନ୍ଦ୍ରନାଥ ମହାଳିକ

ବେଳେବେଳେ ପକ୍ଷୀଟିଏ ହୋଇ
ପବନରେ ଢେଉକାଟି
ଦୂରାକାଶେ ଉଡିବାକୁ ଇଚ୍ଛାହୁଏ
ସକଳ ବ୍ୟଥା ଓ ବେଦନାର
ସମାଧୀସ୍ଥ ମନ୍ତ୍ରଗାନ କରି
ଅବଧୂତ ପରି ଏଣେତେଣେ
ଘୂରିବାକୁ ମନ କହେ ।

ବେଳେବେଳେ ଶଇଳ ଶିରାଳ କାଟି
ଛଳଛଳ ଝରଣାଟେ ସାଜି
ଗୁଣୁଗୁଣୁ ଗୀତ ଗାଇବାକୁ ମନ ଚାହେଁ
ପଥର ବୁରୁଜ ଡେଇଁ ପବନର ରା' ଧରି
ମୁକ୍ତପଥେ ଥେଇଥେଇ ନାଚୁଥିବା
ଅତୀତକୁ ଫେରି ଚାହେଁ।

ଦୁଃଖସବୁ ଶୋଇପଡନ୍ତେ କି
ନିଶ୍ଚିନ୍ତରେ ପଥର ସନ୍ଧିରେ
ଫୁଟନ୍ତିକି ଫୁଲ ଟିଏ ହୋଇ
ଫଗୁଣର ଫୁଲ ବଗିଚାରେ
ଖେଳୁଥାନ୍ତା ବାସ୍ନା ମୋର ମହମହ
ସବୁତକ ଝଡ଼ଝଞ୍ଜା
ଏ ମନରୁ ଯାଆନ୍ତା ଉଭେଇ ।

ଇଛାସବୁ ମନର ମଶାଣିରେ
ଆଜି ଜଳୁଅଛି ହୁତ୍ ହୁତ୍ ହୋଇ
ଝରୁଅଛି ଅଜାଣତେ ଏ ଆଖିରୁ
ଲୁହର ଝରଣା
ଜିଇଁଛି ମୁଁ ନିଜ ଲୁହ ନିଜେ ପିଇ
ଅଧାମରା ଶବ ଟିଏ ହୋଇ
ଶୁଣୁଛି ମୁଁ ଯାତନାର ଗୀତି।

ଏବେ କିଏ ଭଲା କହିଦେବ
ମୋ କାନରେ ଗୋପନରେ
ବିଜୟର ମୁକ୍ତିମନ୍ତ୍ର
ମିଳିଯିବ ଅଚିରେ ହାତ ପାହାନ୍ତାରେ
ବିମଳ ଉଲ୍ଲାସର ସକଳ ସୂତ୍ର।

+ ମାତୃନୀଡ, ମଙ୍ଗଳପୁର,
ଥାନା: ତିହିଡି, ଜିଲ୍ଲା: ଭଦ୍ରକ,
ମୋ: ୬୩୮୦୭୦୬୦୭୯



## ବନ୍ଧୁତ୍ୱ ଦିବସ
### କୃଷ୍ଣା ପ୍ରଧାନ

ବନ୍ଧୁତା, ବନ୍ଧୁତ୍ୱ ପଡ଼ିଛି ହୁରି
ଅଗଷ୍ଟ ମାସର ପ୍ରଥମ ରବିବାର
ଉଣେଇଶଶହ ଅଠାବନରେ ଜୟ ସେହାଲ ।

ସେ ଜଣେ ବ୍ୟବସାୟୀ ଆମେରିକାର
କୃଷ୍ଣ ସୁଦାମାଙ୍କ ନିବିଡ଼ ସଂପର୍କର
କାହାଣୀମାନ
ବନ୍ଧୁତାରେ ନାହିଁ କିଛି ଧନୀ କି ଗରିବ
ବଡ଼ ଅବା ସାନ
ବନ୍ଧୁ ଯିଏ ସିଏ ରହିଥାଏ ସଦା
ରାଜଦ୍ୱାର ଅବା ହେଉ ଶ୍ମଶାନ ।

ବିପଦ ବେଳରେ ପାଶେ ଛିଡ଼ାହୁଏ
ମନୋବଳ ଯେ ବଢ଼ାଏ
ବନ୍ଧୁ ସିଏ ଯିଏ ବନ୍ଧୁ ଦୁଃଖରେ
ଆଶ୍ୱାସନା ଦେଇଥାଏ ।

ସ୍ୱାର୍ଥ, ଈର୍ଷା, ଦ୍ୱେଷ ହିଂସାକୁ
ଦେଇ ଦୂରେଇ ବନ୍ଧୁ ପାଇଁ
ବନ୍ଧୁତାର ତାହା ଅସଲ କଥା
ଯାହା ଆମେ କେବେ ଭୁଲିବା ନାହିଁ ।

ଚାନ୍ଦମାରି ପଡ଼ିଆ, ବାଲେଶ୍ୱର

## ଆମର ଏଠି ଗଭା ଫୁଲକୁ ଓହ୍ଲେଇ ଆସେ ଜହ୍ନ...
### ଅଶ୍ୱିନୀ ଦାଶ



ଆମର ଏଠି ଗଭାଫୁଲକୁ ଓହ୍ଲେଇ ଆସେ ଜହ୍ନ ।
ପଥର ଖଡ଼ି ଗାର କାଟି ଧାଙ୍ଗଡ଼ା ଲେଖେ ଗୀତ
ଖଇର ଖିଲ ପାନରେ ନାଲି ଧରେ ଓଠ
ମେଘ କଥା କହନି ବାବୁ,
ସେଟା ତ ବଗଉଡ଼ା ଶ୍ୟାମଳ ଆକାଶର ଛାଇ
ଝପ୍‌ଝପ୍ ଚତୁର୍ମାସ୍ୟା
ଶାଳଗଛିଆ ଦୁଲୁକା ମେଘ ପତର ଅଗିଲା ପାଣି ।

ଆମର ତ ଏଠି ସ୍ୱପ୍ନ ଫୁଟେ
ଶାଳଫୁଲର ଚହଟ ମିତି
ଚୁନା ଚୁନା,
ପକ୍ଷୀ ଉଡ଼ା ସଂଜକୁ ଚଇତି ଘୋଡ଼ା ସବାର ହୁଏ ।
ଧାଙ୍ଗିଡ଼ୀକୁ ।
ଆମର ଏଠେ କି ନବୁ ଫୁଟିଲା ଫୁଲ, ଖାଲି
କଡ଼କଡ଼ ଛତୁ
ବିଛଣାସାରା... ରାତିସାରା...
ମହୁଲପଡ଼ା ଋତୁ...

ଦୁଃଖକୁ ପରବାୟ ନାଇଁ ଆମର
ଦୁଃଖକୁ ତ ଗିଳିପକାଏ ମନ୍‌ସା ଦେବୀ
ମାରାଂବୁରୁର ହୁକୁମ୍‌ରେ....

ଚଇତ ଆସିଲେ ପତ୍ର ଝଡ଼େ
କେନା ମାରେ ନୂଆଁ ନୂଆଁ ପତ୍ର
ନାଲି ଶଣ୍ଢା ବୁଲେଇ ନିଏ କାଟୁଳିକୁ
କର୍ କର୍ ଡାକ ଶିଖାଏ... ଉଡ଼ା ଶିଖାଏ
ନିଃଶବଦ ଖରାବେଳ ।
ବାହୁନୁଥାଏ କାପ୍ତା...
ଖଜୁରୀ ତାଡ଼ି ମହୁଲି ରସର ସଞ୍ଜକୁ
ନିଝୁମ୍ ମାଦଳ ତାମ୍‌ସାରେ
ଜୀବନ ଏଠେ କଅଁଳୁଥାଏ
କଇଁଫୁଲ- ଜହ୍ନ- ପରାଗ ଠୋସ୍‌ରେ...

+ ସୃଜନ/ସ୍ମୃତି ଓ ସ୍ୱପ୍ନର
ସିଦ୍ଧେଶ୍ୱର କଲୋନୀ
ରେମୁଣା ଗୋଲେଇ
ବାଲେଶ୍ୱର-୧୯
ମୋ: ୯୮୬୧୭୬୭୮୦୪

## ଜନ୍ମାଷ୍ଟମୀରେ...
### ପୁଷ୍ପାଞ୍ଜଳି ପଣ୍ଡା



ସବୁଥର ପରି
ଏଥର,ଏକ ବର୍ଷଣ ମୁଖର
ଅନ୍ଧାରୁଆ ଅଷ୍ଟମୀ ତିଥିର ରାତିରେ
ଅପେକ୍ଷାରେ ଥାଏ
ଜଳ ସ୍ଥଳ ପୃଥିବୀ
ପାଳିବାକୁ ତୁମ ଆସିବାର
ମହାର୍ଘ୍ୟ ମୁହୂର୍ତ୍ତ ।

ଏମିତି ଈଶ୍ୱର ସାଜି ଆସେ ଆଉ କିଏ କି ?

ସାରା ଦିନର ଉପବାସ ପରେ ବି
ଖୁସିରେ ଆନନ୍ଦରେ
ମା'ମାନଙ୍କର
ହୁଳହୁଳି ହରିବୋଲ ଶବ୍ଦରେ କମ୍ପି
ଯାଉଥାଏ ଖଣ୍ଡ ମଣ୍ଡଳ
ଆସେ ତୁମ ପାଦ ଥାପିବାର
ସେଇ ଶୁଭ ବେଳ ।

ହରିବଂଶ ପଢୁଥାଏ
ଷାଠିଏ ଟପି ଏକଷଠୀ ଘର
ଧରିଥିବା ପୁରୋହିତ
ଶେଷ ପଦରେ ଯୋଡୁଥାଏ
'ବୋଲ ଆନନ୍ଦେ ଏକବାରେ
ହରି ହରି ବୋଲ ।'

ଛୁଆର ମଙ୍ଗଳ ମନାସି
ମା'କୁ ଭୋକ ନାହିଁ କି ଶୋଷ ନାହିଁ
ଧୂପ ଦୀପ ନୈବେଦ୍ୟରେ
କୃଷ୍ଣ ପଦରେ ସଅଁପି ଦେଉଛି
ସବୁକିଛି।
ବାପା, ମୁଣ୍ଡାଇଥାନ୍ତି ସବୁ ପାରିଲାପଣର
ରୋଜଗାରର, ସ୍ୱୀକାରୋକ୍ତି
କୃଷ୍ଣ କରୁଣାରେ।

ମା ଜାଣେ କୃଷ୍ଣ ହିଁ ଭାଗ୍ୟ ଆଉ ଭବିଷ୍ୟ
କୃଷ୍ଣ ହିଁ ଜୀବନ ସର୍ବସ୍ୱ।

ଜନ୍ମାଷ୍ଟମୀରେ ମାହେନ୍ଦ୍ର ବେଳାରେ
ଘେନାକର ସକଳ ମା' ମାନଙ୍କର
ସମର୍ପିତ ନିର୍ଲିପ୍ତ ନିର୍ଯ୍ୟାସା ।
କୃଷ୍ଣ ମୟ ହେଇଯାଉ ଏ ସାରା ଜଗତ ।

କେନ୍ଦ୍ରାପଡ଼ା
(ମୋ) ୯୮୬୧୪୫୭୫୬୩

## ନିୟତି
### ସୁଧାଂଶୁ ଦ୍ୱିବେଦୀ



ଭୁଲ ବାଘର ନୁହେଁ
ବାଘ ହେବା ନିୟତି ନିର୍ଦ୍ଦେଶ
ବିକଳ୍ପ ନାହିଁ
ଭୋକର ଅଭିଶାପ
ବିବଶତାର ସତ୍ୟତା।
ଭୁଲ ହରିଣର
ତା'ର କୋମଳ ଦେହ
ମୃତ୍ୟୁକୁ ଆମନ୍ତ୍ରଣ କରେ
ତା'ର ନିରୀହତା
କ୍ରୁରତାର ପ୍ରେରଣା ବଢ଼ାଏ।

ବଣ-ଜଙ୍ଗଲ
ବାଘ ପେଟକୁ ଯିବାପାଇଁ
ହରିଣକୁ ସୃଷ୍ଟି କରିନାହିଁ
ହରିଣର ଦୁର୍ବଳତା ବାଘ ପାଇଁ ଉପହାର।

ଜନ୍ମରୁ ମୃତ୍ୟୁ ଯାଏ
ନିଜର ସୁରକ୍ଷିତ ପାଇଁ
ଦୌଡୁଥିବା ଗୋଟେ
ନିରୀହ ପ୍ରାଣୀର ଜୀବନ।

ଜଙ୍ଗଲ ହେଉ କି ଦୁନିଆ
ଯାହାଙ୍କ ପାଟିରେ
ମୁନିଆ ଦାନ୍ତ ନଥାଏ
ତାଙ୍କ ଗଳାରେ
ଦାନ୍ତ ବସେଇବାକୁ ସହଜ ହୁଏ।

ବିସି-୬୪, ସଲ୍ଟ ଲେକ,
କଲକତା-୬୪
ମୋ-୯୬୮୧୩୭୩୫୧୨



## ଧରାବତରଣ
### ଅବନ୍ତି ପଣ୍ଡା

କାନେ ଶୁଭିଯାଏ ମୋହନ ବଂଶୀ
ରୁଣୁଝୁଣୁ ଶୁଭେ ରାଧା ପାଉଁଜି
ସଖୀ କିଏ ଆସେ ଆଜି କହ ଲୋ
କଦମ୍ବ ମୁଳିଆ କାଇଁଚ ମାଳିଆ
କଳାକାହ୍ନୁ ପରା ସିଏଲୋ

ସଜାଡି ରଖିଛି ମୟୂରଚୂଳ
ଯତନେ ଗୁନ୍ଥିଛି ମୁଁ ବନମାଳ
ସାଇତି ରଖିଛି ରଙ୍ଗ ଜାମୁଡାଳ
ତା ସାଥିରେ ପୁଣି ଗୁଞ୍ଜରା ମାଳ

ଉଜାଣି ବହୁଛି ଜମୁନା ଜଳ
ମହମହ ବାସେ କଦମ୍ବ ଫୁଲ
ଗାଈ ଗୋଠଟାରେ କଅଁଳା ବାଛୁରୀ
କାହା ବାଟ ଚାହିଁ ରହେ ଲୋ
ସଖୀ କିଏ ଆସେ ଆଜି କହ ଲୋ
କଦମ୍ବ ମୁଳିଆ କାଇଁଚ ମାଳିଆ
କଳାକାହ୍ନୁ ପରା ସିଏଲୋ

ସୁଦାମ ସୁବଳ ମଧୁ ମଙ୍ଗଳ
ନାନା ଜାତି କୋଳି ପାଚିଲା ଫଳ
ଗାମୁଛା କାନିରେ ସାଇତି ବସନ୍ତି
କାହାର ବାଟକୁ ଚାହିଁ ଲୋ
ସଖୀ କିଏ ଆସେ ଆଜି କହଲୋ
କଦମ୍ବ ମୁଳିଆ କାଇଁଚ ମାଳିଆ
କଳାକାହ୍ନୁ ପରା ସିଏଲୋ

ସାରା ଗୋପପୁର ଚାହିଁ ବସିଛି
ଗୋପୀ ଗୋପାଳଙ୍କ ନିଦ ହଜିଛି
କାହାପାଇଁ ସଖି କହଲୋ
କଦମ୍ବ ମୁଳିଆ କାଇଁଚ ମାଳିଆ
କଳାକାହ୍ନୁ ପରା ସିଏଲୋ

ନୀଳମଣୀ ସିଏ ନନ୍ଦଦୁଲାଳ
ଦେବକୀନନ୍ଦନ ଯଶୋଦା ବାଳ
ତାଙ୍କ ଆଗମନ ପାଇଁ ଆଜି
ସାରା ସଂସାରଟା ଚାହିଁ ରହେ ଲୋ
କଦମ୍ବ ମୁଳିଆ କାଇଁଚ ମାଳିଆ
କଳାକାହ୍ନୁ ପରା ସିଏଲୋ ?

+ ଜଗତସିଂହପୁର
ମୋ: ୯୮୬୭୬୨୮୧୯୨

## ଚାଷୀ ଭାଇ ଓ ଭଉଣୀମାନଙ୍କ ନିମନ୍ତେ କୃଷି ପରାମର୍ଶ

୧. ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀ ଭାଇଭଉଣୀ ମାନେ ନିକଟସ୍ଥ କୃଷି ସେବା ସମବାୟ ସମିତି, ଜାତୀୟକାରଣ ବ୍ୟାଙ୍କ, ବ୍ଲକ କୃଷି ଅଧିକାରୀ ଓ ଅନ୍ୟାନ private ବ୍ୟାଙ୍କ ରେ ପ୍ଲଟ ପ୍ରତି ୧ ଟଙ୍କା ବୀମାରସୀ ପ୍ରଦାନକରି ଫସଲବୀମା ର ସୁଯୋଗ ନିଅନ୍ତୁ. ( ଋଣୀ ଏବଂ ଅଣଋଣି ଚାଷୀଙ୍କ ନିମନ୍ତେ ).

୨. ପି ଏମ କିସାନ ଯୋଜନାରେ ଯୋଗ୍ୟ ବିବେଚିତ ହେବାପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଜନସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ.

୩. ଉତ୍ତମ ଫସଲ ଓ ଜମିର ସୁରକ୍ଷା ତଥା ମାଟିର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ମାଟି ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

୪. ଫସଲ ଚାଷ ପୂର୍ବରୁ ବିହନକୁ କାର୍ବେଣ୍ଡାଜିମ, ଥିରାମ ରେ ବିଶୋଧନ କରି ଚାଷ କାର୍ଯ୍ୟରେ ଲଗାନ୍ତୁ ।

୫. ଅଧିକ ଅମଳ ପାଇବା ପାଇଁ ଅଧିକ ଅମଳକ୍ଷମ ବିହନ ଓ ଶଙ୍କର ଜାତୀୟ ବିହନ ପଞ୍ଜୀକୃତ ବିହନ ବିକ୍ରୟ କେନ୍ଦ୍ର କିମ୍ବା ପ୍ରାଥମିକ କୃଷି ସେବା ସମବାୟ ସମିତି ରୁ କ୍ରୟ କରନ୍ତୁ ଓ ଗଜା ପରୀକ୍ଷା କରି ଚାଷ କାର୍ଯ୍ୟରେ ବ୍ୟବହାର କରନ୍ତୁ ।

୬. ଫସଲର ଉତ୍ପାଦନ ବୃଦ୍ଧି ନିମନ୍ତେ ସମନ୍ୱିତ ଖାଦ୍ୟସାର ଓ ରୋଗପୋକ ପରିଚାଳନା କରନ୍ତୁ ।

୭. କୃଷି ଉଦ୍ୟୋଗ ପ୍ରତିଷ୍ଠା କରି ପାରମ୍ପରିକ କୃଷିକୁ ବ୍ୟବସାୟିକ କୃଷିରେ ପରିଣତ କରି କୃଷକର ଆୟ ବହୁଗୁଣିତ କରିବା ପାଇଁ ' ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ' (MKUY) ରେ ଅନ୍ତର୍ଭୁକ୍ତ ହେବ ପାଇଁ ଆପିକଲର ୱେବସାଇଟ www.apicol.nic.in ମାଧ୍ୟମରେ ପଞ୍ଜୀକରଣ କରନ୍ତୁ। ଏହି ଯୋଜନାରେ ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀ ମାନଙ୍କ ପାଇଁ ୪୦% ଓ ଅନୁସୂଚିତ ଜାତି/ ଜନଜାତି / ମହିଳା ଉଦ୍ୟୋଗୀ/ ଭିନ୍ନକ୍ଷମ ବ୍ୟକ୍ତି ତଥା କୃଷି ଓ ଆନୁଷଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ୫୦% ତଥା ସର୍ବୋଚ୍ଚ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି । ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀ / ବ୍ଲକ କୃଷି ଅଧିକାରୀ ଙ୍କ ସହିତ ଯୋଗାଯୋଗ କରନ୍ତୁ ।

୮. 'ବଳରାମ' ଯୋଜନାରେ ଭାଗଚାଷୀ ମାନେ ମିଳିତ ଦେୟ ଗୋଷ୍ଠୀ (JLG) ଗଠନ କରି NABARD ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଞ୍ଚଳର କୃଷକ ସାଥିଙ୍କ ସହିତ ଯୋଗାଯୋଗ କରନ୍ତୁ ।

୯. ସମନ୍ୱିତ କୃଷି ପ୍ରଣାଳୀ (IFS) ଯୋଜନାରେ ରେ କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରି ଏହା ବାବଦୀୟ ସରକାରୀ ରିହାତି ପାଇବା ନିମନ୍ତେ ନିକଟସ୍ଥ ବ୍ଲକ କୃଷି ଅଧିକାରୀ ଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧୦. କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ସରକାରୀ ସୁବିଧା ପାଇବା ନିମନ୍ତେ ଚାଷୀ ମାନେ ନିକଟସ୍ଥ ଜନ ସେବା କେନ୍ଦ୍ର / ମୋ ସେବା କେନ୍ଦ୍ର ଠାରେ 'କୃଷକ ଓଡିଶା' ଓ 'ଗୋ- ସୁଗମ' ପୋର୍ଟାଲ ରେ ନାମ ପଞ୍ଜୀକରଣ କରାଇନିଅନ୍ତୁ।

୧୧. କୃଷି ସମ୍ବନ୍ଧୀୟ ସମସ୍ତ ପରାମର୍ଶ ପାଇଁ ' ଆମ କୃଷି ' ର ଟୋଲ ଫ୍ରି ନମ୍ବର ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ ।

ସ୍ୱା/-
**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ**
**ବାଲେଶ୍ୱର**

**DAS I.T.I.**
TULANK (Near Mathasahi Chhak), Balasore - 03
Mob.: 9437191950, 9437445627,
Tel. - 06782 - 251617 (O)
E-mail : das_itc@rediffmail.com

**AFFILIATED TO N.C.V.T. GOVT. OF INDIA, NEW DELHI**

**AFFILIATED TRADES :**
FITTER, ELECTRICIAN, ELECTRONICS MECHANIC, REFRIGERATION AND AIR-CONDITIONING MECHANIC, COMPUTER (COPA), DRIVER-CUM-MECHANIC, CUTTING AND SEWING, SEWING, STENOGRAPHY (ENGLISH)

# ସ୍ୱନକ୍ଷତ୍ର ବିଶେଷାଙ୍କ



## SAI SADHANA GROUP OF INSTITUTION

SAI SADHANA GROUP OF INSTITUTES



+2 Science, + 3 Science & Prarambha 1 to 10

**Dibyasingpur, UDALA**

***ADMISSION GOING ON***

**OUR CHSE TOPPER-2024 (+2)**



**JYOTIPRAKASH CHAUHAN**
524(87.33%) HSC-76.33%

**OUR MSCBDU TOPPER-2024(+3)**

**ASHOK KUMAR SAHU**
1279 (91.36%)
HONS. - PHYSICS CHSE (+2) = 85.83%





**Contact No: 9437294587, 9437443950, 9937557158, 9438317887, 9438232419**

P C Bindhani
Chairman

## ଶୁଭେଚ୍ଛା

ରାଜ୍ୟ ଓ ରାଷ୍ଟ୍ରୀୟ ସ୍ତରରେ ଏକ ସୁନ୍ଦର ଗ୍ରାମୀଣ ପରିବେଶରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ା ଜଗତର ଏକ ଅନନ୍ୟ ପ୍ରତିଷ୍ଠାନ ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ 'ଧ୍ୱନି ପ୍ରତିଧ୍ୱନି'ର ୩୫ ତମ ସ୍ୱନକ୍ଷତ୍ର ଦିବସ ଶୁଭ ଅବସରରେ ଉତ୍କଳର ସାହିତ୍ୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା, ଏହାର ପରିବାର ବର୍ଗଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛୁଁ।

**"ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ପରିଚାଳନା ସମିତି" ତରଫରୁ।**



ସଭାପତି | ସଭ୍ୟ ସଚିବ

## Growth, the way it is meant to be.

We have consciously extended our scale beyond our businesses, to help the country overcome economic challenges; to ensure people live a good quality of life, uninterrupted. We believe scale can lead to goodness, and this is what drives us to growth. Because, the more we grow, the more lives we can touch.



adani | Growth with Goodness

/AdaniOnline

With best Compliment from:-

### MANAGEMENT SOCIETY, DHAMARA FISHING HARBOUR, DHAMARA

At:- Dhamara, Dist. Bhadrak- 756171, State: Odisha
www.dhamarafishingharbour.org,
EID- manager.msdfh@gmail.com

An autonomous Society organized for management of Dhamara Fishing Harbour . The Governing Body of the Society is headed by the Commissioner-cum- Secretary to Govt. of Odisha, Deptt. of Fisheries and A.R.D.

**Facilities available in the Fishing Harbour :**

- Situated 3 K.Ms away from the river mouth enabling smooth sail of trawlers.
- Quality of fish is maintained to international standard by proper handling, processing, packing, icing etc.
- Two jetties having 200 mtrs. length each. Providing better facilities for landing and stack-ing of trawlers/vessels/boats etc.
- Repair of trawlers and vessels in the repair track and dry docking for 24 trawlers at a stretch.
- Supply of fresh water round the 'clock' to the trawlers before going for fishing and to the harbour users.
- Diesel outlet on the jetty for fuel supply.
- 12 Nos. of Ice plants in the vicinity of Dhamara for supply of quality Ice round the clock.
- Storage facilities available for trawler owners.
- Net mending yard for quick repair of nets.
- Rest house facility provided to vessel crews on rent.
- Market complex has been constructed to facilitate business require by the jetty users.
- Pre-Processing Plant for Sea Food Exporter.
- Further facilities to the entrepreneurs and exporters for stor age, shorting, grading and icing are,provided.
- Facilities like Chitin Plant and Cold storage are in the pipe line for construction. Visit us at www.dhamarafishingharbour.org and we will be proud of you.

Manager,
Management Society,
Dhamara Fishing Harbour,
EMail ID : manager.msdfh@gmail.com, dfo.bhadrak@gmail,com

D.F.O., Bhadrak And Secretary,
Management Society, Dhamara Fishing Harbour, Dhamara.
Hello: 06784-240223, 06786-222500

# ବନ୍ଦର ପକ୍ଷରୁ ଜାତୀୟ ମହାକାଶ ଦିବସ ପାଳିତ

ପାରାଦୀପ, ୨୪/୮ (ନି.ପ୍ର): ୨୦୨୩ ମସିହା ଅଗଷ୍ଟ ୨୩ ତାରିଖରେ, ଭାରତ ଚନ୍ଦ୍ରରେ ଚନ୍ଦ୍ରାୟଣ-୩ ର ସଫଳ ଅବତରଣ କରି ଏକ ଐତିହାସିକ ସଫଳତା ହାସଲ କରିଥିଲା। ଏହି ଅସାଧାରଣ ସଫଳତାକୁ ସମ୍ମାନ ଜଣାଇ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୨୩କୁ ଜାତୀୟ ମହାକାଶ ଦିବସ ଭାବେ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପକ୍ଷରୁ ଶୁକ୍ରବାର ଦିନ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ସ୍ଥାନୀୟ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ଲେଖା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ସେହିପରି ସ୍ପେସ୍ ଥିମ୍ ଉପରେ ଏକ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା 'ଭି' ପଏଣ୍ଟ କେଜି ସ୍କୁଲ ପିଲାମାନଙ୍କ ମଧ୍ୟରେ କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ସଚିବ ୟୁ.ଆର.ମୋହନ ରାଜୁ ଉତ୍ସାହୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରି ସେମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଚନ୍ଦ୍ରାୟଣ-୩ ର ମଡେଲ ଗୁଡିକ ପ୍ରଦର୍ଶିତ ହୋଇଥିଲା ।



# ଆର୍ଯ୍ୟସମାଜର ଶ୍ରାବଣୀ ପର୍ବରେ ଡଃ ଜ୍ଞାନେନ୍ଦ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୪/୮ (ନି.ପ୍ର): ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜ ମାନଙ୍କରେ, ବୈଦିକ ଶ୍ରାବଣୀ ଉପାକର୍ମ ପର୍ବ ସାରା ଓଡ଼ିଶାରେ ଚାଲିଥିବା ବେଳେ, ଶନିବାର ପୂର୍ବାହ୍ନରେ ଶହୀଦନଗର ଆର୍ଯ୍ୟସମାଜ ସଭା ମଣ୍ଡପଠାରେ ଶ୍ରାବଣୀ ପର୍ବର ଷଷ୍ଠ ଦିବସରେ ପୌରହିତ୍ୟ କରି ଭାରତବର୍ଷର ପ୍ରଖ୍ୟାତ ବୈଦିକ ବିଦ୍ୱାନ, ଡଃ ଇଞ୍ଜିନିୟର ପ୍ରିୟବ୍ରତ ଦାସ କହିଲେ ଯେ, "ବେଦ" ଅପୌରେତେୟ, ଏହା ସ୍ୱୟଂ ପରମାତ୍ମାଙ୍କର ବାଣୀ। ଏହା ବିଶ୍ୱର ପ୍ରତ୍ୟେକ ଜୀବ ଜଗତର କଲ୍ୟାଣ ପାଇଁ ଉଦ୍ଦିଷ୍ଟ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ, ଭଗବାନ ତଥାଗତ ବୁଦ୍ଧଙ୍କ ଜନ୍ମର ୩୦୦ ବର୍ଷ ପରେ ଅଚାର୍ଯ୍ୟ ଶଙ୍କରଙ୍କର, ପ୍ରକଟ ହେବା ପରେ ହିନ୍ଦୁଧର୍ମର ସୁରକ୍ଷା ପାଇଁ, ତାଙ୍କର ୩୨ବର୍ଷ ଜୀବନକାଳ ଥିଲା ଭାରତ ବର୍ଷ ପାଇଁ ଆଶୀର୍ବାଦର ବର୍ଷ। କିନ୍ତୁ ଆଚାର୍ଯ୍ୟ ଶଙ୍କର ବେଦର ବାଣୀକୁ ସାଧାରଣ ଜନତାଙ୍କ ନିକଟରେ ପହ ।ଇବା ପରିବର୍ତ୍ତେ ସେ ପ୍ରସ୍ଥାନତ୍ରୟୀ, ଗୀତା ବ୍ରହ୍ମସୂତ୍ର ଓ ଉପନିଷଦ ଉପରେ ଗୁରୁତ୍ୱ ଦେଲେ। ୬୦୦ ବର୍ଷ ତଳେ ଆଚାର୍ଯ୍ୟ ସାୟାଣ, ମହିଧର ଏପରିକି ଜର୍ମାନୀ ବିଦ୍ୱାନ ମ୍ୟାକ୍ସମୁଲାର ବେଦର ବାଖ୍ୟା କରିଛନ୍ତି। କିନ୍ତୁ ୨୦୦ ବର୍ଷ ତଳେ ମହର୍ଷି ଦୟାନନ୍ଦଙ୍କ ଆବିର୍ଭାବ ହେବା ପରେ ସେ, ହିଁ ଗୁରୁ ବିରଜାନନ୍ଦଙ୍କ ଠାରୁ ବେଦଜ୍ଞାନ ପ୍ରାପ୍ତ ହୋଇ, ବେଦକୁ ସାଧାରଣ ଜନତାଙ୍କ ବୁଝିବା ଭାଷାରେ ବେଦଭାଷ୍ୟ କଲେ, ଯାହା ବର୍ତ୍ତମାନ ସୁଦ୍ଧା ଭାରତ ବର୍ଷରେ ସର୍ବମାନ୍ୟ ହୋଇ ରହିଛି। ଏହି ଅବସରରେ ଡଃ ଜ୍ଞାନେନ୍ଦ୍ରଙ୍କୁ ବିଶିଷ୍ଟ ବୈଦିକ ବିଦ୍ୱାନ ଡଃ ଇଞ୍ଜିନିୟର ପ୍ରିୟବ୍ରତ ଦାସ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ଆଜିର ସମାଜରେ ଶିକ୍ଷିତ ମଣିଷଙ୍କ ଭିତରେ ଚାଲିଥିବା କୁସଂସ୍କାରର ନମୁନା ଦେଇଥିଲେ। ସେ ଆହୁରି କହିଲେ ଯେ, ବେଦ, ଜ୍ଞାନ ବିଜ୍ଞାନର ଗ୍ରନ୍ଥ। ପ୍ରତ୍ୟେକ ବ୍ୟକ୍ତି ନିଜର କଲ୍ୟାଣ ଓ ବିଶ୍ୱର କଲ୍ୟାଣ ପାଇଁ ଏହା ଅଧ୍ୟୟନ କରିବା ଉଚିତ୍। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର କର ସ୍ୱାଗତ ଭାଷଣ ଓ ସୁନିଲ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁକୁଳ ଆମସେନାର ବ୍ରହ୍ମଚାରୀମାନେ ଭଜନ ଓ ଶାନ୍ତିପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟସମାଜ, ଶହୀଦ ନଗରର ବରିଷ୍ଠ ସଦସ୍ୟ ସୁଧାକର ପତ୍ରୀ, ଅନିରୁଦ୍ଧ ପଟ୍ଟନାୟକ, ଶ୍ରୀମତୀ ସୁପ୍ରିୟା ରଥ, ଜୟନ୍ତ ଦେ, ସିଦ୍ଧାର୍ଥ ରଥ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହି ଶ୍ରାବଣୀ ପର୍ବ ଆସନ୍ତା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ଉଦ୍ଯାପିତ ହେବ ବୋଲି ଉପସଭାପତି ଇଂ ବ୍ରଜବନ୍ଧୁ ପଣ୍ଡା ଜଣାଇଛନ୍ତି।

## ଗଣତନ୍ତ୍ର ରାଷ୍ଟ୍ରରେ...

(ପୃଷ୍ଠା ୯ର ଅବଶିଷ୍ଟାଂଶ) ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ପାଟକୁରା ବିଧାନସଭା ଆସନରୁ ବିଜୟ ମହାପାତ୍ର ୧୯୮୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ୫ଥର ବିଧାୟକ ଥିଲେ ଓ ୧୯୯୦ରୁ ୧୯୯୫ ମନ୍ତ୍ରୀ ଥିଲେ। ଏହାପରେ ସେ ରାଜନୀତିରୁ ଏକ ପ୍ରକାର ଦୂରେଇ ରହିଥିଲେ। ଚଳିତ ସାଧାରଣ ନିର୍ବାଚନରେ ତାଙ୍କ ପୁତ୍ର ଅରବିନ୍ଦ ମହାପାତ୍ର ବିଜୁ ଜନତା ଦଳରୁ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ପ୍ରତାପ ଜେନା ବିଜୁ ଜନତା ଦଳରୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜୟୀ ହୋଇ ବିଧାୟକ ଓ ମନ୍ତ୍ରୀ ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଦଳ ତାଙ୍କ ପୁତ୍ର ଅଙ୍କିତ ପ୍ରତାପ ଜେନାଙ୍କୁ ମାହାଙ୍ଗାରୁ ପ୍ରାର୍ଥୀ ହୋଇଥିଲେ। ସେହିପରି ଗୋଟିଏ ଗୋଟିଏ ପରିବାରରୁ ବାପ, ପୁଅ, ପୁତୁରା, ଝିଆରୀ, କକା, ଖୁଡ଼ି ଓ ବୋହୁ ରାଜନୀତିକୁ ଆସି ପରସ୍ପର ବିରୁଦ୍ଧରେ ପ୍ରତିଦ୍ୱନ୍ଦିତା କରୁଥିବାର ନଜିର ରହିଛି।

ପ୍ରଭାତ ରଞ୍ଜନ ବିଶ୍ୱାଳ କଟକ-ଚୌଦ୍ୱାରରୁ ବିଜୁ ଜନତା ଦଳ ତରଫରୁ ବିଧାୟକ ହୋଇଥିଲେ। ତାଙ୍କ ପୁତ୍ର ସୌଭିକ ବିଶ୍ୱାଳ ବିଜୁ ଜନତା ଦଳର ବିଧାୟକ ହୋଇଥିଲେ। କାଳନ୍ଦୀ ବେହେରା ବିଜୁ ଜନତା ଦଳ ତରଫରୁ କଟକ ସଦରର ବିଧାୟକ ହୋଇଥିଲେ। ତାଙ୍କ ପୁତ୍ର ଚନ୍ଦ୍ରସାରଥୀ ବେହେରା କଟକ ସଦରରୁ ବିଜୁ ଜନତା ଦଳର ବିଧାୟକ ହୋଇଥିଲେ। ପ୍ରଭାତ ତ୍ରିପାଠୀ ବାଙ୍କୀ ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳର ବିଧାୟକ ହୋଇଥିଲେ। ତାଙ୍କ ପୁତ୍ର ଦେବୀ ରଞ୍ଜନ ତ୍ରିପାଠୀ ବାଙ୍କୀରୁ ବିଜୁ ଜନତା ଦଳର ବିଧାୟକ ହୋଇଥିଲେ। କଳ୍ପତରୁ ଦାସ ଧର୍ମଶାଳାରୁ ବିଜୁ ଜନତା ଦଳ ତରଫରୁ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ବିଧାୟକ ଥିଲେ। ତାଙ୍କ ପୁତ୍ର ପ୍ରଣବ ବଳବନ୍ତ ରାୟ ଧର୍ମଶାଳରୁ ବିଜେଡ଼ିର ବିଧାୟକ ହୋଇଥିଲେ। ଅଶୋକ ଦାସ କୋରେଇରୁ ଉତ୍କଳ କଂଗ୍ରେସ, ଜନତା ପାର୍ଟି ଓ ବିଜୁ ଜନତା ଦଳରୁ ୧୯୭୪ରୁ ୨୦୦୦ ପର୍ଯ୍ୟନ୍ତ ବିଧାୟକ ଥିଲେ। ତାଙ୍କ ପୁତ୍ର ପ୍ରଣବ ପ୍ରକାଶ ଦାସ ରାଜନୀତିରେ ଯୋଗ ଦେଇ ଯାଜପୁରର ବିଧାୟକ ହୋଇଥିଲେ। ଅଶୋକ ଦାସଙ୍କ ପତ୍ନୀ ସନ୍ଧ୍ୟା ଦାସ ୨୦୨୪ ସାଧାରଣ ନର୍ବାଚନରେ କୋରେଇରୁ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ। ରାଜକିଶୋର ନାୟକ ପାଟକୁରାରୁ ଉତ୍କଳ କଂଗ୍ରେସରୁ ବିଧାୟକ ହୋଇଥିଲେ। ତାଙ୍କ ପୁତ୍ର ଅତନୁ ସବ୍ୟସାଚୀ ନାୟକ ମହାକାଳପଡ଼ାରୁ ବିଜୟୀ ହୋଇ ମନ୍ତ୍ରୀ ଥିଲେ ଓ ବିଧାୟକ ଅଛନ୍ତି। ବାସୁଦେବ ମହାପାତ୍ର ବାଲିକୁଦା ବିଧାନସଭା ଆସନରୁ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ମନ୍ତ୍ରୀ ଓ ବିଧାୟକ ହୋଇଥିଲେ। ତାଙ୍କ ପୁତ୍ର ଲଲାଟେନ୍ଦୁ ମହାପାତ୍ର କଂଗ୍ରେସ ତରଫରୁ ବାଲିକୁଦାର ବିଧାୟକ ହୋଇଥିଲେ।

ଜଣେ ସରକାରୀ କର୍ମଚାରୀ ଅବସର ପୂର୍ବରୁ ଚାକିରୀରେ ଥାଇ ମୃତ୍ୟୁବରଣ କଲେ ଯେପରି ତାଙ୍କ ପୁତ୍ର ବା କନ୍ୟାଙ୍କୁ ଅନୁକମ୍ପାମୂଳକ ଭାବେ ସରକାରୀ ଚାକିରୀରେ ଅବସ୍ଥାପିତ କରାଯାଏ, ସେହିପରି ରାଜନୀତିରେ ଜଣେ ବିଧାୟକ ବା ମନ୍ତ୍ରୀ ମୃତ୍ୟୁବରଣ କଲେ, ତାଙ୍କର ପୁତ୍ରକନ୍ୟାମାନେ ରାଜନୀତିରେ ପ୍ରବେଶ କରି ଅନୁକମ୍ପାମୂଳକ ଭୋଟ ପାଇ ବିଧାୟକ ବିଧାୟିକା ହେଉଛନ୍ତି। ବିଷ୍ଣୁଚରଣ ସେଠୀ ଧାମନଗରରୁ ଭାରତୀୟ ଜନତା ପାର୍ଟି ବିଧାୟକ ଥିଲେ। ତାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ସୂର୍ଯ୍ୟବଂଶୀ ସୂରଜ ଧାମନଗର ଉପନିର୍ବାଚନରେ ବିଧାୟକ ଭାବେ ବିଜୟୀ ହୋଇଥିଲେ। ବିଜୟ ରଞ୍ଜନ ସିଂ ବରିହା ପଦ୍ମପୁରରୁ ବିଜୁ ଜନତା ଦଳର ବିଧାୟକ ଥିଲେ। ତାଙ୍କ ମୃତ୍ୟୁପରେ ତାଙ୍କ କନ୍ୟା ବର୍ଷା ସିଂ ବରିହା ରାଜନୀତିରେ ପାଦ ଦେଇ ବିଧାୟିକା ଭାବେ ବିଜୟୀ ହୋଇଥିଲେ। ନବ କିଶୋର ଦାସ ଝାରସୁଗୁଡ଼ାର ବିଧାୟକ ଥିଲେ। ତାଙ୍କ ମୃତ୍ୟୁପରେ ଝାରସୁଗୁଡ଼ା ଉପନିର୍ବାଚନରେ ତାଙ୍କ ଝିଅ ଦିପାଳୀ ଦାସ ବିଧାୟିକା ଭାବେ ବିଜୟୀ ହୋଇଥିଲେ ଓ ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ପ୍ରତିଦ୍ୱନ୍ଦିତା କରୁଛନ୍ତି। ବିଷ୍ଣୁ ଚରଣ ଦାସ ଜଗତସିଂହପୁର ବିଜୁ ଜନତା ଦଳର ବିଧାୟକ ଥିଲେ। ତାଙ୍କ ମୃତ୍ୟୁ ପରେ ପୁତ୍ର ବିଜୟ ଶଙ୍କର ଦାସ ରାଜନୀତିକୁ ଆସି ବିଧାୟକ ଭାବେ ବିଜୟୀ ହୋଇଥିଲେ। ବେଦ ପ୍ରକାଶ ଅଗ୍ରୱାଲ କେନ୍ଦ୍ରାପଡ଼ାର ବିଧାୟକ ଥିଲେ। ତାଙ୍କ ମୃତ୍ୟୁପରେ ତାଙ୍କ ପତ୍ନୀ ସାବିତ୍ରୀ ଅଗ୍ରୱାଲା ରାଜନୀତିରେ ଯୋଗଦେଇ ପାଟକୁରାର ବିଧାୟିକା ହୋଇଥିଲେ। ଅଭିମନ୍ୟୁ ସାହୁ ଟିଟିଲାଗଡ଼ ବିଜୁ ଜନତା ଦଳର ଜଣେ ଲୋକପ୍ରିୟ ନେତା ଥିଲେ। ତାଙ୍କ ମୃତ୍ୟୁ ପରେ ପତ୍ନୀ ଟୁକୁନି ସାହୁ ରାଜନୀତିରେ ପ୍ରବେଶ କରି ଟିଟିଲାଗଡ଼ରୁ ନିର୍ବାଚିତ ହୋଇ ମନ୍ତ୍ରୀ ହୋଇଥିଲେ। ଗଣତନ୍ତ୍ର ରାଷ୍ଟ୍ରରେ ରାଜତନ୍ତ୍ରର ପଦଧ୍ୱନି ବହନ କରିବା ଯୋଗୁଁ ଦଳ ପାଇଁ ତୃଣମୂଳସ୍ତରରୁ କାମ କରୁଥିବା ଅନେକ ଆଗଧାଡ଼ିର ନେତା ଦଳୀୟ ଟିକେଟ ନ ପାଇ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ସୁଯୋଗରୁ ବଞ୍ଚିତ ହେଉଛନ୍ତି ଓ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ଗଣତନ୍ତ୍ର ଯେପରି ଚାଲିବା କଥା, ତାହା ସମ୍ଭବ ହୋଇପାରୁ ନାହିଁ।

+କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର

# ବାଲେଶ୍ୱରରେ ଗଢ଼ାହେଲା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ

## ବାଲେଶ୍ୱର ଓଡ଼ିଶାକୁ ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ଦେଉ: ଜଷ୍ଟିସ୍ ମନୋରଞ୍ଜନ

ବାଲେଶ୍ୱର, ୨୪/୮ (ନି.ପ୍ର): ଭାରତର ସ୍ୱାଧୀନତା ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ବାଲେଶ୍ୱରର ଅବଦାନକୁ ଏ ଜାତି କେବେବି ଭୁଲି ପାରିବନାହିଁ। ସେହି ସ୍ଥାନରେ ସାମ୍ପ୍ରଦାୟିକତା ବିଚାରର ପ୍ରସାର କେବଳ ବାଲେଶ୍ୱର ନୁହେଁ ଆମ ରାଜ୍ୟକୁ ପଛକୁ ଟାଣିନେବ। ବିଗତ ଦିନରେ ଏଠାକାର ଉଭୟ ସମ୍ପ୍ରଦାୟ ମଧ୍ୟରେ ସଂଗଠିତ ହୋଇଥିବା ସାମ୍ପ୍ରଦାୟିକ ବିଦ୍ୱେଷ ଏବେ ଆଉ ନାହିଁ। ଲୋକେ ପୁଣି ଯୁଗଯୁଗର ଭାଇଚାରାକୁ ପୁନର୍ଜୀବୀତ କରିବା ପାଇଁ ଚେଷ୍ଟା କରୁଛନ୍ତି। ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ବିଚାରରେ କାର୍ଯ୍ୟ କରୁଥିବା ଆମ ସଂଗଠନ ବିଦ୍ୱେଷ ସମୟରେ ଏଠାକାର ଲୋକଙ୍କ ଭିତରେ ଭାଇଚାରାର ବୀଜ ବପନ କରିବା ନିମନ୍ତେ ପଥପ୍ରାନ୍ତ ନାଟକ, ସର୍ବ ଧର୍ମ ପ୍ରାର୍ଥନା ଆଦି ମାଧ୍ୟମରେ ପ୍ରୟାସ ଚଳାଇଥିଲା। ଆଜି ଆଉ ପାଦେ ଆଗକୁ ବଢ଼ି ସ୍ଥାୟୀଭାବେ ଭାଇଚାରାକୁ ଉଜ୍ଜିବୀତ କରି ରଖିବା ପାଇଁ ଏଠାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଶାଖା ସ୍ଥାପନ ହେଉଛି। ଏହା ଆଗାମୀ ଦିନରେ ଏକ ନୂତନ ଇତିହାସ ନିର୍ମାଣ କରିବ ବୋଲି




ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ଆଜି ଷ୍ଟେସନ କ୍ଲବଠାରେ କହିଥିଲେ। ବିଶିଷ୍ଟ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଭଦ୍ରକ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଅଖିଳ କୁମାର ପାଢ଼ୀ କହିଲେ ଯେ, ପ୍ରତିଷ୍ଠାନ ମାଧ୍ୟମରେ ଆମେ ସାତ ବର୍ଷ ହେଲା ଭଦ୍ରକରେ ଶାନ୍ତି ସଦଭାବନା ବିଚାରର ପତାକା ଟେକି ଧରିଛୁ। ଆଜିଠାରୁ ଏହି ଶାନ୍ତିର ପତାକା ବାଲେଶ୍ୱରରେ ଉଡ଼ିବ। ଡ. ଝରଣା ପଟ୍ଟନାୟକ କହିଲେ ଯେ, ଭାରତର ସମ୍ବିଧାନ ହିନ୍ଦୁ ମୁସଲମାନ, ଖ୍ରୀଷ୍ଟିୟାନ ଆଦି ସବୁ ଧର୍ମର ମଣିଷଙ୍କୁ ଏଠାରେ ରହିବାର ଅଧିକାର ଦେଇଛି। ଆମେ କେହି କାହାକୁ ଏଠାରୁ ହଟାଇ ପାରିବା ନାହିଁ। ଏହି ସତ୍ୟକୁ ବୁଝି ଆମକୁ ପରସ୍ପର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଦିଗରେ କାର୍ଯ୍ୟ କରିବାକୁ ହେବ। ବାଲେଶ୍ୱରରେ ଶାନ୍ତି ଅଭିଯାନର ନେତୃତ୍ୱ ନେଇଥିବା ଡାକ୍ତର ବିଶ୍ୱଜିତ କହିଲେ ଯେ, ଡ. ରାଜେନ୍ଦ୍ର ପ୍ରସାଦ, ଜବାହରଲାଲ ନେହେରୁ, ସର୍ବପଲ୍ଲୀ ରାଧାକୃଷ୍ଣାନ, ଜୟପ୍ରକାଶ ନାରାୟଣ, ଡ. ଜାକୀର ହୁସେନଙ୍କ ନେତୃତ୍ୱରେ ୧୯୫୮ ମସିହାରେ ଗଢ଼ା ହୋଇଥିବା ଏହି ଐତିହାସିକ ସଂଗଠନ ସହ ସାମିଲ ହୋଇ ଆମକୁ ଗାନ୍ଧୀ ପ୍ରଦର୍ଶିତ ସଦ୍‌ଭାବନା ପାଇଁ ଅଣ୍ଟା ଭିଡ଼ିବାକୁ ହେବ। ସଭାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବାବଦରେ ସବିଶେଷ ଚର୍ଚ୍ଚା ଓ ଆଲୋଚନା ହେବା ପରେ ଆଜି ପ୍ରଥମ ଦିନରେ ପଚାଶ ଜଣ ଏହାର ସଦସ୍ୟତା ଗ୍ରହଣ କଲେ। ପ୍ରତିଷ୍ଠାନର ରାଷ୍ଟ୍ରୀୟ ସମିତିର ଅନୁମୋଦନ ପରେ ପ୍ରତିଷ୍ଠାନ ପକ୍ଷରୁ ଗାନ୍ଧୀ ଗୋପବନ୍ଧୁ ତତ୍ତ୍ୱ ପ୍ରଚାର କେନ୍ଦ୍ର କାର୍ଯ୍ୟ କରିବା ସହ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଏହାର ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯିବ ତଥା ଏକ ସଦଭାବନା ଯୁବ ଶିବିର ଆୟୋଜନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସେକ୍ ନାସୀର ବକ୍ସ, କବୀର କୁମାର ଜେନା, ସୂର୍ଯ୍ୟକାନ୍ତ କର, ହରିହର ସେନ, ଅଭୟ ଦାସ, ପ୍ରଣୀତା ମିଶ୍ର, ବିଜୟ ଉପାଧ୍ୟାୟ, ପ୍ରଦୀପ୍ତ ପଣ୍ଡା, ତୁଷାର ମହାପାତ୍ର, ଭଗବାନ ମହନି, ପ୍ରବୀର କମିଲା, ଅସଗର ଅଲ୍ଲୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ଶରତ ମହାପାତ୍ର, ମନୋଜ ନାୟକ, ପର୍ଶୁରାମ ପ୍ରଧାନ, ଅର୍ଚ୍ଚନା ନନ୍ଦୀ, ବିଧାନ ରାୟ, ଦାମୋଦର ନାୟକ, ଶ୍ରଦ୍ଧାଞ୍ଜଳି ରାୟ, ନିରଞ୍ଜନ ପରିଡ଼ା, ସୀତାରାମ ପ୍ରଧାନ, ଗୋପୀକୃଷ୍ଣ ମହାନ୍ତି, ରଘୁନାଥ ଲେଙ୍କା, ବିକାଶ ଦାସ, ପୁରୁଷୋତ୍ତମ କମିଲା, ରୋଜି ପଟ୍ଟନାୟକ, ଇନ୍ତେକାମ ବକ୍ସ ପ୍ରମୁଖ ଏହି ସଭାରେ ନିଜନିଜର ମତ ବ୍ୟକ୍ତ କରିଥିଲେ। ଆଡ୍‌ଭୋକେଟ ମହମ୍ମଦ ଇସଲାମ ସଭା ସଂଚାଳନ କରିଥିବା ବେଳେ, ପ୍ରତିମା ପଣ୍ଡା ଅତିଥି ପରିଚୟ ଓ ଜିତେନ୍ଦ୍ର ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସଭାରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ଯଶୋଧାରା ଦାସ, ଚିନ୍ମୟ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମାନସ ପଟ୍ଟନାୟକ କ୍ରାନ୍ତି ସଙ୍ଗୀତ ପରିବେଷଣ କରିଥିଲେ ତଥା ବିଜୟ କୁମାର ଦାସଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ପୁଣି ଜିଲ୍ଲା ଗସ୍ତରେ...

ମନୋଜ ଆହୁଜା ନିର୍ଦ୍ଦେଶ ଦେଇସାରିଛନ୍ତି । ସଚିବମାନେ ଜିଲ୍ଲାଗସ୍ତରେ ଯାଇ ସରକାରଙ୍କ ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନର ତଦାରଖ କରିବା ସହ ସାଧାରଣ ଲୋକଙ୍କୁ ବିଭିନ୍ନ ସରକାରୀ ସେବା ପ୍ରଭାବୀ ଢଙ୍ଗରେ ମିଳୁଛି କି ନାହିଁ ତାହା ଦେଖିବେ । ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ କିଭଳି ଅଧିକ ସଫଳତାର ସହ କାର୍ଯ୍ୟକାରୀ କରିହେବ ସେନେଇ ମଧ୍ୟ ମତାମତ ଦେବାକୁ ସଚିବମାନଙ୍କୁ କୁହାଯାଇଛି । ଏହାସହିତ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ତଥ୍ୟ ଆଦିକୁ ଭଲ ଭାବେ ଅନୁଧ୍ୟାନ କରିବାକୁ ସଚିବମାନଙ୍କୁ ପରାମର୍ଶ ଦିଆଯାଇଛି, ଯାହାକି ସେମାନଙ୍କୁ ଉପଯୁକ୍ତ ନିଷ୍ପତ୍ତି ନେବାରେ ସହାୟକ ହୋଇପାରିବ। ଏବେ ସଚିବମାନେ ପୂର୍ବଭଳି ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନର ତଦାରଖ କରିପାରିବେ। ପାଣ୍ଡିଆନଙ୍କ ଭାବମୂର୍ତ୍ତି ବଢ଼ାଇବା ଓ ଅନ୍ୟ ସଚିବମାନଙ୍କୁ ତୁଚ୍ଛ ଦେଖାଇବା ପାଇଁ ତତକାଳୀନ ନବୀନ ପଟ୍ଟନାୟକ ସରକାର ବିଭାଗୀୟ ସଚିବମାନଙ୍କ ଜିଲ୍ଲା ଗସ୍ତ ଉପରେ ଅଘୋଷିତ କଟକଣା ଜାରି କରିଦେଇଥିଲେ । ପାଣ୍ଡିଆନଙ୍କ ପ୍ରଭାବରେ ସଚିବମାନେ ଏକାକୀ ଜିଲ୍ଲା ଗସ୍ତରେ ଯିବା କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ଏକରକମ ବାଧ୍ୟ ହେଉଥିଲେ ବୋଲି ପାୱାର କରିଡରରେ ଚର୍ଚ୍ଚା ହେଉଛି । କେବଳ ସେତିକି ନୁହେଁ, ମୋହନ ମାଝୀଙ୍କ ସରକାର ସମସ୍ତ ବିଭାଗକୁ ସେମାନଙ୍କ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟାପକ ଅନୁଧ୍ୟାନ ଓ ରିପୋର୍ଟ ଆଦି ପ୍ରସ୍ତୁତ କରି ସେସବୁକୁ ଯୋଜନା ଓ ସଂଯୋଜନ ବିଭାଗକୁ ପଠାଇବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ଆଉ ରାଜ୍ୟ ସରକାର ସ୍ୱତନ୍ତ୍ର ୱେବସାଇଟ୍ କରି ସେହି ସମସ୍ତ ତଥ୍ୟକୁ ସେଥିରେ ଅପଲୋଡ୍ କରାଇବେ, ଯାହାକୁ 'ନଲେଜ ବ୍ୟାଙ୍କ' ଭାବେ ଉପଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ନବୀନ ପଟ୍ଟନାୟକ ସରକାରରେ ବହୁ ପ୍ରଚାରିତ 'ଫାଇଭ-ଟି'କୁ ମୋହନ ସରକାର ବନ୍ଦ କରିଦେଇଥିବାରୁ ଏବେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ବ୍ୟବସ୍ଥାରେ ପାରଦର୍ଶିତା ଆଣିବା ପାଇଁ ନୂଆ ଟେକ୍ନୋଲୋଜି(ଜ୍ଞାନକୌଶଳ) ଲାଗୁ କରିବାକୁ ମଧ୍ୟ କୁହାଯାଇଛି । ଏହି ନୂଆ ଟେକ୍ନୋଲୋଜି ମାଧ୍ୟମରେ ସରକାରୀ ବ୍ୟବସ୍ଥା ଓ କାର୍ଯ୍ୟକ୍ରମଗୁଡ଼ିକରେ ପାରଦର୍ଶିତା ସହ ଉତ୍ତରଦାୟିତ୍ୱ ଆଣିବାକୁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି ।

### ବିଧାନସଭାରେ ସଂରକ୍ଷଣ ...

ଓବିସି ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଜେଡି କହିଛି। ବିରୋଧୀଙ୍କ ଅଭିଯୋଗ ଉପରେ କଡ଼ା ଜବାବ ରଖିଛି ବିଜେପି । ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ଦିନେ ଯିଏ ଓବିସିଙ୍କ ଚିନ୍ତା କଲେନି, ସେମାନେ ଆଜି ଠିଆ ହୋଇ ବିଧାନସଭାରେ ପ୍ରତିବାଦ କରୁଛନ୍ତି। ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଗୃହ ଚଳାଇ ନ ଦେବାକୁ ବିରୋଧୀ ଚେଷ୍ଟା କରୁଛନ୍ତି ବୋଲି ବିଜେପି କହିଛି । ସେପଟେ ବିଧାନସଭାରେ ବାଚସ୍ପତିଙ୍କୁ ଅସମ୍ମାନ ଘଟଣାରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି । ଗୃହରେ ନିନ୍ଦା ପ୍ରସ୍ତାବ ଆଣିଲେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ । ଏହାପରେ ଗୃହ ଘଣ୍ଟାଏ ମୁଲତବୀ ହୋଇଥିଲା । କାଲି ବାଚସ୍ପତିଙ୍କ ପୋଡ଼ିୟମ ଦଖଲ କରିବାକୁ ଉଦ୍ୟମ କରିଥିଲା ବିଜେଡି । ରୋମାଞ୍ଚ ବିଶ୍ୱାଳ ଓ ମାଧବ ଧଡ଼ା ପୋଡ଼ିୟମ ଉପରକୁ ଚଢ଼ି ଯାଇଥିଲେ ।

## ସେନା କର୍ମଚାରୀଙ୍କ ଅକାଳ ବିୟୋଗରେ ବାଲିଆପାଳରେ ଶୋକର ଛାୟା

ଲଙ୍ଗଳେଶ୍ୱର,୨୪/୮( ନିପ୍ର) ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ କଣ୍ଡାଡିହା ଗ୍ରାମର ରମାକାନ୍ତ ପ୍ରଧାନଙ୍କ ବଡ ପୁଅ ସେନା କର୍ମଚାରୀ ଜଗନ୍ନାଥ ପ୍ରଧାନଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ଜଗନ୍ନାଥ ମାମୁ ଘର ନିଖିରା ପଞ୍ଚାୟତ ତଳ ଧାନଦାରେ ରହି ଉଚ୍ଚ ଶିକ୍ଷା ପ୍ରାପ୍ତ କଲା ପରେ ୨୦୨୧ ମସିହାରେ ଆସାମ ରାଇଫଲରେ ଯୋଗ ଦେଇଥିଲେ। ସେ ଅରୁଣାଚଳ ପ୍ରଦେଶରେ କାର୍ଯ୍ୟରତ ଥିଲେ। ଗତ ୭ ତାରିଖ ଦିନ ଜଗନ୍ନାଥ ହଠାତ ଅସୁସ୍ଥ ହୋଇ ପଡିବାରୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ମାନଙ୍କ ଶତଚେଷ୍ଟା ସତ୍ତ୍ୱେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇ ଯାଇଛି। ତେବେ କେଉଁ କାରଣ ପାଇଁ ତାଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇ ନାହିଁ। ତାଙ୍କ ମୃତ ଦେହକୁ ଭୁବନେଶ୍ୱରରେ ତୋପ ସଲାମୀ ଦେବା ପରେ ଆଜି ମାମୁ ଘର ଗାଁ ତଳ ଧାନଦାରେ ପହଞ୍ଚିବା ପରେ ସେଠୁ ଏକ ଶୋକାକୋଳ ପରିବେଶରେ ଗାଁ କଣ୍ଡାଡିହାରେ ଜଗନ୍ନାଥଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି।

# ବ୍ରାଜିଲ ୱାଇ-୨୦ ସମ୍ମିଳନୀରେ ଯୋଗଦେଲେ ବିଜେପି ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ଉପାଧ୍ୟକ୍ଷା

ଭୁବନେଶ୍ୱର, ୨୪/୮ (ନି.ପ୍ର): ବ୍ରାଜିଲର ରିଓଜେନେରିଓରେ ଅନୁଷ୍ଠିତ ୱାଇ-୨୦ ଯୁବ ସମ୍ମିଳନୀରେ ୫ଜଣ ଭାରତୀୟ ଯୁବନେତା ସମେତ ବିଜେପି ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଅର୍ପିତା ଅପରାଜିତା ବଡଜେନା ଅଂଶ ଗ୍ରହଣ କରିଥିଲେ। ବ୍ରାଜିଲରେ ଆୟୋଜିତ ଏହି ସମ୍ମିଳନୀ ୧୦ ରୁ ୧୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୭ଟି ଦେଶର ପ୍ରତିନିଧି ଏକତ୍ରିତ ହୋଇ "ଗ୍ଲୋବାଲ ଚ୍ୟାଲେଞ୍ଜ ଓ ଅପରଚ୍ୟୁନିଟି" ଶୀର୍ଷକ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କ୍ଷୁଧା, ଦାରିଦ୍ର ଏବଂ ଅସମାନତା ଦୂରିକରଣ ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ ହୋଇଥିଲା। ଦାରିଦ୍ର୍ୟ ଦୂରୀକରଣରେ ଭାରତ ନେଇଥିବା ପଦକ୍ଷେପ ଉପରେ ଚର୍ଚ୍ଚା ହୋଇଥିଲା। ବିଶେଷ କରି ମୋଦିଜୀ ଶାସନକୁ ଆସିବା ପରେ ଦେଶର ୧୩୫ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରି ଯେଉଁ ଭଳି ସଫଳତା ହାସଲ କରିଛନ୍ତି ତାହାକୁ ବ୍ରାଜିଲ ୱାଇ-୨୦ ସମ୍ମିଳନୀରେ ପ୍ରଶଂସା କରାଯାଇଥିଲା। ଭାରତରେ ମୋଦି ସରକାର ଜନତାଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ସେଗୁଡିକ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଆଦି ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲକ୍ଷାଧିକ ଗରିବ ପରିବାରକୁ ପକ୍କା ଘର ଯୋଗାଇ ଦିଆଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଖାଦ୍ୟ ନିରାପତାକୁ ସୁନିଶ୍ଚିତ କରାଯାଇଛି। ଦାରିଦ୍ର୍ୟ ହ୍ରାସ ପାଇଁ ଭାରତର ଏଭଳି ଅଭିନବ ପ୍ରୟାସକୁ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା। ନଭେମ୍ବର ୨୦୨୪ରେ ରିଓଜେନେରିଓରେ ଅନୁଷ୍ଠିତ ହେବାକୁ ଥିବା ଜି-୨୦ଶିଖର ସମ୍ମିଳନୀରେ ବିଶ୍ୱନେତାମାନେ ଏକତ୍ରିତ ହୋଇ ୱାଇ-୨୦ଶିଖର ସମ୍ମିଳନୀରେ ହୋଇଥିବା ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିବେ ବୋଲି ବିଜେପି ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଅର୍ପିତା ଅପରାଜିତା ବଡଜେନା ସୂଚନା ଦେଇଛନ୍ତି।

# ଓଡ଼ିଶୀ ନୃତ୍ୟର ବିକାଶରେ ସଂଯୁକ୍ତା ପାଣିଗ୍ରାହୀଙ୍କ ସମଗ୍ର ଜୀବନ ସମର୍ପିତ ଥିଲା

ଭୁବନେଶ୍ୱର, ୨୪/୮ (ନି.ପ୍ର): ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୮୦ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଥିବା ପ୍ରତିମୂର୍ତ୍ତିସ୍ଥଳୀରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅମିତ୍ ପାତାଳସିଂହ, ସ୍ୱରାଜ ସେଠୀ, ଗୌରହରି ବିଶୋଇ, ଇରାରାଣୀ ସାହୁ, ଦଶମନ୍ତୀ ହେମ୍ବ୍ରମ୍, ପ୍ରତିକ୍ଷା ନନ୍ଦ, ସୂର୍ଯ୍ୟକାନ୍ତୀ ପ୍ରଧାନ, ଜଳନ୍ଧର ନାୟକ, ସତ୍ୟାନନ୍ଦ ମିଶ୍ର, ଜୟଗୁରୁ ପ୍ରଧାନ, ଲାନା ବାବୁ, ସୁଶାନ୍ତ ବିଶୋଇ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ଗୁରୁ କେଳୁଚରଣ ମହାପାତ୍ରଙ୍କର ଶିଷ୍ୟା ସଂଯୁକ୍ତା ପାଣିଗ୍ରାହୀ ଓଡ଼ିଶୀ ନୃତ୍ୟାଙ୍ଗନା ଭାବେ ଉଚ୍ଚକୋଟିର ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହ ବହୁ ଛାତ୍ରଛାତ୍ରୀଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେଇ ସେମାନଙ୍କୁ ସୁପ୍ରତିଷ୍ଠିତ କରିପାରିଥିଲେ । ଶ୍ରୀମତୀ ପାଣିଗ୍ରାହୀଙ୍କ ଓଡ଼ିଶୀ ନୃତ୍ୟ ଓ ତାଙ୍କ ସ୍ୱାମୀ ସୁରମଣି ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସଂଗୀତର ଯୁଗଳବନ୍ଦୀ ଓଡ଼ିଶାରେ କଳାର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

# ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଗୃହମାଲିକ ସମେତ ୩ ମୃତ: ଜଣେ ଅସୁସ୍ଥ

ସମ୍ବଲପୁର , ୨୪/୮ (ନି.ପ୍ର): ଶନିବାର ସକାଳେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ ଜମନକିରା ଥାନା ଅଧୀନ ଟୁକୁରା ଗ୍ରାମରେ ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବା ଅବସରରେ ଶ୍ୱାସରୁଦ୍ଧ ଗୃହ ମାଲିକ ସମେତ ୩ ଜଣ ମୃତ୍ୟୁବରଣ କରିଥିବାବେଳେ ଜଣେ ଗୁରୁତର ଭାବେ ଅସୁସ୍ଥ ହୋଇଛନ୍ତି। ଏହି ଅଭାବନୀୟ ଘଟଣା ଜମନକିରା ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିମାନେ ହେଲେ ଗୃହ ମାଲିକ ବସନ୍ତ ଦେହୁରୀ, ଶ୍ରମିକ ଶ୍ରୀକାନ୍ତ ମୁଣ୍ଡା ଓ ଭରତ ରଣା। ଗୁରୁତର ଅସୁସ୍ଥ ସିଦ୍ଧାର୍ଥ ମୁଣ୍ଡା ଜିଲ୍ଲା ସଦରମହକୁମା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ହସ୍ତଗତ ବିବରଣୀ ଅନୁଯାୟୀ ନିର୍ମାଣାଧୀନ ଏକ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବା ପାଇଁ ବସନ୍ତ ୩ ଜଣ ଶ୍ରମିକଙ୍କୁ ନିୟୋଜିତ କରିଥିଲେ । ନିର୍ମାଣାଧୀନ ପାଇଖାନା ଟାଙ୍କି ନିବୁଜ ଥିବାରୁ ବାୟୁ ଚଳାଚଳ ହେଉନଥିଲା । ଏହାକୁ ଗୁରୁତ୍ୱ ନଦେଇ ୩ ଜଣ ଶ୍ରମିକ ପାଇଖାନା ଟାଙ୍କି ଭିତରକୁ ଓହ୍ଲାଇ ପଡ଼ିଥିଲେ। ଅମ୍ଳଜାନ ଅଭାବରୁ ସେମାନେ ସମସ୍ତେ ଶ୍ୱାସରୁଦ୍ଧ ହୋଇ ଯାଇଥିଲେ। ଗୃହ ମାଲିକ ବସନ୍ତ ସେମାନେ ସ୍ୱାଶରୁଦ୍ଧ ହୋଇ ଯାଇଥିବା ଜାଣିପାରି ଉଦ୍ଧାର କରିବା ପାଇଁ ଟାଙ୍କି ଭିତରକୁ ପ୍ରବେଶ କରିଥିଲେ। କିନ୍ତୁ ଗୃହ ମାଲିକ ସହ ଉପରୋକ୍ତ ୩ ଶ୍ରମିକ ଅମ୍ଳଜାନ ଅଭାବରୁ ସଂଜ୍ଞାହୀନ ହୋଇ ଯାଇଥିଲେ। ଦେହୁରୀ ପରିବାର ଓ ଗାଁ ଲୋକେ ୪ ଜଣ ସଂଜ୍ଞାହୀନ ବ୍ୟକ୍ତିଙ୍କୁ ନିକଟବର୍ତ୍ତୀ ଫାସିମାଲ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡ଼ାକ୍ତର ଉପରୋକ୍ତ ୩ ଜଣଙ୍କୁ ମୃତ ଘୋଷଣା କହିଥିଲେ। ଗୁରୁତର ଅସୁସ୍ଥ ସିଦ୍ଧାର୍ଥଙ୍କୁ ଉନ୍ନତ ଚିକିତ୍ସା ପାଇଁ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନାକୁ ପଠାଇ ଦେଇଥିଲେ। ଜମନକିରା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଏହି ଅଭାବନୀୟ ଘଟଣାର ଅନୁସନ୍ଧାନ କରୁଛି। ଟୁକୁରା ଗାଁରେ ଶୋକର ଛାୟା ଖେଳିଯାଇଛି।

## ଭୁବନେଶ୍ୱର ଏମ୍ସରୁ ୫ ଦଲାଲ ଗିରଫ

ଭୁବନେଶ୍ୱର, ୨୪/୮ (ନି.ପ୍ର): ଏମ୍ସ ଭୁବନେଶ୍ୱରରୁ ୫ ଦଲାଲଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ଓପିଡି ଟିକେଟ୍ କରାଇଦେବାକୁ କହି ରୋଗୀଙ୍କ ସମ୍ପର୍କୀୟଙ୍କୁ ଲୁଟୁଥିବା ଅଭିଯୋଗ ପାଇ ପୋଲିସ୍ ଘଟଣାସ୍ଥଳରେ ପହଂଚି ସେମାନଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରଦୀପ୍ତ କୁମାର ଗୌଡ଼, ପ୍ରକାଶ ନାୟକ, ସିଦ୍ଧେଶ୍ୱର ବେହେରା, ମନୀଷ ପଟ୍ଟନାୟକ ଓ ବିକ୍ରମ କେଶରୀ ମଲିକ। କମିଶନରେଟ୍ ପୋଲିସ୍ ର ଏସିପି (ଜୋନ୍-୩) ତପନ କୁମାର ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି, ଏମ୍ସରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଟିକେଟ କରାଇଦେବାକୁ କହି ରୋଗୀ ସମ୍ପର୍କୀୟଙ୍କ ଠାରୁ ଦଲାଲମାନେ ମୋଟା ଅଙ୍କର ଟଙ୍କା ନେଉଥିଲେ। ଅନ୍ୟ ହସ୍ପିଟାଲ ଏବଂ ନର୍ସିଂହୋମ, କ୍ଲିନିକରେ ଚିକିତ୍ସା ପାଇଁ ମଧ୍ୟ ରୋଗୀଙ୍କୁ ପ୍ରବର୍ତାଉ ଥିଲେ। ଖଣ୍ଡଗିରି ଥାନା ପୁଲିସ୍ ଖବରପାଇ ଏମାନଙ୍କୁ ମାଡ଼ିବସିଲା।

# ପାରାଦୀପ ପୌରପାଳିକା ପକ୍ଷରୁ ବେଳାଭୂମି ସଫେଇ




ପାରାଦୀପ, ୨୪/୮ (ନି.ପ୍ର): ପାରାଦୀପ ପୌର ପାଳିକା ପକ୍ଷରୁ ବିଗତ ବର୍ଷ ପରି ଚଳିତ ବର୍ଷ ସ୍ୱାୟତ ଶାସନ ଦିବସକୁ ଧୁମ ଧାମରେ ପାଳନ କରାଯିବ।ଏନେଇ ପାରାଦୀପରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ୱାୟତ ଶାସନ ଦିବସ ଅବ୍ୟବାହିତ ପୂର୍ବରୁ ପାରାଦୀପ ପୌର ପାଳିକା ପକ୍ଷରୁ ଶନିବାର ଦିନ ସକାଳେ ପାରାଦୀପ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଆହ୍ୱାନକ୍ରମେ ପାରାଦୀପ ପୌର ପରିଷଦର ପାରିଷଦମାନେ ଏବଂ ପାରାଦୀପର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହୋଇ ପାରାଦୀପ ବେଳାଭୂମି ଅଞ୍ଚଳକୁ ସଫେଇ କରିଥିଲେ । ସଂଗୃହୀତ ଅଳିଆ ଗୁଡିକୁ ପୌର ପାଳିକାର ସଫେଇ କର୍ମଚାରୀମାନେ ଅଳିଆ ପୃଥକୀକରଣ କେନ୍ଦ୍ରକୁ ନେଇଥିଲେ । ଏହି ଅବସରରେ ଆୟୋଜିତ ସମାବେଶରେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀମାନଙ୍କ ସହ ପାରାଦୀପ ଅନ୍ତେବାସୀଙ୍କୁ ଏଣେତେଣେ ଅଳିଆ ନପକେଇ ନିର୍ଦ୍ଧାରିତ ସ୍ଥାନରେ ରଖିବା ସହିତ ଘରକୁ ଘର ବୁଲି ଅଳିଆ ସଂଗ୍ରହ ଗାଡିରେ ପକାଇବାକୁ ପରାମର୍ଶ ଦେଇଥିଲେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା । ପାରାଦୀପର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡିକ ଏହି କାର୍ଯ୍ୟରେ ସାମିଲ ହୋଇ ପାରାଦୀପର ପରିବେଶ ସୁରକ୍ଷା ଦିଗରେ ସହାୟକ ହୋଇଥିବାରୁ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।ଏଥିରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସମେତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଭାରତୀୟ ତଟରକ୍ଷୀ ଅଧିକାରୀ ଚନ୍ଦ୍ରମା ସିଂହ, ପାରାଦୀପ ମହାବିଦ୍ୟାଳୟ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ଗୋଆ କାର୍ବନ ଜିଏମ ବେନୁ ଗୋପାଳ ନାଇଡୁ, ବରିଷ୍ଠ ନାଗରିକ ଡ଼ଃ. କୈଳାଶ ମହାରଣା, ଏସିଇ କମର୍ସିଆଲ ଅଧିକାରୀ ଅକ୍ଷୟ ସୁତାର, ମନସା ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଉତ୍ସାହିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ପାରାଦୀପ ଗ୍ରୀନ ଟ୍ରଷ୍ଟ, ମନସା ଚାରିଟେବୁଲ ଟ୍ରଷ୍ଟ, ସତଭିକ ସୋଲ ଫାଉଣ୍ଡେସନ, ବାବା ବାଲୁଙ୍କେଶ୍ୱର, ନୀଳଚକ୍ର, ବିବେକାନନ୍ଦ ୟୁଥ କ୍ଲବ, ଆହ୍ୱାନ କମ୍ବାଇନ୍ସ, ଅସହାୟ କଲ୍ୟାଣ ସମିତି, ପାରାଦୀପ ନାଗରିକ ମଞ୍ଚ, ରୋଟାରୀ କ୍ଲବ, ପାରାଦୀପ ମହାବିଦ୍ୟାଳୟ ଏନସିସି କ୍ୟାଡେଟ, କୋଷ୍ଟ ଗାର୍ଡ, ଲଫିଙ୍ଗ କ୍ଲବ ଇତ୍ୟାଦି ସଂଗଠନ ଓ ଅନୁଷ୍ଠାନର ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇ ସମୁଦ୍ର ବେଳା ଭୂମି ସଫେଇ କରିଥିଲେ ।

ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ର ୩୫ ତମ ବାର୍ଷିକ ଉତ୍ସବ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା। ଧ୍ୱନି ପ୍ରତିଧ୍ୱନିର ଚଲାପଥ କୁସୁମିତ ହେଉ ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ବସନ୍ତ କୁମାର ରାଉତ
ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ,
ପ୍ରତାପପୁର
ସିଆରସିସି -କଉମାରୀ କ୍ଲଷ୍ଟର


ଦୈନିକ ଖବରକାଗଜ ଧ୍ୱନି ପ୍ରତିଧ୍ୱନିର ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲିଆପାଳ ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବାଲିଆପାଳ ବ୍ଲକ ଅଞ୍ଚଳରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛି ।

ସୁନିଲ୍ କୁମାର ଦାସ
କନିଷ୍ଠ ଯନ୍ତ୍ରୀ ପୂର୍ତ୍ତ ବିଭାଗ ବାଲିଆପାଳ

## କାଳରୁଇଠାରେ ମହିଳା ଓ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ବିଶ୍ୱାସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲିଆପାଳ/ଲଙ୍ଗଳେଶ୍ୱର, ୨୪/୮ (ନି.ପ୍ର): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର କାଳରୁଇ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ 'ବିଶ୍ୱାସ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ମହିଳା ଓ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ସହିତ ସାନିଟାରୀ ନାପକିନର ବ୍ୟବହାର ଓ ତାର ନିରାପଦ ବିନଷ୍ଟି କରଣ ଉପରେ ତାଲିମ ପ୍ରଦାନ କରାଯିବା ସହିତ କିଶୋରୀ ବାଳିକା ଓ ମହିଳାଙ୍କୁ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିଲା।କାର୍ଯ୍ୟକ୍ରମ ସଂଯୋଜୀକା ଦିପ୍ତୀମୟୀ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାମକୁଣ୍ଡା ସରପଞ୍ଚ କାଞ୍ଚନବାଳା ମାହାନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି କାର୍ଯ୍ୟ କ୍ରମ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଆଜିବି ଗ୍ରାମାଞ୍ଚଳର ମହିଳା ମାନେ ନିଜର ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ଅନଭିଜ୍ଞ ଅଛନ୍ତି। ସେମାନଙ୍କୁ ଏହିପରି କର୍ମଶାଳା ମାଧ୍ୟମରେ ସଚେତନ କରାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆଇସିଡିଏସର ସୁପରଭାଇଜର ଶୀତଳ ସମିତା ମାଝୀ ଓ ଶୀଲାରାଣୀ ସାହୁ ଯୋଗଦେଇ ୧୦ରୁ ୧୯ ବର୍ଷର କିଶୋରୀ ବାଳିକା ଓ ମହିଳା ମାନଙ୍କର ସ୍ୱାସ୍ଥ୍ୟ ରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଉପସ୍ଥିତ କିଶୋରୀ ଓ ମହିଳାମାନଙ୍କୁ ସଚେତନ କରି ସମସ୍ତେ ସାନିଟାରୀ ନାପକିନ ବ୍ୟବହାରକୁ ଆପଣେଇବା ପାଇଁ ଉପଦେଶ ଦେଇଥିଲେ। ଅଙ୍ଗନୱାଡ଼ିକର୍ମୀ ରତ୍ନମଣି ବେହେରା, ସୁଦକ୍ଷିଣା ମଣ୍ଡଳ, ଆଶା ତିଳଉମା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ। ବିଶ୍ୱାସ ସମ୍ପାଦକ ସମାଜସେବୀ ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିବା ବେଳେ ଉତ୍ତମ କୁମାର ପିଳା,ପରେଶ କୁମାର କର,ସତ୍ୟରଞ୍ଜନ ମଣ୍ଡଳ ସହଯୋଗ କରିଥିଲେ।

ପ୍ରକାଶ ପାଇଛି ...
ଜ୍ୟୋସ୍ନା ମିଶ୍ର ପାଣିଗ୍ରାହୀଙ୍କ
ଶେଷ ବସନ୍ତର ଅଶ୍ରୁ






ରଚିତ ଜୀବନଧର୍ମୀ, ବାସ୍ତବ ଘଟଣା ପ୍ରବାହର ଏକ ସୁଖପାଠ୍ୟ ଗଳ୍ପ ସଂକଳନ

ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର


ଧ୍ୱନି ପ୍ରତିଧ୍ୱନିର ୩୫ ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ, ଏତିକି କାମନା।

ସ୍ମୃତି ଦାସ
ଗାଳ୍ପିକା ଓ ସମାଜସେବୀ, ମାଣିଖମ୍ବ, ବାଲେଶ୍ୱର










❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo